

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୮ ଫେବୃୟାରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 08 FEBRUARY 2021
Vol.No. 31 ■ No. 37 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇ୍ଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦେବଭୂମି ଉତ୍ତରାଖଣ୍ଡରେ ହିମସ୍ଖଳନ

## ଜଳ ପ୍ରଳୟରେ ଶତାଧିକ ମୃତାହତ ଆଶଙ୍କା, ସର୍ବାଧିକ ପ୍ରଭାବିତ ହେଲା ଋଷିଗଙ୍ଗା



ଉତ୍ତରାଖଣ୍ଡ,୦୭।୦୨ (ନି.ପ୍ର): ୨୦୧୩ ପରେ ଉତ୍ତରାଖଣ୍ଡରେ ପୁଣି ଆସିଛି ପ୍ରଳୟ । ସେତେବେଳେ ବାଦଲ ଫଟା ବର୍ଷା ଆଣିଥିଲା ଜଳପ୍ରଳୟ, ଏବେ ହିମସ୍ଖଳନ ଆଣିଛି ଭୟାନକ ଚିତ୍ର । ପ୍ରକୃତିର ତାଣ୍ଡବ ଦେବଭୂମି ଉତ୍ତରାଖଣ୍ଡରେ ଭୟାବହତା ସୃଷ୍ଟି କରିଛି । ପାହାଡ଼ ଉପରୁ କ୍ଷୀପ୍ର ବେଗରେ ଜଳସ୍ରୋତ ମାଡି ଆସିଥିଲା । ହିମସ୍ଖଳନ ପରେ ଭୀଷଣ ଆକାର ନେଇ ମାଡି ଆସିଥିବା ଜଳଶ୍ରୋତ ଋଷିଗଙ୍ଗା ଶକ୍ତି ପ୍ରକଳ୍ପକୁ ପ୍ରଭାବିତ କରିଛି । ଆଖି ପିଛୁଳାକେ ପାହାଡ ଉପରୁ ମାଡି ଆସୁଥିବା ହିମସ୍ଖଳନ, ଶକ୍ତିଶାଳୀ କଂକ୍ରିଟ ଓ ଲୁହାରେ ନିର୍ମିତ ବନ୍ଧଙ୍କୁ ବି ଭସେଇ ନେଇଛି ।

▶▶ପୃଷ୍ଠା ୭

## ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଉତ୍ତରାଖଣ୍ଡ,୦୭।୦୨ (ନି.ପ୍ର): ଉତ୍ତରାଖଣ୍ଡରେ ଭୟଙ୍କର ଜଳପ୍ରଳୟ । ମତୃକଙ୍କ ପରିବାର ପାଇଁ ଅନୁକମ୍ପା ରାଶି ଘୋଷଣା କଲେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂହ ରାୱତ । ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପରିବାରକୁ ସରକାର ୪ ଲକ୍ଷ ଲେଖାଏଁ ଟଙ୍କା ଦେବେ ବୋଲି ଘୋଷଣା କରିଛନ୍ତି । ଏଥିସହ ଏହି ଭୟଙ୍କର ଜଳପ୍ରଳୟ ନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ ମୋଦି କଥା ହୋଇଛନ୍ତି । ସେଠାରେ ଏବେ ଉଦ୍ଧାରକାରୀ ଦଳ ଜୋରସୋରରେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ସୂଚନା ରହିଛି । ତେବେ ଏବେ ବି ସବୁ ଲୋକ ଉଦ୍ଧାର ହୋଇପାରିନାହାନ୍ତି । ଏଯାବତ ଏହି ଘଟଣାରେ ୧୦ ଜଣ ଲୋକ ମୃତ୍ୟୁବରଣ କରିଥିବା ସୂଚନା ରହିଛି ।

# ୪ ହଜାର ୭ ଶହ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ କଲେ ମୋଦି



ପଶ୍ଚିମବଙ୍ଗ,୦୭।୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦି ଆଜି ପଶ୍ଚିମବଙ୍ଗ ଗସ୍ତରେ ଯାଇ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ସଡକ ପରିବହନ ବିଭାଗର ୪ଟି ବିକାଶମୂଳକ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଶୁଭାରମ୍ଭ କରିଛନ୍ତି । ମୋଟ୍ ୪ ହଜାର ୭ଶହ କୋଟିରୁ ଅଧିକ ଏହି ପ୍ରକଳ୍ପକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରି ମୋଦି କହିଛନ୍ତି, ଉଜ୍ଜ୍ୱଳା ଯୋଜନା ପରେ ଏଲପିଜି ଗ୍ୟାସ ସଂଯୋଗ ଏବଂ ଚାହିଦା ଉଭୟ ବୃଦ୍ଧି ପାଇଛି । ତେଣୁ ଏଲପିଜି ଗ୍ୟାସ ଭିତ୍ତିଭୂମିକୁ ମଜଭୂତ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି । ପ୍ରଧାନମନ୍ତ୍ରୀ ଆଜି ପଶ୍ଚିମବଙ୍ଗର ୨ ହଜାର ୪୩୩ କୋଟିର ଢୋବି-ଦୁର୍ଗାପୁର ପ୍ରାକୃତିକ ଗ୍ୟାସ ପାଇପଲାଇନକୁ ଲୋକାର୍ପିତ କରିଛନ୍ତି । ସେହିପରି ହଲଦିଆଠାରେ ହଜାରେ କୋଟି ଟଙ୍କାରେ ନିର୍ମିତ ଏଲପିଜି ଇମ୍ପୋର୍ଟ ଟର୍ମିନାଲକୁ ଶୁଭାରମ୍ଭ କରିଛନ୍ତି ମୋଦି । ଏହା ଓଡିଶା ସମେତ ପୂର୍ବ ଭାରତର ଏଲପିଜି ଆବଶ୍ୟକତାକୁ ପୂରଣ କରିବ ।

▶▶ପୃଷ୍ଠା ୭

## ଉତ୍ତରାଖଣ୍ଡ ହିମସ୍ଖଳନ ଘଟଣାରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୭।୦୨ (ନି.ପ୍ର): ଉତରାଖଣ୍ଡରେ ହିମସ୍ଖଳନ ଯୋଗୁଁ ଶତାଧିକ ଲୋକ ନିଖୋଜ ଘଟଣାରେ ଓଡିଶା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହିତ ପ୍ରଭାବିତ ହୋଇଥିବା ଲୋକଙ୍କ ପରିବାର ଓ ବନ୍ଧୁଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ ଉତରାଖଣ୍ଡର ଜୋଶିମଠରେ ଗ୍ଲେସିୟର ଭାଙ୍ଗିବା କାରଣରୁ ହୋଇଥିବା ଅଚାନକ୍ ବନ୍ୟାରେ ଲୋକଙ୍କ ନିଖୋଜ ବିଷୟରେ ଜାଣି ମୁଁ ଦୁଃଖିତ। ପ୍ରଭାବିତ ଲୋକଙ୍କ ପରିବାର ଓ ପରିଜନଙ୍କ ପ୍ରତି ମୋର ସମବେଦନା ରହିଛି।

# ଏନ୍‌ଏମ୍‌ଏକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଚିଠି

## ଡ୍ରାଫ୍ଟ ବାଇ-ଲ'ବିଜ୍ଞପ୍ତି ପ୍ରତ୍ୟାହାର କରିବାକୁ ଅନୁରୋଧ

ଭୁବନେଶ୍ୱର,୦୭।୦୨ (ନି.ପ୍ର): ଶ୍ରୀଜୀଉ, ସେବାୟତ ଏବଂ ଭକ୍ତମାନଙ୍କର ସ୍ୱାର୍ଥରକ୍ଷା ପ୍ରତି ଦୃଷ୍ଟି ଦେଇ ଡ୍ରାଫ୍ଟ ବାଇ-ଲ' ସଂକ୍ରାନ୍ତ ବିଜ୍ଞପ୍ତି ପ୍ରତ୍ୟାହାର କରିନେବା ଲାଗି ଅନୁରୋଧ କରି ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ଜାତୀୟ କୀର୍ତିରାଜି କର୍ତୃପକ୍ଷ (ଏନ୍‌ଏମ୍‌ଏ)କୁ ପତ୍ର ଲେଖିଛନ୍ତି। କ୍ରିଷନ୍ କୁମାର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଅନାଦି କାଳରୁ ଶ୍ରୀଜଗନ୍ନାଥ ଓଡ଼ିଆ ଏବଂ ଭାରତ ତଥା ସମଗ୍ର ବିଶ୍ୱର କୋଟି କୋଟି ହିନ୍ଦୁମାନଙ୍କର ଆରାଧ୍ୟ ଦେବତା ହୋଇଥିବାରୁ ସେମାନଙ୍କର ବିଶ୍ୱାସ, ଧର୍ମଧାରା ଓ ଅଧ୍ୟାତ୍ମିକତାରେ କର୍ତୃପକ୍ଷମାନେ ହସ୍ତକ୍ଷେପ କରିବା ପୂର୍ବରୁ କେତେକ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ଶ୍ରୀମନ୍ଦିର ଏବଂ ଏହାର ସମସ୍ତ ସମ୍ପତି ଶ୍ରୀଜଗନ୍ନାଥଙ୍କର। ଜମିପଟ୍ଟାରେ ମଧ୍ୟ ଏହାର ରେକର୍ଡ ରହିଛି। ମନ୍ଦିର, ସେବାୟତ ଏବଂ ପ୍ରଭୁଙ୍କର ସମସ୍ତ ସମ୍ପତିର ପରିଚାଳନା ନିମନ୍ତେ 'ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫' ଆଧାରରେ 'ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି' (ଏସ୍‌ଜେଟିଏମ୍‌ସି) ଗଠନ କରାଯାଇଛି । ପୁରାତନ କୀର୍ତିରାଜିଗୁଡ଼ିକର ସଂରକ୍ଷଣ ନିମନ୍ତେ ୧୯୭୯ ମସିହା ଅଗଷ୍ଟ ୨୨ ତାରିଖରେ 'ଏସ୍‌ଜେଟିଏମ୍‌ସି' ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ସହ ରାଜିନାମା କରିଥିଲା। ସେତେବେଳେ ମଧ୍ୟ ମନ୍ଦିରର କେତେକ ସଂରକ୍ଷଣ ନିମନ୍ତେ ସବୁଦିଗକୁ ଧ୍ୟାନ ଦିଆଯାଇ ଏହି ରାଜିନାମାରେ

▶▶ପୃଷ୍ଠା ୭

# ଆଜିଠାରୁ ନବମ ଓ ଏକାଦଶ ଶ୍ରେଣୀର ପାଠପଢା



ଭୁବନେଶ୍ୱର,୦୭।୦୨ (ନି.ପ୍ର): ଆଜିଠାରୁ ନବମ ଓ ଏକାଦଶ ଶ୍ରେଣୀର ପିଲା ସ୍କୁଲ ଯିବେ। କୋଭିଡ୍ କଟକଣା ଭିତରେ ପିଲାମାନେ ସ୍କୁଲ ଆସି ପାଠ ପଢିବେ । ୯ମ ଏବଂ ୧୧ଶ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଠପଢା ଏପ୍ରିଲ୍ ୩୦ ତାରିଖ ପର୍ଯ୍ୟନ୍ତ କ୍ଲାସ୍ ଚାଲିବ। ପୂର୍ବରୁ ୧୦ମ ଓ ଦ୍ୱାଦଶ ଶ୍ରେଣୀ ପାଠପଢା ଆରମ୍ଭ ହୋଇସାରିଥିବା ବେଳେ ଗତ ୧ ତାରିଖରେ ନବମ ଓ ଏକାଦଶ ଶ୍ରେଣୀ ଖୋଲିବା ନେଇ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁଯାୟୀ ୯ମ ଏବଂ ୧୧ଶ ଶ୍ରେଣୀ ବିଦ୍ୟାର୍ଥୀଙ୍କ ପାଠପଢା ସୋମବାର ଠାରୁ ଶନିବାର ସକାଳ ୮.୩୦ରୁ ୧୦.୩୦ ପର୍ଯ୍ୟନ୍ତ ହେବ ଏବଂ ରବିବାର ବନ୍ଦ ରହିବ। ତେବେ ସ୍ଥାନୀୟ ପାଣିପାଗକୁ ଦୃଷ୍ଟିରେ ରଖି ସମୟ ପରିବର୍ତନ କରାଯାଇପାରିବ। ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ନବମ ଓ ଏକାଦଶ ଶ୍ରେଣୀର ପିଲାଙ୍କ ପାଇଁ ଏକ ୟୁନିଟ ଟେଷ୍ଟ ହେବ ଏବଂ ବାର୍ଷିକ ପରୀକ୍ଷା

▶▶ପୃଷ୍ଠା ୭

# ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ଯୌନ ନିର୍ଯାତନା ଘଟଣାରେ ସମ୍ପାଦକ ଗିରଫ

ଭୁବନେଶ୍ୱର,୦୭।୦୨ (ନି.ପ୍ର): ଭୁବନେଶ୍ୱର ପଲାସପଲ୍ଲୀସ୍ଥିତ ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ସେକ୍ସ କାରବାର ମାମଲାରେ କେନ୍ଦ୍ରର ସାଧାରଣ ସମ୍ପାଦକ ସୁରେଶ ବେହେରାଙ୍କୁ ଗିରଫ କରାଯାଇଛି। ସେକ୍ସ କାରବାର ଓ ଦିବ୍ୟାଙ୍ଗଙ୍କୁ ନିର୍ଯାତନା ମାମଲାରେ ମୁଖ୍ୟ ଅଭିଯୁକ୍ତ ସୁରେଶ ବେହେରାଙ୍କୁ ଶୁକ୍ରବାର ଅଟକ ରଖାଯାଇଥିଲା। ଏହି ମାମଲାରେ୬ ଜଣଙ୍କୁ ବି ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଡିଏସ୍‌ଏସ୍‌ଓ ସଂଗ୍ରାମ ଦାସ ,କଟକର ଜଣେ ରାଣୀ ମହୁମାଛି, ଭୁବନେଶ୍ୱରର ଜଣେ ଦଲାଲ ଓ ସଂପୃକ୍ତ ଅନୁଷ୍ଠାନର ଜଣେ କର୍ମୀକୁ ରହିଛନ୍ତି। ଭୁବନେଶ୍ୱର କମିସନରେଟ ପୁଲିସ ଉମାଶଙ୍କର ଦାସ ଏହି ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ଭିନ୍ନକ୍ଷମମାନଙ୍କୁ ତାଲିମ୍ ଦେଇ ଆତ୍ମନିର୍ଭରଶୀଳ କରିବା ପାଇଁ ପଲାସପଲ୍ଲୀଠାରେ ନିଖିଳ ଉତ୍କଳ ଶାରିରୀକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ନାମକ ଅନୁଷ୍ଠାନ କାମ କରୁଛି। ସୁରେଶ ବେହେରା ଏଠାରେ ପୂର୍ବରୁ କୋଷାଧ୍ୟକ୍ଷ ଥିଲେ। ପରେ ସେ ସମ୍ପାଦକ ପଦ ମାଡ଼ି ବସିଥିଲେ। ସେ ସମ୍ପାଦକ ହେବା ପରେ ତାଙ୍କ ବିରୋଧରେ ଅର୍ଥ ହେରଫେରଠୁ ନେଇ ଯୌନ କେଲେଙ୍କାରୀ ପର୍ଯ୍ୟନ୍ତ ବାରମ୍ବାର ନାନା ଅଭିଯୋଗ ଆସିଥିଲା।

## କୋରାପୁଟ ଗସ୍ତରେ ପୁଲିସ ଡିଜି

### ମାଓବାଦୀ ମୁକାବିଲା ନେଇ ପ୍ରସ୍ତୁତ ହୋଇପାରେ ନୂଆ ରଣନୀତି



ଭୁବନେଶ୍ୱର,୦୭।୦୨ (ନି.ପ୍ର): କୋରାପୁଟ ଗସ୍ତରେ ପୋଲିସ ଡ଼ିଜି ଅଭୟ । ଆଇନ ଶୃଂଖଳା ଓ ମାଓ ମୁକାବିଲା ନେଇ କୋରାପୁଟ ଡିଆଇଜିଙ୍କ କାର୍ଯ୍ୟାଳୟରେ ସମିକ୍ଷା କରିଛନ୍ତି ପୋଲିସ ଡ଼ିଜି । ଅତିରିକ୍ତ ଡ଼ିଜି ଯଶୋବନ୍ତ ଜେଠୁଆ ଏବଂ ୬ଟିଜିଲ୍ଲାର ଏସପିଙ୍କ ବରିଷ୍ଠ ପୋଲିସ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ । ପୋଲିସ ରିଜର୍ଭ କାର୍ଯ୍ୟାଳୟର ନୂତନ କୋଠା ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେବେ ପୋଲିସ ଡ଼ିଜି ।

## ଆଜି ଠାରୁ ଭାରତ-ଆମେରିକା ମଧ୍ୟରେ ମିଳିତ ସମରାଭ୍ୟାସ

ନୂଆଦିଲ୍ଲୀ,୦୭।୦୨: ଆଜିଠାରୁ ପାକିସ୍ତାନ ସୀମାନ୍ତରେ ଭାରତ-ଆମେରିକାର ସୈନ୍ୟମାନେ ଦୁଇ ସପ୍ତାହ ଧରି ମିଳିତ ସମରାଭ୍ୟାସ କରିବେ । ଏନେଇ ରବିବାର ଦିନ ଆମେରିକାର ସୈନ୍ୟମାନେ ରାଜସ୍ଥାନରେ ପହଂଚିଥିବା ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି । ଏକ ସ୍ୱତନ୍ତ୍ର ବିମାନ ଯୋଗେ ୨୭୦ ଜଣ ଆମେରିକୀୟ ସୈନ୍ୟ ରାଜସ୍ଥାନରର ସୁରଟଗଡରେ ପହଂଚିଥିବା କହିଛନ୍ତି ପ୍ରତିରକ୍ଷା ଅଧିକାରୀ । ସେମାନେ ରାଜସ୍ଥାନରେ ପହଂଚିବାରେ ସମରାଭ୍ୟାସ ସ୍ଥଳି 'ମହାଜନ ଫିଲ୍ଡ ଫାଇରିଂ ରେଞ୍ଜ' ଅଭିମୁଖେ ଯାତ୍ରା କରିଥିବା ପ୍ରତିରକ୍ଷା ମୁଖପାତ୍ର କର୍ଣ୍ଣେଲ ଅମିତାଭ ଶର୍ମା କହିଛନ୍ତି । 'ମହାଜନ ଫିଲ୍ଡ ଫାଇରିଂ ରେଞ୍ଜ' ଏହା ହେଉଛି ଆମେରିକା ସମରାଭ୍ୟାସର ୧୬ ଶ ସଂସ୍କରଣ ବୋଲି ସେ ସୂଚନା ଦେଇଛନ୍ତି । ଏହି ସମରାଭ୍ୟାସ ଫେବୃଆରୀ ମାସ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଆମେରିକାରେ ବାଇଡେନ ରାଷ୍ଟ୍ରପତି ହେବା ପରେ ଏହା ପ୍ରଥମ ମିଳିତ ସମରାଭ୍ୟାସ ।

## ଓଡିଶାରେ ପଶି ନିର୍ବାଚନ କରିବାକୁ ଚାହୁଁଥିବା ଆନ୍ଧ୍ର ପ୍ରଦେଶକୁ ଝଟକା

# ନିର୍ବାଚନରୁ ଓହରିଲେ ଓଡିଆ ପ୍ରାର୍ଥୀ

ଭୁବନେଶ୍ୱର,୦୭।୦୨ (ନି.ପ୍ର): ପଣ୍ଡ ହେଲା ପଡୋଶୀର ଚାଲ । ଓଡିଶାରେ ପଶି ନିର୍ବାଚନ କରିବାକୁ ଚାହୁଥିବା ଆନ୍ଧ୍ର ପ୍ରଦେଶକୁ ଲାଗିଛି ଝଟ୍କା । ଗଜପତି ଜିଲ୍ଲା ପ୍ରଶାସନର ଚାପ ପରେ ଆନ୍ଧ୍ରପ୍ରଦେଶ ନିର୍ବାଚନରୁ ଓହରି ଗଲା ଓଡିଶାର ପ୍ରାର୍ଥୀ । ନାମାଙ୍କନ ପ୍ରତ୍ୟାହାର କରିଛନ୍ତି ଗଜପତିର ଲକ୍ଷ୍ମୀ ସବର । ଆନ୍ଧ୍ର ସୋବା ପଂଚାୟତ ନିର୍ବାଚନରେ ୱାର୍ଡ ମେମ୍ବର ପ୍ରାର୍ଥୀ ଭାବେ ଭରିଥିଲେ ନାମାଙ୍କନ । ଗତ କିଛି ଦିନ ହେଲା ଆନ୍ଧପ୍ରଦେଶ ଜୋର ଜବରଦସ୍ତ ଓଡିଶା ସୀମାରେ ପଶି ପଞ୍ଚାୟତ ନିର୍ବାଚନ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଛି । ଏଥିରେ କିଛି ଓଡିଶାର ପ୍ରାର୍ଥୀ ମଧ୍ୟ ନାମାଙ୍କନ କରିଥିଲେ । ଏବେ ଗଜପତି ଜିଲ୍ଲା ପ୍ରଶାସନର ଚାପ ଫଳରେ ଲକ୍ଷ୍ମୀ ସବର ନିଜର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି ।

# ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ପୁରୀ,୦୭।୦୨ (ନି.ପ୍ର): ପୁରୀ ଜେଲ୍ ରେ ଜଣେ ବିଚାରାଧିନ କଏଦୀଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ଶ୍ରୀଧର ଦାସ । ସେ ଅସୁସ୍ଥ ଅନୁଭବ କରିବାରୁ ଜେଲ୍ କର୍ତୃପକ୍ଷ ତାଙ୍କୁ ପୁରୀ ମେଡ଼ିକାଲରେ ଭର୍ତି କରିଥିଲେ । ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏକ ଘରୋଇ ଗଣ୍ଡଗୋଳ ମାମଲାରେ ସେ ଗିରଫ ହୋଇ ଜେଲ୍ ରେ ବିଚାରଧିନ କଏଦୀ ଭାବେ ଥିଲେ । ଅନ୍ୟପକ୍ଷରେ ଶ୍ରୀଧରଙ୍କ ସ୍ୱାଭାବିକ୍ ମୃତ୍ୟୁ ଘଟିନାହିଁ ବରଂ ତାଙ୍କୁ ମାରି ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି ଶ୍ରୀଧରଙ୍କ ପରିବାର ଲୋକେ ଓ ସମ୍ପର୍କୀୟ । ମୃତକଙ୍କ ପରିବାର ପକ୍ଷରୁ ଏନେଇ ରାମଚଣ୍ଡୀ ଥାନାରେ ଲିଖିତ ଅଭିଯୋଗ ପତ୍ର ଦାୟର୍ ହୋଇଛି । ତେବେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ଗାଇଡ୍ ଲାଇନ୍ ଅନୁସାରେ ମାମଲାର ତଦନ୍ତ ହେବ ବୋଲି କହିଛନ୍ତି ପୁରୀ ଏସପି ଡଃ. କେ. ବିଶାଳ ସିଂହ ।

# ଆସନ୍ତାକାଲିଠୁ ପୁଣି ବଢ଼ିବ ଥଣ୍ଡା : ୪ଡିଗ୍ରୀ ଖସିବ ପାରଦ



ଭୁବନେଶ୍ୱର,୦୭।୦୨ (ନି.ପ୍ର): ଆସନ୍ତା ୮ ତାରିଖରୁ ରାଜ୍ୟରେ ପୁଣି ଥଣ୍ଡା ବଢ଼ିବ। ପାରଦ ପାଖାପାଖି ୪ ଡିଗ୍ରୀ ପର୍ଯ୍ୟନ୍ତ ଖସିବା ସହ ଶୀତ ଲହରି ପ୍ରଭାବିତ ହେବ। ୧୦ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏପରି ସ୍ଥିତି ଲାଗି ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏପରି ଆକଳନ କରିବା ସହ ଏହି ୩ ଦିନ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ରାତିରେ ବାହାରକୁ ନ ବାହାରିବାକୁ ପରାମର୍ଶ ଦେଇଛି। କେନ୍ଦ୍ରର ସୂଚନା ଅନୁଯାୟୀ, ଦୁଇ ଦିନ ହେଲା ରାଜ୍ୟକୁ ପଶ୍ଚିମା ପବନ ପ୍ରବାହିତ ହେଉଥିବାରୁ ଶୀତ ପ୍ରକୋପ ଅପେକ୍ଷାକୃତ କମ୍ ରହିଥିଲା। ରାଜ୍ୟର ସମସ୍ତ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ତାପମାତ୍ରା ଏହିଭଳି ରହିବ । ତେବେ ୮ ତାରିଖ ବେଳକୁ ସ୍ଥିତି ପରିବର୍ତ୍ତନ ହୋଇଯିବ। ରାଜ୍ୟରୁ ପଶ୍ଚିମା ପବନ ଅପସାରିତ ହୋଇଯିବା ସହ ଉତ୍ତରା ଥଣ୍ଡା ଓ ଶୁଷ୍କ ପବନ ବିନା ବାଧାରେ ପ୍ରବାହିତ ହେବ। ଏଥିଯୋଗୁଁ ଶୀତ ପ୍ରକୋପ ବଢ଼ିବ। ପ୍ରାୟ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ରାଜ୍ୟର ପାରଦ ନିମ୍ନଗାମୀ ହେବ । କେନ୍ଦ୍ର କହିଛି, ବିଶେଷକରି ୮ ତାରିଖରୁ ଆଭ୍ୟନ୍ତର ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଶୀତ ଲହରି ପ୍ରବାହ ଯୋଗୁଁ ଶୀତର ପ୍ରକୋପ ବଢ଼ିବ। ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ ଓ ଦେବଗଡ଼ ଆଦି ଜିଲ୍ଲାରେ ଶୀତ ଲହରି ପ୍ରବାହିତ ହେବ । ସେହିପରି ୯ ତାରିଖ ଦିନ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଦେଓଗଡ଼, ସମ୍ବଲପୁର, ବରଗଡ଼, ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଓ ସୋନପୁରରେ ଅତ୍ୟଧିକ ଶୀତ ଲହରି ପ୍ରବାହ ଯୋଗୁଁ ଶୀତ ବଢ଼ିବ ।

▶▶ପୃଷ୍ଠା ୭

## କରୋନା ଟୀକାକରଣରେ ବିହାର ପ୍ରଥମ ସ୍ଥାନରେ, ମଧ୍ୟପ୍ରଦେଶକୁ ମିଳିଛି ଦ୍ୱିତୀୟ ସ୍ଥାନ

ପାଟନା,୦୭।୦୨ (ନି.ପ୍ର): ବିହାର କରୋନା ଟୀକାକରଣ ମାମାଲାରେ ଦେଶର ପ୍ରଥମ ସ୍ଥାନରେ ପହଂଚିଛି । ରାଜ୍ୟରେ ୭୬.୬ ପ୍ରତିଶତ କରୋନା ଟୀକାକରଣ ସହିତ ଦେଶର ସର୍ବୋଚ୍ଚ ସ୍ଥାନରେ ପହଂଚିଛି । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ଶନିବାର ବିଳମ୍ବିତ ରାତିରେ ଜାରି ହୋଇଥିବା ସଂଖ୍ୟା ଅନୁସାରେ ସ୍ୱାସ୍ଥ୍ୟକର୍ମୀମାନେ

▶▶ପୃଷ୍ଠା ୭

## ୭ମ ଶିଶୁପାଳଗଡ ମହୋତ୍ସବ ଅନୁଷ୍ଠିତ : ବିଶିଷ୍ଟ ସାହିତ୍ୟିକ ଡଃ. ବିଭୂତି ପଟ୍ଟନାୟକ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୭।୨ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠ ଶିଶୁପାଳଗଡର ଐତିହ୍ୟ ଓ ସଂସ୍କୃତି ବହୁ ପୁରାତନ । ପ୍ରାଚୀନ କଳିଙ୍ଗ ସମ୍ରାଟ ଐର ଖାରବେଳଙ୍କର ଏହା ଥିଲା ରାଜଧାନୀ ଓ ଦୁର୍ଗ । ଏହି ମହାନ୍ ସମ୍ରାଟ୍‌ଙ୍କ ପରାକ୍ରମ, ସୁ-ଶାସନ ଓ ଲୋକପ୍ରିୟତା କଳିଙ୍ଗ ରାଜ୍ୟକୁ ଏକ ସମୃଦ୍ଧ ଓ ଅଗ୍ରଣୀ ରାଜ୍ୟ ଭାବେ ସମଗ୍ର ଭାରତ ବର୍ଷରେ ପ୍ରତିଷ୍ଠିତ କରିଥିଲା, ଯାହାର ମୁକସାକ୍ଷୀ ହେଉଛି ବର୍ତ୍ତମାନର ଶିଶୁପାଳଗଡ । ଓଡିଶାର ଇତିହାସ, ସଭ୍ୟତା, ସଂସ୍କୃତି, କଳା, ଭାସ୍କର୍ଯ୍ୟକୁ ବିଶ୍ୱ ଦରବାରରେ ପରିଚିତ କରିବା ପାଇଁ ସମ୍ରାଟ ଖାରବେଳଙ୍କ ଅବଦାନ ଅତୁଳନୀୟ ରହିଥିଲା । ଆଜି ସେହି ସ୍ମୃତିକୁ ପାଥେୟ କରି ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜଧାନୀ ଭୁବନେଶ୍ୱରରେ ଏକ ପ୍ରମୁଖ ପ୍ରାଶାସନିକ ସୌଧକୁ ଖାରବେଳ ନାମରେ ନାମିତ କରି ପ୍ରାଚୀନ କଳିଙ୍ଗର ଐତିହ୍ୟକୁ ଉଜ୍ଜୀବିତ କରିଛନ୍ତି ବୋଲି ଆଜି ସଂଧ୍ୟାରେ ସ୍ଥାନୀୟ ହୋଟେଲ କଳିଙ୍ଗ ଅଶୋକଠାରେ 'କଳିଙ୍ଗ ଐତିହ୍ୟ ଓ ସଂସ୍କୃତି ସୁରକ୍ଷା ମଂଚ (କାପୋକ)' ତରଫରୁ ଅନୁଷ୍ଠିତ ୭ମ ଶିଶୁପାଳଗଡ ମହୋତ୍ସବରେ ଯୋଗଦେଇ ଅତିଥି ଓ ବକ୍ତାମାନେ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବନ୍ଦେ ଉତ୍କଳ ଜନନୀ ସ୍ୱାଗତ ସଂଗୀତ ପରିବେଷଣ ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । କାପୋକ ଅନୁଷ୍ଠାନର ସଭାପତି ତଥା ଓଡିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ଅଧ୍ୟକ୍ଷ ଶ୍ରୀ ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜ୍ଞାନ ଓ କାରିଗରୀ , ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ ଯେ, ଖାରବେଳ ଭବନ ପାଇଁ ଆମେ ଗର୍ବିତ । ଆମର ପ୍ରାଚୀନ କୀତିରାଜିର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରି ରାଜ୍ୟ ସରକାର ଐତିହ୍ୟ ପ୍ରକଳ୍ପ ଜରିଆରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀକ୍ଷେତ୍ରର ସୌନ୍ଦର୍ଯ୍ୟକରଣ, ଏକାମ୍ର ପ୍ରକଳ୍ପ ଜରିଆରେ ଲିଙ୍ଗରାଜ ମନ୍ଦିର ଓ ପାରିପାର୍ଶ୍ୱିକ କ୍ଷେତ୍ରର ବିକାଶ ଉପରେ ପଦକ୍ଷେପ ନେଇଥିବା ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଆମେ ଆମର ଐତିହ୍ୟ, ସଂସ୍କୃତି ଓ ପୂର୍ବସୂରୀମାନଙ୍କ ସଂପର୍କରେ ଅଧିକରୁ ଅଧିକ ଅନୁଧ୍ୟାନ କରି ଓ ବର୍ତ୍ତମାନ ତଥା ଆଗାମୀ ପିଢିମାନଙ୍କ ନିକଟରେ ସେସବୁ ଉପସ୍ଥାପନ କରିବାର ସମୟ ଆସିଛି ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ଶ୍ରୀ ସମୀରରଂଜନ ଦାଶ ଯୋଗଦେଇ କହିଲେ ଯେ, ଆମେ ହେଉଛୁ ସମ୍ରାଟ ଖାରବେଳଙ୍କ ଦାୟାଦ । କଳିଙ୍ଗର ପୂର୍ବ ଐତିହ୍ୟ ମନେ ପକାଇ ଆମ ରାଜ୍ୟକୁ ଭାରତ ବର୍ଷର ଏକ ବିକଶିତ ରାଜ୍ୟ ଭାବେ ଗଢିତୋଳିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, 'ଓଡିଶା ମୋ ପରିବାର' ର ଅଧ୍ୟକ୍ଷ ଶ୍ରୀ ଅରୂପ ପଟ୍ଟନାୟକ ଓଡିଆ ଭାଷା ଓ ସଂସ୍କୃତିକୁ ଭଲପାଇବା ଓ ଐତିହ୍ୟର ସୁରକ୍ଷା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଲବ୍ଧ ପ୍ରତିଷ୍ଠିତ ଲେଖକ, ସାହିତ୍ୟିକ ତଥା ଔପନ୍ୟାସିକ ଡଃ. ବିଭୁତି ପଟ୍ଟନାୟକଙ୍କୁ ଶିଶୁପାଳଗଡ ସମ୍ମାନରେ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବରିଷ୍ଠ କବି ଡଃ. ହୁସେନ ରବି ଗାନ୍ଧୀ, ଓଡିଶା ମୋ ପରିବାରର ରୁଦ୍ର ନାରାୟଣ ସାମନ୍ତରାୟ, ସାମାଜିକ ଅନୁଷ୍ଠାନସମୂହ ମିଶନ ଆଶ୍ରା, ସମର୍ପିତ ଓଡିଶା, ନିସ୍ୱାର୍ଥ ସେବା, ମିଶନ ରକ୍ତଦାନ, ବ୍ରଦରହୁଡ ଗ୍ଲୋବାଲ ଫାଉଣ୍ଡେସନ, ରକ୍ତଦାତା ଗୌରୀ ପ୍ରସାଦ ଦାଶ, ଖ୍ୟାତି ସମ୍ପନ୍ନ ପଟ୍ଟଚିତ୍ର ଶିଳ୍ପୀ ବିଜୟ ପରିଡା, ସମାଜସେବୀ ଅମରେନ୍ଦ୍ର ଗରାବଡୁ, ଓଡିଶୀ ନୃତ୍ୟଗୁରୁ ପୁଷ୍ପାଞ୍ଜଳି ନାୟକ ଆଦିଙ୍କୁ ଶିଶୁପାଳଗଡ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ଭିନ୍ନକ୍ଷମ ପାମ୍ପଡ ବାଲା ସନାତନର ଦୁଃଖ ଶୁଣିବାକୁ କେହି ନାହିଁ

ଭୁବନ,୭।୨ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ୭ ନମ୍ବର ୱାର୍ଡ ବଡହାଟ ନିବାସୀ ସନାତନ ସାହୁ(୪୭) ଜଣେ ଭିନ୍ନକ୍ଷମ (ଛୋଟା) ବ୍ୟକ୍ତି ହୋଇଥିଲେ ମଧ୍ୟ ବୁଲିବୁଲି ପାମ୍ପଡ ବିକିବା ହେଉଛି ତାଙ୍କର ପେସା ଓ ନିଶା । ସମଗ୍ର ଭୁବନରେ ସେ 'ପାମ୍ପଡବାଲା' ଭାବେ ପରିଚିତ । ଟିଣ ଡବା ସାହିତ ଜରି ଭିତରେ ଛଣା ପାମ୍ପଡ ଧରି ବିଭିନ୍ନ ଦୋକାନ ବଜାର ବୁଲି ବିକ୍ରି କରି ନିଜର ୫ ପ୍ରାଣୀ କୁଟୁମ୍ବ ପୋଷୁଛନ୍ତି । ଲୋକମାନେ ତାଙ୍କୁ ଦେଖିବା ମାତ୍ରେ ପାମ୍ପଡବାଲା ବୋଲି ଡାକ ମାରିଥାନ୍ତି । ଠିକ୍‌ରେ କଥା କହି ପାରୁନଥିବା ସନାତନ କିନ୍ତୁ ସ୍ପଷ୍ଟ ଭାବେ ଶୁଣି ପାରନ୍ତି ଓ ଲୋକଙ୍କ ଡାକଶୁଣି ସେ ପହଁଚି ଯାଆନ୍ତି । ରୋଜଗାର କହିଲେ ପାମ୍ପଡ ବିକାରେ ଦିନକୁ ୪୦/୫୦ ଟଙ୍କା ଇନକମ ହୋଇଥାଏ । ଭିନ୍ନକ୍ଷମ ଭତା ବାବଦରେ ଏନଏସି ଅଫିସରୁ ମାସିକ ୫ ଶହ ଟଙ୍କା ପାଉଛନ୍ତି ଓ ସେତିକିରେ ତାଙ୍କ ପରିବାର ଚଳୁଛନ୍ତି । ନୂଆଣିଆ ଚାଳଘରେ ରହୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ବଖରାଏ ପାଇଁ ବହୁ ଚେଷ୍ଟା କରି ବିଫଳ ହୋଇଥିବା ବେଳେ ଆତ୍ମନିର୍ଭର ଯୋଜନାରେ ଋଣ ପାଇଁ ମଧ୍ୟ ବହୁ ପ୍ରୟାସ କରିଛନ୍ତି ହେଲେ ସଫଳ ହୋଇନାହାଁନ୍ତି । ଋଣ ମିଳିଲେ ନୂଆ ବ୍ୟବସାୟ କରିବାକୁ ଆଶା ରଖିଛନ୍ତି । ଯେତେକଷ୍ଟ ହେଉ ପଛେ ହାତଗୋଡ ଚଳୁଥିବା ପର୍ଯ୍ୟନ୍ତ ଦୈନିକ ଏମିତି ୨/୩ କିମି ପାଦରେ ଚାଲି ପାମ୍ପଡ ବିକ୍ରି କରୁଥିବି ବୋଲି କୁହନ୍ତି ସ୍ୱାଭିମାନୀ ସନାତନ । ଗରିବଙ୍କ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ ଯୋଜନା କରୁଥିବା ବେଳେ ସନାତନ ଙ୍କ ଭଳି ଆତ୍ମନିର୍ଭରଶୀଳ ଓ ସ୍ୱାଭିମାନୀ ବ୍ୟକ୍ତିଙ୍କ ପାଖରେ ଏଯାଏଁ ବିକାଶ ନପହଁଚିବା ଯେତିକି ଦୁଃଖଦାୟକ ସେତିକି ଲଜ୍ୟାଜନକ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେଇ ଗରିବ ତଥା ଅଭାବୀ ସନାତନର ଦୁଃଖ ଲାଘବ କରିବାକୁ ବୁଦ୍ଧିଜୀବୀ ମହଲ ଦାବି କରିଛନ୍ତି ।

## ବିଜେପି ବୁଦ୍ଧିଜୀବି ସମ୍ମିଳନୀ ପକ୍ଷରୁ ରବିବାର ଆୟୋଜିତ ହେବ ବଜେଟ ସଂପର୍କିତ ଆଲୋଚନା ଚକ୍ର

ଭୁବନେଶ୍ୱର,୭।୨ (ନି.ପ୍ର): ବିଜେପି ବୁଦ୍ଧିଜୀବୀ ସମ୍ମିଳନୀ ପକ୍ଷରୁ ରବିବାର ବଜେଟ ସଂପର୍କିତ ଆଲୋଚନା ଚକ୍ର ଆୟୋଜିତ ହେବ । ବିଜେପି ଦଳ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଦଳ ପକ୍ଷରୁ କୁହା ଯାଇଛି ଯେ ଗତ ଫେବୃଆରୀ ୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କର ଦ୍ୱିତୀୟ ପାଳିର ତୃତୀୟ ଆର୍ଥିକ ବଜେଟ ଆସିଛି । ଦେଶର ଚାଷ ଠାରୁ ଆରମ୍ଭ କରି ମହାକାଶ ଗବେଷଣା ପର୍ଯ୍ୟନ୍ତ, ଦେଶର ବିକାଶ ଓ ପ୍ରଗତି ଦିଗରେ ଗୁରୁତ୍ୱ ବହନ କରୁଥିବା ସମସ୍ତ କ୍ଷେତ୍ର ପ୍ରତି ଧ୍ୟାନ ଦିଆଯାଇଛି । ଏହି ବଜେଟ ଦ୍ୱାରା ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପୃଷ୍ଟିକର ଖାଦ୍ୟ, ବିଶୁଦ୍ଧ ଜଳ ଓ ସୁଯୋଗର ସମାନତା ଉପରେ ସାଧାରଣ ପୁରୁଷ ଓ ମହିଳା ଉପକୃତ ହେବେ । ଏହି ବଜେଟ ବ୍ୟକ୍ତିବିଶେଷ,ନିବେଶକ, ଶିଳ୍ପ ଏବଂ ଭିତଭୂମି କ୍ଷେତ୍ର ପାଇଁ ସକାରତ୍ମକ ପରିବର୍ତ୍ତନ ଆଣିବ । ଏହି ବଜେଟ ଉପରେ ବିଜେପି ବୁଦ୍ଧିଜୀବୀ ସମ୍ମିଳନୀ ପକ୍ଷରୁ ରବିବାର ଦିନ ସଂଧ୍ୟା ୫ ଘଟିକା ସମୟରେ ଏକ ଆଲୋଚନା ଚକ୍ର ନୟାପଲ୍ଲୀସ୍ଥିତ କ୍ରାଉନ ହୋଟେଲ ନିକଟସ୍ଥ 'ଉତ୍କଳ ଚେମ୍ବର ଅଫ୍ କମର୍ସ ଏବଂ ଇଣ୍ଡଷ୍ଟ୍ରୀ' ସଭାଗୃହ ଠାରେ ଅନୁଷ୍ଠିତ ହେବ । ଏହି ସଭାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରତାପ ଷଡଙ୍ଗୀ ଉପସ୍ଥିତ ରହି ବଜେଟ ଉପରେ ବିସ୍ତୃତ ଭାବେ ଆଲୋଚନା କରିବେ । ଏହି ବୁଦ୍ଧିଜୀବୀ ସମ୍ମିଳନୀରେ ସମସ୍ତ ବୁଦ୍ଧିଜୀବୀମାନେ ସାମିଲ ହେବା ପାଇଁ ଦଳ ପକ୍ଷରୁ ସୂଚନା ଦିଆ ଯାଇଛି । ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡଙ୍ଗୀ ଦିନ ୩ ଟାରେ ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧିତ କରିବେ ବୋଲି ମଧ୍ୟ ସୂଚନା ଦିଆ ଯାଇଛି ।

## ଛାତ୍ର କଂଗ୍ରେସର ନୌକରୀ ଦୋ ୟା ଡିଗ୍ରୀ ୱାପସ ଲୋ କ୍ୟାମ୍ପେନ ଉଦ୍‌ଘାଟିତ

### ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଛାତ୍ର ସମାଜ ଓ ଯୁବ ସମାଜକୁ ପ୍ରତାରିତ କରିଛନ୍ତି : ରୋସନଲାଲ ବିଟୁ

ଭୁବନେଶ୍ୱର,୭।୨ (ନି.ପ୍ର): ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଶ୍ରୀ ରୋସନଲାଲ ବିଟୁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଛାତ୍ର କଂଗ୍ରେସର "ନୌକରୀ ଦୋ ୟା ଡିଗ୍ରି ୱାପସ ଲୋ" କ୍ୟାମ୍ପେନ ଉଦ୍‌ଘାଟନ କରିଥିଲେ।

ଏହି ପ୍ରରୀପ୍ରେକ୍ଷୀରେ ଶ୍ରୀ ବିଟୁ କହିଲେ ଯେ ଉଭୟ ମୋଦି ଓ ନବୀନ ଯୁବସମାଜ ଓ ଛାତ୍ର ସମାଜକୁ ପ୍ରତାରିତ କରିଛନ୍ତି। ଏହି ପ୍ରସଙ୍ଗକୁ ଆମେ ତୃଣମୁଳସ୍ତରକୁ ନେଇ ବେକାର ଯୁବକ ଯୁବତୀଙ୍କୁ ପଂଚାୟତ ସ୍ତରରେ ସଂଘଟିତ କରିବ । ଶ୍ରୀ ବିଟୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରି କହିଲେ ଯେ ପ୍ରଧାନମନ୍ତ୍ରୀ ବର୍ଷକୁ ୨କୋଟି ନିଯୁକ୍ତି ଦେବାପାଇଁ ଦେଶବାସୀଙ୍କ ଆଗରେ ଘୋଷଣା କଲେ। ଏ ଦେଶର ଯୁବକ ଯୁବତୀ ମାନଙ୍କ ପାଖରେ ଡିଗ୍ରୀ ସାର୍ଟିଫିକେଟ ଅଛି ମାତ୍ର ନିଯୁକ୍ତି ନାହିଁ। ଓଡ଼ିଶାରେ ଛାତ୍ର ଓ ଯୁବସମାଜକୁ ଆହ୍ୱାନ ଦେଇ ସେ କହିଛନ୍ତି ଛାତ୍ର କଂଗ୍ରେସର ଏହି ଆନ୍ଦୋଳନରେ ଅଂଶଗ୍ରହଣ କରନ୍ତୁ। ମୋଦି ଓ ନବୀନଙ୍କ ଅନ୍ୟାୟ ଓ ସ୍ୱେଚ୍ଛାଚାରିତା ଜବାବ ଦିଅନ୍ତୁ।

ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଥିଲେ ଯେ କୋରୋନା ସମୟରେ ୧୨କୋଟି ଲୋକ ଜୀବିକା ହରାଇଲେ ୧୨ହଜାର ଲୋକ ଆତ୍ମହତ୍ୟା କଲେ ମାତ୍ର ମୋଦି ଘଂଟପିଟି କରୋନାକୁ ବିଦା କରିବାପାଇଁ ଉପଦେଶ ଦେଲେ। କରୋନା ପୂର୍ବରୁ ୨୦୧୯ରେ ସିଏମଆଇର ରିପୋର୍ଟ ଅନୁଯାୟି ବେରୋଜଗାର ସ୍ଥିତି ୫.୬୬ ପ୍ରତିଶତରୁ ୭.୫ ବଢ଼ିଥିଲା। ଅଟୋମୋବାଇଲ ସେକ୍ଟରରେ ୭ପ୍ରତିଶତରୁ ଉର୍ଦ୍ଧ ଲୋକ ନିଯୁକ୍ତି ହରାଇଲେ। ୨୦୧୮ରେ ସରକାରୀ ରିପୋର୍ଟ ଅନୁଯାୟି ବେରୋଜଗାରୀ ସ୍ଥିତି ୪୫ ବର୍ଷର ରେକର୍ଡ ଭାଙ୍ଗିଥିଲା ଯାହାକି ୬.୧ ପ୍ରତିଶତ ବଢ଼ିଥିଲା। ଶ୍ରୀ ନୱାଜ କହିଲେ ଆମ ଓଡ଼ିଶାର ଯୁବକ ଓ ଛାତ୍ର ମାନଙ୍କର ଭାଗ୍ୟ ସୁରଟର ସୁତାକଳ ଓ ଆନ୍ଧ୍ରର ଇଟାଭାଟିରେ ବନ୍ଧା ପଡ଼ିଛି। ଆଗାମୀ ଦିନରେ ବେକାର ଯୁବକ ଯୁବତୀ ମାନଙ୍କୁ ନେଇ ଛାତ୍ର କଂଗ୍ରେସ ସାରା ରାଜ୍ୟରେ ଏକ ଦୁର୍ବାର ଆନ୍ଦୋଳନ କରିବ। ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ରାସ୍ତାଘାଟରେ ଦୃଢ଼ ପ୍ରତିବାଦ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀର ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ସୌମ୍ୟ ମିଶ୍ର, ଦେବ ପ୍ରସାଦ, ଅଖିଳେଷ ଯାଦବ ଓ ସାଗର ପଟ୍ଟନାୟକ ଉପସ୍ଥିତ ଥିଲେ।

## ତାରିଣୀ ମନ୍ଦିର ଗ୍ରୀଲ୍ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି

ଖୋର୍ଦ୍ଧା,୭।୨ (ନି.ପ୍ର): ଖୋର୍ଦ୍ଧା ଟାଉନ୍ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ହାଉସିଂ ବୋର୍ଡ଼ ତାରିଣୀ ମନ୍ଦିର ଗ୍ରୀଲ୍ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ସହିତ ମନ୍ଦିରର ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି । ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଛି । ଆଜି ସକାଳେ ମନ୍ଦିରକୁ ପୂଜା କରିବାକୁ ଆସିଥିବା ପୂଜାରୀ ଏ ସମ୍ପର୍କରେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ । ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ କରି ଫେରିଛି । ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଯାଜପୁର ଜିଲ୍ଲା ସ୍ତରୀୟ ପ୍ରଧାନ ଶିକ୍ଷକ ମାନଙ୍କ ସମୀକ୍ଷା ବୈଠକ

କୋରେଇ,୭।୨ (ନି.ପ୍ର): ପାଣିକୋଇଲି ହାଇସ୍କୁଲ ପରିସରରେ ଯାଜପୁର ଜିଲ୍ଲା ସ୍ତରୀୟ ପ୍ରଧାନ ଶିକ୍ଷକ ମାନଙ୍କ ସମୀକ୍ଷା ବୈଠକ ଆଜି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଜିଲ୍ଲାର ୧୨୨ଟି ବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲା । ନବମ ଶ୍ରେଣୀ ବିଦ୍ୟାର୍ଥିଙ୍କ ଶିକ୍ଷାଦାନ, ଦଶମ ଶ୍ରେଣୀ ବିଦ୍ୟାର୍ଥିଙ୍କ ଏକକ ବାର୍ଷିକ ପରୀକ୍ଷା, ପରୀକ୍ଷା ଦର୍ପଣର ବଂଟନ ଓ ଉପଯୋଗିତା, ଶିକ୍ଷକ ଓ ଦଶମ ଶ୍ରେଣୀ ଛାତ୍ର ଅଭିଭାବକ, ମୋସ୍କୁଲ ଅଭିଯାନ, ଦୁର୍ବଳ ଛାତ୍ର/ଛାତ୍ରୀ ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା, ପୌଷ୍ଟିକ ଉଦ୍ୟାନ ନିର୍ମାଣ ଓ ବିଦ୍ୟାଳୟକୁ ଏଲପିଜି ସଂଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡିଇଓ କୃଷ୍ଣ ଚନ୍ଦ୍ର ନାୟକ, ଡିଏସଏସ ବିଷ୍ଣୁ ଚରଣ ପଣ୍ଡା, ରାମସା ମିହୀର ରଂଜନ ନାୟକ, ପାଣିକୋଇଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ସାହୁ ଶିକ୍ଷକ ପ୍ରତାପ ଚନ୍ଦ୍ର ପହି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବିବାହ ଭୋଜି ଖାଇ ୪୦୦ରୁ ଉର୍ଦ୍ଧ୍ୱ ଅସୁସ୍ଥ

### ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ଆକ୍ଳାନ୍ତ ଉଦ୍ୟମ ଯୋଗୁ ସ୍ଥିତି ନିୟନ୍ତ୍ରଣାଧିନ

କଣାସ,୭।୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ କଣାସ ଗ୍ରାମପଚାଂୟତର ସହନା ଗ୍ରାମରେ ଗତକାଲି ବିବାହ ଭୋଜି ଖାଇ ୪୦୦ରୁ ଉର୍ଦ୍ଧ୍ୱ ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରରେ ଚିକିତ୍ସିତ ହେଉଥିବା ବେଳେ, ଡାକ୍ତର, ଷ୍ଟାଫ୍ ନର୍ସ ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଦୀର୍ଘ ୧୨ ଘଂଟାର ଅକ୍ଲାନ୍ତ ଉଦ୍ୟମ ଫଳରେ ସ୍ଥିତି ନିୟାନ୍ତ୍ରଣାଧିନ ରହିଛି । ଖବର ନେବାରେ ଜଣାପଡିଛି, ସହନା ଗ୍ରାମର ମାନଗୋବିନ୍ଦ ଜୟସିଂହଙ୍କ ବଡପୁତ୍ର ନିହାର ରଞ୍ଜନ ଜୟସିଂହ ଗତ ୨ ତାରିଖ ଦିନ ବିବାହ କରିଥିଲେ । ଗତକାଲି ବିବାହ ଭୋଜି ଗ୍ରାମରେ ଦିଆଯାଇଥିଲା । ଭୋଜିକୁ ୨ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଖାଇଥିବା ଜଣାପଡିଛି । ରାତ୍ର ୧ଟା ସମୟରେ ପ୍ରଥମେ ଦୁପୁର ଗ୍ରାମରୁ କେତେକ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରରେ ଭର୍ତ୍ତି ହୋଇଥିଲେ । ପରେ ଡ଼ାକ୍ତରଖାନାରେ ଆକ୍ରାନ୍ତଙ୍କ ଭିଡ଼ ବଢିଥିଲା । ଖବର ପାଇ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ରୋଗୀମାନଙ୍କ ଚିକିତ୍ସା ସମ୍ପର୍କରେ ବୁଝିଥିଲେ । ଡାକ୍ତର ଅବନି ରଞ୍ଜନ ପାତ୍ର, ଡାକ୍ତର ରମେଶ ବେହେରା, ଡାକ୍ତର ଅର୍ନ୍ତଯାମୀ ମହାପାତ୍ର, ଡାକ୍ତର ସତ୍ୟଭାମା ଶ୍ରୀଚନ୍ଦନ, ଡାକ୍ତର ସୌରଭ ଅଗ୍ରୱାଲ, ଫାର୍ମାସିଟି ଦୁର୍ଗା ପ୍ରସାଦ ବେହେରା, ହରପ୍ରିୟା ସାମନ୍ତାରାୟ, ମଧୁସ୍ମିତା ଜାଲି, ସୁଚିତ୍ରା ସେଠୀ ଏବଂ ସମସ୍ତ କର୍ମଚାରୀ ଦୀର୍ଘ ୧୨ ଘଂଟା ଧରି ରୋଗୀମାନଙ୍କ ଚିକିତ୍ସାରେ ଲାଗିଯିବାରୁ ପରିସ୍ଥିତି ନିୟାନ୍ତ୍ରଣାଧିନ ରହିଛି । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସୌଭାଗ୍ୟ ରଂଜନ ଜେନା ମାନଗୋବିନ୍ଦଙ୍କ ଘରକୁ ଯାଇ ଭୋଜିରେ ରନ୍ଧା ଯାଇଥିବା ଖାଦ୍ୟ ସାମ୍ପୁଲ୍ ଆଣି ପରୀକ୍ଷା ପାଇଁ ପଠାଇଛନ୍ତି । ପୁରୀରୁ ମଧ ଡି.ପି.ଏଚ୍.ଓ ବିରଜା ଶଙ୍କର ରଥ, ଏ.ପି. ଡୋଓଲୋଜିଷ୍ଟି ଡାକ୍ତର ଇନ୍ଦିରା ମହାପାତ୍ର, ଫୁଡ୍ ଆସିଷ୍ଟାଂଟ ଭ୍ରମରବର ଆସି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ରୋଗୀମାନଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି । ତେବେ ଏଠାରେ ସବୁଠୁ ବଡ ପ୍ରଶ୍ନ ହେଉଛି ରାଜ୍ୟରେ କୋଭିଡ୍ ନିୟମ ଜାରି ରହିଥିବା ବେଳେ କଣାସ ଥାନା ନିକଟରେ କିଭଳି ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ଏକତ୍ରିତ ହୋଇ ଭୋଜି ଖାଇଲେ। ପୋଲିସ ଏନେଇ କୌଣସି ପଦକ୍ଷେପ ନେଲା ନାହିଁ କାହିଁକି, ଯାହାକି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।

## ପୂର୍ବତଟ ରେଳବାଇ କ୍ରୀଡ଼ା ସଂଗଠନ, ସମ୍ବଲପୁର ଦ୍ୱାରା ଆନ୍ତଃ ବିଭାଗୀୟ କ୍ରୀଡ଼ା ପ୍ରତିଯୋଗିତା - ୨୦୨୧ ଆୟୋଜିତ

ସମ୍ବଲପୁର, ୦୬ ଫେବୃୟାରୀ (ହି.ସ.)- ପୂର୍ବତଟ ରେଳବାଇ କ୍ରୀଡ଼ା ସଂଗଠନ, ସମ୍ବଲପୁର ଦ୍ୱାରା ରେଳବାଇ ଷ୍ଟାଡିୟମଠାରେ ଆନ୍ତଃ ବିଭାଗୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହୋଇଯାଇଅଛି । ଏହି କ୍ରୀଡ଼ା ପ୍ରତିଯୋଗିତାରେ ସମ୍ବଲପୁର ମଣ୍ଡଳର ସମସ୍ତ ବିଭାଗ ଭାଗ ନେଇଛନ୍ତି । ଏହି କ୍ରୀଡ଼ା ପ୍ରତିଯୋଗିତାରେ କ୍ରିକେଟ, ଭଲିବଲ ଏବଂ ବ୍ୟାଡ ମିଂଟନ ଭଳି ଖେଳ ଆୟୋଜିତ କରାଯାଉଅଛି । ଆନ୍ତଃ ବିଭାଗୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ.ଭି.ଏସ.ଏସ ପାତ୍ରୁଡୁ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ କୁମାର କହିଲେ ଯେ, କ୍ରିକେଟ, ଭଲିବଲ ଇତ୍ୟାଦି କ୍ରୀଡ଼ାରେ ସମସ୍ତେ ମିଳିତ ଭାବେ ଖେଳିଥାନ୍ତି । ସେହିପରି ରେଳବାଇରେ ମଧ ମିଳିତ ଭାବେ କାର୍ଯ୍ୟ ହୋଇଥାଏ । କ୍ରୀଡ଼ାରେ ସମସ୍ତ ଖେଳାଳୀ ମାନଙଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ସେହିପରି ରେଳବାଇରେ ମଧ ପ୍ରତ୍ୟେକ ବିଭାଗର ଭୂମିକାର ଗୁରୁତ୍ୱପୂଣ୍ଣ ଥାଏ । କ୍ରୀଡ଼ାରେ ସକ୍ରିୟ ଅଂଶଗ୍ରହଣ ଆମକୁ ଶାରିରୀକ ସୁସ୍ଥ ଏବଂ ସବଳ ରଖିଥାଏ । ସମ୍ମାନିତ ଅତିଥି ଶ୍ରୀ ପାତ୍ରୁଡୁ କହିଲେ ଯେ, ସୁସ୍ଥ ଏବଂ ସକ୍ରିୟ ଜୀବନ ବଜାୟ ରଖିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ କ୍ରୀଡ଼ା ଅତ୍ୟନ୍ତ ଜରୁରୀ ଅଟେ । ଉଦ୍‌ଘାଟନୀ କ୍ରିକେଟ ମ୍ୟାଚ ରେଳବାଇ ସୁରକ୍ଷା ବଳ (ଆର.ପି.ଏଫ) ବନାମ ବିଦ୍ୟୁତ ବିଭାଗ ଦଳ ମଧ୍ୟରେ ଖେଳା ଯାଇଥିଲା । ଆର.ପି.ଏଫ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୫ ୱିକେଟ ହରାଇ ୧୬୧ ରନ୍ ସଂଗ୍ରହ କରିଥିବା ବେଳେ ବିଦ୍ୟୁତ ବିଭାଗ ଦଳ ୧୦ ଓଭର ବ୍ୟାଟିଂ କରି ୪୯ ରନ୍ ସଂଗ୍ରହକରି ସମସ୍ତ ଖେଳାଳୀ ଆଉଟ୍ ହୋଇଥିଲେ । ଆର.ପି.ଏଫ ଦଳ ଏହି ମ୍ୟାଚରେ ବିଜୟୀ ହୋଇଥିଲା ।

## କଣାସ ବ୍ଲକରେ ୨୯୩ ଛାତ୍ରଛାତ୍ରୀ ଗଣିତ ମେଧାବୃତ୍ତି ପରୀକ୍ଷା ଦେଲେ

କଣାସ,୭।୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକର ଦୁଇଟି କେନ୍ଦ୍ରରେ ଗତକାଲି ପଠାଣି ସାମନ୍ତ ମେଧାବୃତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ମୋଟ୍ ୨୯୩ ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିଲେ । କଣାସ ଗ୍ରାମପଚାଂୟତର ସର୍ବପୁରାତନ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ପରୀକ୍ଷାରେ ଷଷ୍ଠ ଶ୍ରେଣୀରେ ୧୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ନବମ ଶ୍ରେଣୀରେ ୫୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେହିପରି କଣାସ ଗ୍ରାମପଚାଂୟତରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ୬୨ ଜଣ ଓ ନବମ ଶ୍ରେଣୀରେ ୬୪ ଜଣ ପରୀକ୍ଷା ଦେଇଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମହାପାତ୍ର କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁପରିଟେଣ୍ଡେଂଟ ଭାବେ କାର୍ଯ୍ୟ କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ, ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ସୁପରିଟେଣ୍ଡେଂଟ ଭାବେ କାର୍ଯ୍ୟ କରିଥିଲେ । କଣାସ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସର୍ବେଶ୍ୱର ଜେନା ଦୁଇଟି ଯାକ କେନ୍ଦ୍ରର ପରିଦର୍ଶନ କରିଥିଲେ ।

## କେନ୍ଦୁଝରରେ କାଜୁ ଗଛ ରୋପଣ ନାମରେ କୋଟି କୋଟି ଟଙ୍କା ଚଳୁ

### ଶ୍ରମିକଙ୍କର ପଉଣା ମଧ୍ୟ ବାଦ ପଡିଲାନାହିଁ : ନିଦାବିଷ୍ଟୁ ସାଜିଛି ଜିଲ୍ଲା ପ୍ରଶାସନ

କେନ୍ଦୁଝର ,୭।୨ (ନି.ପ୍ର): ବୃକ୍ଷ ରୋପଣ ନାମରେ ଦୁର୍ନିତିର ଅଭିଯୋଗ କେନ୍ଦୁଝର ଜିଲ୍ଲା ଉଦ୍ୟାନ ବିଭାଗର ପିଛା ଯେପରି ଛାଡୁ ନାହିଁ। ଏଥିପାଇଁ ବିଗତ ଦିନରେ ବିଭାଗକୁ ବହୁତ ହଲାପଟା ହେବାକୁ ପଡିଥିଲା ବେଳେ ଏବେ ପୁଣି କେନ୍ଦୁଝର ଜିଲ୍ଲା ରେ କାଜୁ ବୃକ୍ଷ ରୋପଣ ନାମରେ ଚଳୁ ହୋଇଛି କୋଟି କୋଟି ଟଙ୍କା ଚଳୁ ହୋଇଥିବା ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ଆସିଛି। ଏପରି କି ଶ୍ରମିକ ମାନଙ୍କର ମାସ ମାସ ର ମଜୁରୀ ଟଙ୍କା ମଧ୍ୟ ଖାଇଯାଇଛନ୍ତି ।ଏସଂର୍ପକରେ ବାରମ୍ବାର ଅଭିଯୋଗ ସତ୍ୱ ସବୁ ଜାଣି ଶୁଣି ଚୁପ ହୋଇ ବସିଛି ଜିଲ୍ଲା ପ୍ରଶାସନ । ଗତ ଦୁଇ ତିନି ବର୍ଷ ମଧ୍ୟରେ କେନ୍ଦୁଝର ଜିଲ୍ଲା ର ବିଭିନ୍ନ ବ୍ଲକ ର ଶହ ଶହ ଚାଷୀ ଙ୍କର ହଜାର ହଜାର ହେକ୍ଟର ଜମି ରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି କଲମୀ କାଜୁ ବୃକ୍ଷ ରୋପଣ କରାଗଲା । ହେଲେ କିଛି ଅସାଧୁ କର୍ମଚାରୀ ଙ୍କର ପକେଟ ଗରମ କରିବା ନିଶା ଯୋଗୁଁ ଏବେ ପ୍ରୟତଃ କୌଣସି ଜମି ରେ ଗୋଟେ ହେଲେ କାଜୁ ଗଛର ଚିହ୍ନ ବର୍ଣ୍ଣ ନାହିଁ। ଏହି ପରିପ୍ରେକ୍ଷିରେ ଭାତ ହାଣ୍ଡି ରୁ ଗୋଟିଏ ଚିପିବା ନୀତିରେ ରେ ସଦର ବ୍ଲକ ର ରଘୁନାଥପୁର ଗାଁ ରେ କାଜୁ ବୃକ୍ଷ ରୋପଣ ର ସ୍ଥିତି କୁ ଉଦାହରଣ ଭାବେ ନିଆ ଯାଇପାରେ । । କେନ୍ଦୁଝର ସଦର ବ୍ଲକ ର ରଘୁନାଥପୁର ଗାଁର କିଛି ଚାଷୀ ଙ୍କର ଅଭିଯୋଗ ଅନୁସାରେ ସେମାନେ ତାଙ୍କ ଜମି ରେ ଗୁଡାଧାନ , ରବି ଫସଲ ଓ ଚାଷ ଆଦି କରି ଦୁଇ ପଇସା ରୋଜଗାର କରି ବେଶ ଭଲରେ ପରିବାର ଚଳାଇ ଆସୁଥିଲେ । ହେଲେ ଗତ ଦୁଇ ବର୍ଷ ପୂର୍ବେଉଦ୍ୟାନ ବି୍ଭାଗର କିଛି କର୍ମଚାରୀ ତାଙ୍କ ଗାଁ ରେ ପହଂଚି ସେମାନଙ୍କୁ ସୁନେଲି ସ୍ୱପ୍ନ ଦେଖାଇଥିଲେ । କହଥିଲେ ଯେ ଚାଷ ଓ ପନି ପରିବାରୁ କେତେ ବା ପଇସା ପାଉଛ । କିନ୍ତୁ କାଜୁ ଦାମ ତା ଠାରୁ ବହୁତ ଅଧିକ । ତେଣୁ କଜୁ ଗଛ ଲଗାଇଲେ ବହୁ ଢେର ଅଧିକ ପଇସା ପାଇବ । ଆମେ କାଜୁ ଗଛ ଲଗାଇ ଦେବୁ । ଏ ବଂ ତିନି ବର୍ଷ ପର୍ଯ୍ୟନ୍ତ ଜଗାରଖା ମଧ୍ୟ କରିବୁ । ଏବେ ତାପରେ ଗଛ ଗୁଡିକରେ ଫଳ ଆସିବା ସମୟ ହେଲେ ସେସବୁକୁ ତୁମ କୁ ହସ୍ତାନ୍ତର କରିଦେବୁ । ତୁମେମାନେ କାଜୁ ଫଳ ବିକି ଭଲ ରୋଜଗାର କରିବ । ନିରୀହ ସରଳ ନିଷ୍କପଟ ଗରୀବ ଚାଷୀ ମାନେ ଧୋବ ଧବଳିଆ ସରକାରୀ ବାବୁ ମାନଙ୍କର କଥା କୁ ବିଶ୍ୱାସ କରିଗଲେ । ଏବଂ ସେମାନଙ୍କ ହାତକୁ ଜମି ସବୁ ଟେକି ଦେଲେ । ଆଉ ଏହି ରଘୁନାଥପୁର ଗାଁ ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିର୍ଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ୨୦୧୯-୨୦ ଆର୍ଥୀକ ବର୍ଷରେ ଆଠ ଜଣ ଚାଷୀଙ୍କର ସମୁଦାୟ ପାଂଚ ହେକ୍ଟର ଚାଷ ଜମି ରେ ୭ ଲକ୍ଷ ୨୯ ହଜାର ୧୫୦ ଟଙ୍କା ବ୍ୟୟ ଅଟକଳରେ କାଜୁ ବୃକ୍ଷ ରୋପଣ ହେଲା । କାଜୁ ଗଛଲଗାଇବା ସହ ବାଡବୁଜା ଆଦି କାମରେ ଶ୍ରମିକମାନେ ନିୟୋଜିତ ହେଲେ । କାଜୁ ଗଛ ଲଗା କାମ ସରିଗଲା ହେଲେ ସରକାରୀ ବାବୁ ମାନେ ଶ୍ରମିକ ଙ୍କର ପଇସା ନ ଦେଇ ଛୁ ମାରିଲେ । ଆହୁରି ମଧ୍ୟ ବାଡ ବୁଜିବା ପାଇଁ ଅମରି ଓ କାଠ ଆଦି ବୋହିଥିବା ଟ୍ରକ୍ଟର ର ପଇସା ମଧ୍ୟ ଦେଲେ ନାହିଁ । ସେପଟେ ଗଛ ଜଗିବାକୁ ରଖାଯାଇତିବା ଜଗୁଆଳି ଙ୍କୁ ମଧ୍ୟ ସେମାନଙ୍କର ପଇସା ଦେଲେ ନାହିଁ । ଫଳରେ ଜଗୁଆଳି ଆଉ ଗଛ ଜଗିଲେ ନାହିଁ। ସେପଟେ ଗଛ ଲଗାଇ ଦେଲେ । କିନ୍ତୁ ପାଣି ଦିଆ ହେଲା ନାହିଁ । ଗଛ ପାଣି ଦରକାର କଲା , ଗଛରେ ଉଇ ଲାଗିଲେ । ଆଉ ଯାହା ଗଛ ରହିଲା ଜଗୁଆଳି ନଥିବାରୁ ଗାଇ ଗୋରୁ ପଶି ଖାଇ ମଧ୍ୟ ଗଲେ ।

## ଆଗ ଧାଡ଼ିର କୋଭିଡ୍ ଯୋଦ୍ଧାଙ୍କପାଇଁ ଟିକାକରଣ ଆରମ୍ଭ : ଜିଲ୍ଲାପାଳ ଓ ଏସ୍‌ପି ନେଲେ ଟୀକା

କେନ୍ଦୁଝର,୭।୨ (ନି.ପ୍ର): ବିଶ୍ୱ ମହାମାରୀ କୋଭିଡ୍-୧୯ ବିରୁଦ୍ଧରେ ଲଢେଇ ଜାରି ରଖିଥିବା ଆଗ ଧାଡ଼ିର କୋଭିଡ୍ ଯୋଦ୍ଧାଙ୍କ ପାଇଁ ଟୀକାକରଣ ଆରମ୍ଭ ହୋଇଛି । ଚଳିତ ଫେବୃୟାରୀ ୬ ତାରିଖ ଶନିବାର ଦିନ ଟୀକାକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍‌ପି ମିତ୍ରଭାନୁ ମହାପାତ୍ର ଟୀକା ନେଇ ଆଗ ଧାଡ଼ିର କୋଭିଡ୍ ଯୋଦ୍ଧା ଭାବେ ଲଢେଇ କରୁଥିବା ସରକାରୀ ଅଧିକାରୀ / କର୍ମଚାରୀ ତଥା ସ୍ୱାସ୍ଥ୍ୟସେବା ସହିତ ସମ୍ପୃକ୍ତ ସମସ୍ତ କର୍ମଚାରୀ/ କର୍ମୀମାନଙ୍କର ମନୋବଳ ବଢାଇଛନ୍ତି । ଟୀକା ନେବା ପରେ ଜିଲ୍ଲାପାଳ ଶ୍ରୀ ଠାକରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ କହିଥିଲେ ଯେ, କୋଭିଡ୍ ଟୀକା ନିରାପଦ। ଆମ ଜିଲ୍ଲାରେ କୋଭିସିଲ୍ଡ଼ ଟୀକା ଦିଆଯାଉଛି । ବୈଜ୍ଞାନିକ ଦୃଷ୍ଟିକୋଣରୁ ଅନେକ ପରୀକ୍ଷାନିରୀକ୍ଷା ପରେ କୋଭିଡ୍ ଟୀକା ନିରାପଦ ବୋଲି ପ୍ରମାଣିତ ହୋଇସାରିଛି । ସେ ଟୀକା ନେବା ପରେ ନିଜର ଅନୁଭବ ସମ୍ପର୍କରେ କହିଥିଲେ ଯେ, ଅନ୍ୟ ଟୀକା ନେବା ଭଳି କୋଭିଡ୍ ଟୀକା ନେବାର ଅନୁଭବ ମଧ୍ୟ ସେହିପରି ।

## ନାବାଳକକୁ ନିସ୍ଥୁକ ମାଡ ଘଟଣାରେ ପୋଲିସ ନିରବ

କେନ୍ଦ୍ରାପଡ଼ା,୭।୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅଧିନ ବାଲିସାହି ଗ୍ରାମରେ ଜଣେ ୧୫ବର୍ଷର ନାବାଳକୁ ସ୍ଥାନୀୟ ଏକ ପରିବାର ନିସ୍ଥୁକ ମାଡମାରି ଖଣ୍ଡିଆଖାବରା କରିଥିଲେ ମଧ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ପିଡିତ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ଅଭିଯୋଗ ମୁତାବକ ମହାକାଳପଡା ଥାନା ଅଧିନ ବାଲିସାହି ଗ୍ରାମର ଅଭୟ ରାଉତଙ୍କ ଭଣଜା ଗୁଡୁ ସାମଲ(୧୫) ସାହାବାଜପୁର ଗ୍ରାମରୁ ମାମୁଁଘର ବାଲିସାହିକୁ ଆସିଥିଲେ । ସେହି ଗ୍ରାମର କେତେକ ବ୍ୟକ୍ତି ତାଙ୍କୁ ନିସୁକ ମାଡ ମାରିଥିବା ରୁ ଏଥିରେ ଗୁଡୁଙ୍କର ଆଖି, ଜଙ୍ଘରେ ଗୁରୁତର ଆଘାତ ଲାଗି ସେ କେନ୍ଦ୍ରାପଡା ଚିକିତ୍ସାଳୟରେ ଚିକିତ୍ସିତ ଅଛନ୍ତି । ଏନେଇ ଅଭୟ ମହାକାଳପଡା ଥାନାରେ ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ।

# ବୁଲି ଯାଆନ୍ତୁ ଓଡ଼ିଶାର ଦ୍ୱିତୀୟ ଅର୍କକ୍ଷେତ୍ର

ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାର ଗଞ୍ଜାମ ଜିଲ୍ଲା। ଏଠାକୁ ଥରେ ବୁଲି ଆସିଲେ ବହୁ ଜାଗା ଭ୍ରମଣ କରି ପ୍ରକୃତିକୁ ପାଖରୁ ଦେଖିବାର ସୁଯୋଗ ପାଇପାରିବେ। ଏଥିପାଇଁ ନିଜ ବ୍ୟସ୍ତବହୁଳ ଜୀବନରୁ ଥରେ ସମୟ ବାହାର କରି ପରିବାର ବା ସାଙ୍ଗସାଥୀଙ୍କ ସହ ଗଞ୍ଜାମ ଜିଲ୍ଲା ଭ୍ରମଣ କରନ୍ତୁ।



ଏହି ଅବସରରେ ଆପଣ ବିଲୋପ ହେବାକୁ ଥିବା କୃଷ୍ଣସାର ମୃଗ ଦେଖିପାରିବେ। ଏହି ପ୍ରଜାତିର ହରିଣ ସମଗ୍ର ଦେଶରେ ବିଲୋପ ହେବାକୁ ବସିଥିବା ବେଳେ କେବଳ ଗଞ୍ଜାମ ଜିଲ୍ଲାର ଭେଟନଇ ଏବଂ ବୁଗୁଡ଼ା ଆଦି ଅଞ୍ଚଳରେ ଦେଖିବାକୁ ମିଳୁଛନ୍ତି। ସେହିଭଳି ଗଞ୍ଜାମର ଐତିହାସିକ ସହର ବୁଗୁଡ଼ାରେ କାଠର କୋଣାର୍କ ବିରଞ୍ଚି ନାରାୟଣ ମନ୍ଦିର ବୁଲି ଦେଖିପାରିବେ। ଏହାର କାରୁକାର୍ଯ୍ୟ ଏପରି ହୋଇଛି ଯେ, ନିର୍ମାଣର ୩୫୦ ବର୍ଷ ପରେ ମଧ ଏହା ଖୁବ୍ ଆକର୍ଷଣୀୟ ଦେଖାଯାଉଛି। ଏହାକୁ ଓଡ଼ିଶାର ଦ୍ୱିତୀୟ ଅର୍କକ୍ଷେତ୍ର ବୋଲି କୁହାଯାଏ।

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସହରଠାରୁ ଆସ୍କା ଦେଇ ଗଲେ ଆପଣ ଭେଟନଇ ଅଞ୍ଚଳକୁ ଯାଇପାରିବେ। ସେଠାରେ ଆପଣ ଯାହା ଦେଖିବେ ତାହା ଆପଣଙ୍କୁ ନିଶ୍ଚୟ ଆଶ୍ଚର୍ଯ୍ୟ କରିଦେବ। କାରଣ ସେଠାକୁ ଗଲେ ଆପଣ ଦେଖିବାକୁ ପାଇବେ ଗଞ୍ଜାମର ଗୌରବ ଏବଂ ଗର୍ବର ପ୍ରତୀକ କୃଷ୍ଣସାର ମୃଗ ବା ବାଲିହରିଣ ବା ବ୍ଲାକ୍ ବ୍ଲକ୍। ସାରା ଦେଶରେ ଏହି ପ୍ରାଣୀ ପ୍ରାୟ ଲୋପ ପାଇବାକୁ ବସିଛନ୍ତି। ଏଠାକୁ ଥରେ ଆସିଲେ କିଛି ସମୟ ଛିଡା ହୋଇ ମନଭରି ହରିଣଙ୍କୁ ଦେଖିବାକୁ ଇଚ୍ଛା ହେବ। ଆପଣ ଏଠାରେ ସୁନ୍ଦର ଏବଂ ଦଳ ଦଳ ହୋଇ ବୁଲୁଥିବା କୃଷ୍ଣସାର ମୃଗ ଦେଖିବାକୁ ପାଇବେ। ଆଉ ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା ଏହି ମୃଗମାନଙ୍କୁ କେହି ଶିକାର କରନ୍ତି ନାହିଁ। ସ୍ଥାନୀୟ ଜନସାଧାରଣ ସରକାରଙ୍କୁ ସହଯୋଗର



ହାତ ବଢ଼ାଇ ଏହି ବିରଳ ପ୍ରଜାତିର ସଂରକ୍ଷଣ ପାଇଁ ଉଦ୍ୟମ କରୁଛନ୍ତି। ଆଉ ମୃଗମାନଙ୍କୁ ଆପଣ ଦେଖିଲେ ଜାଣି ପାରିବେ ଯେ, ସେମାନେ ଯେପରି ମଣିଷଙ୍କ ସହ ଏକାଠି ବସବାସ କରୁଛନ୍ତି। ଆପଣ ସେଠାରେ ଜଙ୍ଗଲ ଭିତରେ ବା ବାହାରେ ମଧ ଏହି ବ୍ଲାକ୍ ବକ୍‌ମାନେ ବୁଲୁଥିବାର ଦେଖିବାକୁ ପାଇବେ। ପ୍ରତି ବ୍ଲାକ୍‌ବକ୍ ଦଳରେ ଗୋଟିଏ ମାତ୍ର ଅଣ୍ଡିରା ହରିଣ ରହିଥାଏ। ଆଉ ଯଦି କେହି ଅଣ୍ଡିରା ହରିଣ ଆସି ସେହି ଦଳରେ ପ୍ରବେଶ କରିବାକୁ ଚେଷ୍ଟା କରେ ତାହାଲେ, ସେଠାରେ ସେମାନଙ୍କ ମଧରେ ଲଢ଼େଇ ହୋଇଥାଏ। କେବଳ ଅଣ୍ଡିରା ହରିଣମାନଙ୍କ ଦେହ କଳା ଏବଂ ଧଳା ରଙ୍ଗର। ଆଉ ଅନ୍ୟ ସବୁ ହରିଣମାନଙ୍କ ରଙ୍ଗ ଧଳା ଏବଂ ମାଟିଆ ରଙ୍ଗର ହୋଇଥାଏ। ଆପଣ ଭେଟନଇ ଅଞ୍ଚଳରୁ କୃଷ୍ଣସାର ମୃଗ ଦେଖିସାରି ଗଞ୍ଜାମ ବୁଗୁଡ଼ା ଯାଇପାରିବେ। ସେଠାରେ ପ୍ରସିଦ୍ଧ କାଠର ତିଆରି ବିରଞ୍ଚି ନାରାୟଣ ମନ୍ଦିର ବୁଲିପାରିବେ। ଗଞ୍ଜାମର ଏକ ଛୋଟ ସହର ବୁଗୁଡ଼ା ଐତିହାସିକ ସହର ଭାବେ ଜଣାଶୁଣା। ତେବେ ଏହି ଅଞ୍ଚଳର ମୁଖ୍ୟ ଆର୍କଷଣ ହେଉଛି କାଠର କୋଣାର୍କ ବିରଞ୍ଚି ନାରାୟଣ ମନ୍ଦିର। ୧୭୭୭ ମସିହାରେ ଭଞ୍ଜ ବଂଶୀୟ ରାଜା ଶ୍ରୀକର ଭଞ୍ଜ ଦେବଙ୍କ ଦ୍ୱାରା ନିର୍ମିତ ଏହି ମନ୍ଦିରର ସୌନ୍ଦର୍ଯ୍ୟ ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଛି। ଏଠାରେ ଅଧିଷ୍ଠାତା ଭାବେ ବିରଞ୍ଚି ନାରାୟଣ ପୂଜା ପାଇଥାନ୍ତି। ଏହି ମନ୍ଦିର ଏପରି ଶୈଳୀରେ ତିଆରି ହୋଇଛି ଯେ, ଅସ୍ତଗାମୀ ସୂର୍ଯ୍ୟଙ୍କ ଅନ୍ତିମ କିରଣ ବିରଞ୍ଚି ନାରାୟଣଙ୍କ ମୂର୍ତ୍ତିର ପାଦଦେଶରେ ହିଁ ପଡ଼ିଥାଏ। ମନ୍ଦିରଟି ସୂର୍ଯ୍ୟଙ୍କ ରଥ ଆକୃତିର ତିଆରି ହୋଇଛି। ତାହା ଏକ ଚକ ବିଶିଷ୍ଟ ଏବଂ ସେଥିରେ ୭ଟି ଅଶ୍ୱମୂର୍ତ୍ତି ରହିଛି। ଆଉ ମନ୍ଦିରର ଛାତ ତମ୍ବା ଚାଦରରେ ତିଆରି ହୋଇ ତା ଉପରେ ମାଟିର ପଟାସବୁ ଖଞ୍ଜା ଯାଇଛି। କିନ୍ତୁ ଏଠାରେ ଆଉ ଏକ ଆଶ୍ଚର୍ଯ୍ୟର କଥା ହେଉଛି ଯେ, ପ୍ରାୟ ୩୫୦ ବର୍ଷ ତଳେ ଶିଳ୍ପୀ ହାତରେ ତିଆରି ହୋଇଥିବା କାଠର କାରୁକାର୍ଯ୍ୟ ଏବେ ମଧ ଆକର୍ଷଣୀୟ ଦେଖାଯାଉଛି। ଆଉ ମନ୍ଦିର ଚାରିପାଖରେ ସେ ସମୟର ପ୍ରାଚିନ ଶୈଳୀରେ ଅଙ୍କିତ ପୌରାଣିକ ଚିତ୍ର ଆପଣ ଦେଖିବାକୁ ପାଇବେ। ସେଠାକୁ ଯାଇ ନ ଦେଖିଲେ ଆପଣଙ୍କ ବିଶ୍ୱାସ ହେବ ନାହିଁ ଯେ, ସତରେ କ'ଣ ଓଡ଼ିଆ କାରଗର ଏବଂ ଚିତ୍ରଶିଳ୍ପୀମାନେ ଏତେ ସୁନ୍ଦର କାରୁକାର୍ଯ୍ୟ କରିପାରନ୍ତି। ସେହି ମନ୍ଦିରକୁ ଓଡ଼ିଶାର ଦ୍ୱିତୀୟ ଅର୍କକ୍ଷେତ୍ର ବା ଦ୍ୱିତୀୟ କୋଣାର୍କ ବୋଲି କୁହାଯାଏ।

### କିପରି ଯିବେ

ଓଡ଼ିଶା ରାଜଧାନୀ ଭୁବନେଶ୍ୱରଠାରୁ ଗଞ୍ଜାମର ଦୂରତା ୧୬୭ କିମି। ଆପଣ ନିତିଦିନ ଯିବା ଆସିବା କରୁଥିବା ଯାତ୍ରୀବାହୀ ବସ୍?, ଟ୍ରେନ୍? କିମ୍ବା ଟ୍ୟାକ୍ସି କରି ମଧ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ। ତେବେ ଆପଣ ଏହି ସ୍ଥାନକୁ ଯେ କୌଣସି ଋତୁରେ ମଧ ଯାଇପାରିବେ। ତେଣୁ ଆପଣଙ୍କ ବ୍ୟସ୍ତ ଜୀବନ ମଧ୍ୟରୁ କିଛି ସମୟ ବାହାର କରି ଗଞ୍ଜାମ ଯାଇ ଥରେ ବୁଲିଆସନ୍ତୁ।



## ଫୁଲ କୋବି ମଞ୍ଚୁରିଆନ୍

**ଆବଶ୍ୟକ ସାମଗ୍ରୀ:** ଫୁଲ କୋବି, ମଇଦା, କର୍ଣ ଫ୍ଲୋର, ଲଙ୍କା ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଲୁଣ, ତେଲ।

**ମଞ୍ଚୁରିଆନ୍ ସସ୍ ପାଇଁ:** ସରୁସରୁ ହୋଇ କଟା ହୋଇଥିବା ରସୁଣ, ଅଦା, କଞ୍ଚା ଲଙ୍କା, କ୍ୟାପ୍ସିକମ, ପିଆଜ, ସୋୟା ସସ, ରେଡ୍ ଚିଲି ସସ, ଭିନେଗାର, ଟମାଟୋ ସସ୍?, ଚିନି ଓ ଲୁଣ।



**ପ୍ରସ୍ତୁତି ପ୍ରଣାଳୀ:** କୋବିକୁ ମଧ୍ୟମ ସାଇଜର ଖଣ୍ଡ ଖଣ୍ଡ କରି କାଟି ରଖନ୍ତୁ। ଏହାକୁ ଗରମ ପାଣିରେ ୫ ମିନିଟ ପାଇଁ ଛାଡ଼ି ଦିଅନ୍ତୁ। ପରେ ଏହାକୁ ଛାଣି ରଖିଦିଅନ୍ତୁ। ଏବେ ଏକ ପାତ୍ରରେ ମଇଦା, କର୍ଣ ଫ୍ଲୋର, ଲୁଣ, ଲଙ୍କା ଗୁଣ୍ଡ ଓ ଗୋଲମରିଚ ଗୁଣ୍ଡ ପକାଇ ଭଲ ଭାବେ ଗୋଳାନ୍ତୁ। ତା'ପରେ ଅଳ୍ପ ଅଳ୍ପ ପାଣି ଦେଇ ଏହାକୁ ଗୋଳାନ୍ତୁ। ଏ ମିଶ୍ରଣ ବହଳିଆ ହେବ। ଏବେ ଏଥିରେ କୋବି ଖଣ୍ଡଗୁଡ଼ିକୁ ପକାଇ ଭଲ ଭାବେ ଗୋଳାନ୍ତୁ। ତା'ପରେ ଚୁଲିରେ ପ୍ୟାନ ବସାଇ ମଧ୍ୟମ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ କୋବି ଖଣ୍ଡ ଗୁଡିକୁ ପକାଇ ସୁନେଲି ରଙ୍ଗ ହେବ ଯାଏ ଅପେକ୍ଷା କରନ୍ତୁ ଓ ପରେ ଛାଣି ଆଣନ୍ତୁ।

ପରେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ଏଥିରେ କଟା ଅଦା, ରସୁଣ ଓ ଲଙ୍କା ପକାଇ ୧ ରୁ ୨ ମିନିଟ ଯାଏ ଭାଜନ୍ତୁ । ବେଶୀ ଭଜିବେ ନାହିଁ। ନଚେତ ମଞ୍ଚୁରିଆନ୍ ପିତା ଲାଗି ପରେ। ଏବେ ଥିରେ ସରୁ ସରୁ ହୋଇ ହୋଇଥିବା ପିଆଜ ଓ କ୍ୟାପ୍‌ସିକମ୍ ପକାଇ ୧ରୁ ୨ ମିନିଟ ଯାଏ ଭାଜନ୍ତୁ। ପରେ ସେଥିରେ ସୋୟା ସସ୍ ପକାଇ ହାଲକା ଭାଜନ୍ତୁ। ଏଥିରେ ରେଡ୍ ଚିଲି ସସ, ଟମାଟୋ ସସ ଓ ଭିନେଗାର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏବେ ଏଥିରେ କିଛି ପାଣି ଦେଇ ଭଲଭାବେ ଗୋଳାନ୍ତୁ । ଏଥିରେ ଗୋଲ ମରିଚ ଗୁଣ୍ଡ ପକାନ୍ତୁ। ସସ ବହଳିଆ ହେବା ଯାଏ ମଧ୍ୟମ ଆଞ୍ଚରେ ରାନ୍ଧନ୍ତୁ। ପରେ ଆଞ୍ଚ ବନ୍ଦ କରି ସସର ସ୍ୱାଦ ଚାଖନ୍ତୁ। ଆବଶ୍ୟକ ପଡିଲେ ନିଜ ସ୍ୱାଦ ଅନୁସାରେ ଲୁଣ ଦେଇ ପାରନ୍ତି। ସସକୁ ୨ ରୁ ୩ ମିନିଟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ପରେ ଏଥିରେ ଭଜା ହୋଇ ରଖିଥିବ କୋବି ଖଣ୍ଡକୁ ପକାଇ ଭଲଭାବରେ ଗୋଳାନ୍ତୁ। ଏବେ ଏହାକୁ ପ୍ଲେଟକୁ କାଢି ଭାତ କିମ୍ବା ରୁଟି ସହ ପରଷନ୍ତୁ।

## ତ୍ୱଚା ପାଇଁ ଉପକାରୀ ଅଟା

ଆମ ରୋଷେଇ ଘରଗୁଡ଼ିକରେ ରହୁଥିବା ବିଭିନ୍ନ ସାମଗ୍ରୀଗୁଡ଼ିକୁ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବି ବ୍ୟବହାର କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି ଅଟା। ଏହା ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ତଥା ଏହାର ଚମକ ବଢ଼ାଇବାରେ ବେଶ୍ ସାହାଯ୍ୟ କରିଥାଏ। ତା'ହେଲେ ଆସନ୍ତୁ ଜଣିବା ଅଟାକୁ ବ୍ୟବହାର କରି କେମିତି ଫେସ୍ ପ୍ୟାକ୍ ତିଆରି କରିପାରିବେ। ତା' ସହିତ ସ୍କିନ୍ ଅନୁଯାୟୀ କେମିତି ଅଟାକୁ ବ୍ୟବହାର କରି ଫେସ୍ ପ୍ୟାକ୍ ପ୍ରସ୍ତୁତ କରି ହେବ, ସେ ବିଷୟରେ ବି ଜାଣି ନିଅନ୍ତୁ।

■ ଯଦି ଆପଣଙ୍କ ତ୍ୱଚା ତେଲିଆ, ତା'ହେଲେ ଅଟା ସହିତ କ୍ଷୀର ମିଶାଇ ଫେସ୍ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଦୁଇ ଚାମଚ (ଖାଇବା ପାଇଁ ବ୍ୟବହୃତ ଚାମଚ) ଅଟାରେ ଦୁଇ ଚାମଚ କ୍ଷୀର ମିଶାନ୍ତୁ। ଏହାକୁ ମୁହଁ ସହିତ ବେକରେ ମଧ ଲଗାନ୍ତୁ ଓ ୧୫ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ତା'ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଦେଖିବା ତ୍ୱଚାରୁ ତେଲିଆ ଅଂଶ ଦୂର ହୋଇଯିବ।



■ ଯଦି ଆପଣଙ୍କ ତ୍ୱଚା କ୍ଳାନ୍ତ ହୋଇଯାଇଛି, ତା'ହେଲେ ତାକୁ ଫ୍ରେଶ୍ କରି ପୂର୍ବ ଚମକ ଫେରାଇ ଆଣିବା ପାଇଁ ଅଟା, ଗୋଲାପ ଜଳ ଓ କ୍ଷୀରକୁ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଓ ବେକରେ ଲଗାନ୍ତୁ। ପରେ ଏହାକୁ ଥଣ୍ଡା ପାଣିରେ ସଫା କରି ଦିଅନ୍ତୁ। ଦେଖିବେ ତ୍ୱଚା ପୁଣି ସତେଜ ହୋଇଯିବ।

## ତ୍ୱଚା ପାଇଁ କେତେ ଉପକାରୀ ମସୁର ଡାଲି

ସୁନ୍ଦର ଦେଖାଯିବା ପାଇଁ କିଏ ବା ନ ଚାହେଁ। ସମସ୍ତେ ସୁନ୍ଦର ଦେଖାଯିବା ପାଇଁ ଅନେକ ଉପାୟ ଆପଣାଇଥାନ୍ତି। ତ୍ୱଚାର ଚମକ ବଢ଼ାଇବା ପାଇଁ କିଏ କସମେଟିକର ସହାୟତା ନିଅନ୍ତି ତ ଆଉ କିଏ ଘରୋଇ ଉପଚାରର। ଏଭଳି ଏକ ଘରୋଇ ଉପଚାର ହେଉଛି ମସୁର ଡାଲି। ମସୁର ଡାଲିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଉଜ୍ଜଳତା ବଢ଼ିବା ସହ ସୁନ୍ଦରତା ଦ୍ୱିଗୁଣ ହୋଇଯିବ। ଏଥିସହ ତ୍ୱଚା ନରମ ମଧ କରିଥାଏ। ତେବେ ଆସନ୍ତୁ ଜାଣିବା ଏହାକୁ କିଭଳି ବ୍ୟବହାର କରିବେ..

ମସୁର ଡାଲିକୁ ବାଟି ଏଥିରେ ମହୁ ଏବଂ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ୧୫ରୁ ୨୦ ମିନିଟ ଯାଏଁ ମୁହଁରେ ଲଗାନ୍ତୁ। ପରେ ଧୀରେ ଧୀରେ ମସାଜ କରନ୍ତୁ। ଏହାପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ । ଆପଣ ଚାହିଁଲେ ଏଥିରେ କ୍ଷୀର ମିଶାଇ ମଧ ଲଗାଇ ପାରିବ। ସପ୍ତାହରେ ୨ ଥର ଏହି ଫେସ ପ୍ୟାକକୁ ଲଗାଇଲେ ରିଙ୍କଲ୍ସ ଦୂର ହେବା ସହ ମୁହଁର ଉଜ୍ଜଳତା ବଢ଼ିଥାଏ।

ଏକ ଚାମଚ ମସୁର ଡାଲି ଗୁଣ୍ଡରେ ଦୁଇ ଚାମଚ କ୍ଷୀର ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ। ଯଦି ଆପଣଙ୍କ ବ୍ରଣ ସମସ୍ୟା ଥାଏ ତେବେ ଏଥିରେ ଏକ ଚୁଟକି ହଳଦୀ ମିଶାଇ ପାରିବ। ଏହି ମିଶ୍ରଣକୁ ମୁହଁରେ ୧୦ରୁ ୧୫ ମିନିଟ ଯାଏ ଲଗାଇ ରଖନ୍ତୁ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଯଦି ମୁହଁରେ କିଛି କଳା ଦାଗ ଥାଏ ତେବେ ଏହାକୁ ଦୂର କରିବା ପାଇଁ ମସୁର ଡାଲିକୁ ବାଟି ସେଥିରେ ଦେଶୀ ଘିଅ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏଥିରେ ଆପଣ ଚାହିଁଲେ ମହୁ ମଧ ମିଶାଇ ପାରିବ।



## ଡାଇବେଟିସ୍ ନିୟନ୍ତ୍ରଣ କରେ ଫୁଲକୋବି

ଫୁଲ କୋବି ଏକ ଏଭଳି ପରିବା ଯାହାକୁ ସମସ୍ତେ ପସନ୍ଦ କରିଥା'ନ୍ତି । ଶୀତଦିନ ଆସିଲେ ସମସ୍ତଙ୍କ ଘରେ ଫୁଲକୋବିର ଚାହିଦା ବଢ଼ିଯାଏ । ସମସ୍ତେ ତରକାରୀ କିମ୍ବା ଏଥିରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ତିଆରି କରି ଖାଇଥା'ନ୍ତି । ଫୁଲକୋବି ଖାଇବା ପାଇଁ ସୁଆଦିଆ ହେବା ସହ ଏହା ଶରୀର ପାଇଁ ଲାଭଦାୟକ ମଧ ହୋଇଥାଏ । ତେବେ ଆସନ୍ତୁ ଜାଣିବା ଫୁଲକୋବି ଖାଇବା ଦ୍ୱାରା ଶରୀରକୁ କ'ଣ ସବୁ ଲାଭ ମିଳିଥାଏ ।

ଫୁଲକୋବି କମ୍ କ୍ୟାଲୋରୀ ଯୁକ୍ତ ଏବଂ ଏଥିରେ ଭିଟାମିନ ଭରପୁର ମାତ୍ରାରେ ରହିଛି। ଶରୀରକୁ ଆବଶ୍ୟକ ଥିବା ସମସ୍ତ ମିନେରାଲ୍ସ ଏବଂ ଭିଟାମିନ ଏଥିରୁ ମିଳିଯାଏ। ଏକ କପ୍ ଫୁଲକୋବିରେ ୭୭



%ଭିଟାମିନ୍ ସି, ୨୦ % ଭିଟାମିନ୍ କେ, ୧୪ % ଫୋଲେଟ୍, ୯ % ପୋଟାସିୟମ୍ ଏବଂ ୮ % ମାଙ୍ଗାନିଜ୍ ଥାଏ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଏବଂ ଶରୀରକୁ ସୁସ୍ଥ ରଖିବା ପାଇଁ ଏ ସମସ୍ତ ପୋଷକ ତତ୍ତ୍ୱର ଆବଶ୍ୟକତା ରହିଛି।

ଫୁଲକୋବିରେ ଗ୍ଲୁକୋସିନୋଲେଟସ ଏବଂ ଆଇସୋଥିୟୋସାଇନେଟ ଅଛି। ଉଭୟ ଆଣ୍ଟିଅକ୍ସିଡେଣ୍ଟ କ୍ୟାନସର ଭଳି ମାରାତ୍ମକ କୋଷକୁ ବଢ଼ିବାରେ ରୋକିଥାଏ। ଏକ ଅଧୟନରୁ ଜଣାପଡିଛି ଯେ, ଗ୍ଲୁକୋସିନୋଲେଟ୍ସ ଏବଂ ଆଇସୋଥାଇଓସିଆନେଟ୍ କୋଲନ୍, ଫୁସଫୁସ, ସ୍ତନ ଏବଂ ପ୍ରୋଷ୍ଟେଟ୍ କ୍ୟାନସର ଉପରେ ଫୁଲକୋବି ବେଶ ପ୍ରଭାବ ପକାଇଥାଏ।

ଫୁଲକୋବିରେ ପ୍ରଚୁର ମାତ୍ରାରେ ଫାଇବର ରହିଛି। ଏହା ଶରୀରରେ ସୁସ୍ଥ ବ୍ୟାକ୍ଟେରିଆକୁ ବୃଦ୍ଧି କରିଥାଏ ଏବଂ ହଜମ ଶକ୍ତି ବଢ଼ାଇଥାଏ। ଫୁଲକୋବିରେ ପର୍ଯ୍ୟାପ୍ତ ପରିମାଣର ଫାଇବର ଥିବା ଯୋଗୁଁ କୋଷ୍ଠକାଠିନ୍ୟ, ଡାଇଭର୍ଟିକୁଲାଇଟିସ୍ ଭଳି ସମସ୍ୟା ଦୂର ହୋଇଥାଏ।

ଫୁଲକୋବିରେ ଭିଟାମିନ-ସି ରହିଛି। ଏହା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ରୂପେ କାମ କରେ। ଏହାର ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଯାହା ଶରୀରକୁ ରୋଗ ବିରୁଦ୍ଧରେ ଲଢ଼ିବାକୁ ସାହାଯ୍ୟ କରେ।

ଫୁଲକୋବି ଓଜନ ହ୍ରାସ କରିବାରେ ମଧ ସହାୟକ ହୁଏ। ଏଥିରେ ବହୁତ କମ୍ ମାତ୍ରାରେ କ୍ୟାଲୋରୀ ଥାଏ, ତେଣୁ ଆପଣ ଏହାକୁ ପ୍ରଚୁର ପରିମାଣରେ ଖାଇପାରିବେ। ଫୁଲକୋବିରେ ଫାଇଭର ଭରପୁର ମାତ୍ରାରେ ଥିବାରୁ ଏହାକୁ ଖାଇବା ପରେ ଶୀଘ୍ର ଭୋକ ଲାଗି ନଥାଏ। ଏଥିରେ ଜଳୀୟ ପଦାଥ ମଧ



ପ୍ରଚୁର ମାତ୍ରାରେ ଅଛି, ଯାହା ଓଜନ ହ୍ରାସ କରିବାରେ ପ୍ରଭାବଶାଳୀ ହୋଇଥାଏ।

ମଧୁମେହ ବା ଡାଇବେଟିସ କଣ୍ଟ୍ରୋଲ କରିବା ସହ କିଡନୀ ରୋଗର ଆଶଙ୍କାକୁ କମ କରିଥାଏ ଫୁଲକୋବି । କେବଳ ସେତିକି ନୁହେଁ ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଟ୍ୟୁମର ଭଳି ସମସ୍ୟାକୁ ବଢ଼ିବାରେ ରୋକିଥାଏ । ଉଚ୍ଚ ରକ୍ତଚାପକୁ ମଧ ନିୟନ୍ତ୍ରଣ ରଖିଥାଏ।

### ଅସୁସ୍ଥ ଜିନ୍ ବଦଳାଇବ ଲକ୍ସଟର୍ନା

ଆନୁବଂଶିକ ଦୃଷ୍ଟିଦୋଷରେ ପୀଡ଼ିତ ରୋଗୀମାନେ ରେଟିନାଲ ଡିଷ୍ଟ୍ରେଫି ଦ୍ୱାରା ଧୀରେଧୀରେ ଦୃଷ୍ଟିଶକ୍ତି ହରାଇ ବସନ୍ତି । ସେମାନଙ୍କ ଲାଗି ଏହା ବିଶେଷ ଉପକାରୀ । ଲକ୍ସଟର୍ନା ମଧ ପ୍ରଥମ ଜିନ୍ ଥେରାପି ଯାହା ଶରୀରରେ କୋଷର ପରିବର୍ତ୍ତନ କରାଇଥାଏ । ଏଥିରେ ଏବେ ଆଖିରେ ଗୋଟିଏ ଲେଖା ଇଞ୍ଜେକସନ ଦେବାର ବ୍ୟବସ୍ଥା ରହିଛି ଯାହା ଖରାପ ଜିନ୍ ବଦଳାଇ ଭଲ ଜିନ୍ ସୃଷ୍ଟି କରାଏ ଏବଂ ଦୃଷ୍ଟି ଶକ୍ତି ଉନ୍ନତ କରିଥାଏ ।

### ଗାଢ଼ ରଙ୍ଗର ତ୍ୱଚା ପାଇଁ ସନସ୍କ୍ରିନ୍

ଖରାକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ତ୍ୱଚାର ସୁରକ୍ଷା ପାଇଁ ସନସ୍କ୍ରିନ୍ ଆବାୟକ କରିଥାନ୍ତି । ପ୍ରାୟ ସମୟରେ ଦେଖାଯାଏ ଗାଢ଼ ରଙ୍ଗର ତ୍ୱଚାରେ ସନସ୍କ୍ରିନ୍ ବ୍ୟବହାର ଦ୍ୱାରା ଏକପ୍ରକାର ଧଳା ଦାଗ ହୋଇଯାଉଛି ଯାହା ସାବୁନରେ ଧୋଇବା ପରେ ହିଁ ଛାଡ଼ିଥାଏ । ଏବେ ବିଶେଷକରି ଏହି ରଙ୍ଗର ତ୍ୱଚା ପାଇଁ ୟୁଭିଏ ଏବଂ ୟୁଭିବି ପ୍ରତିରୋଧକ ସାମଗ୍ରୀରେ 'ବ୍ଲାକ ଗାର୍ଲ ସନସ୍କିନ୍' ପ୍ରସ୍ତୁତ କରାଯାଇଛି ଯାହାକୁ ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍‌ସ ଆଡମିନିଷ୍ଟ୍ରେସନ ଅନୁମୋଦନ ପ୍ରଦାନ କରିଛି ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୮ ଫେବୃୟାରୀ ୨୦୨୧ ,ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୀମା ବିବାଦ...

ବେଶ୍ କିଛିକାଳ ଧରି ଆମ ରାଜ୍ୟର ପଡ଼ୋଶୀ ରାଜ୍ୟଗୁଡ଼ିକ ସହିତ ସମ୍ପର୍କରେ ଅକାରଣ ଜଟିଳତା ଲାଗି ରହିଛି। ପଡ଼ୋଶୀ ଛତିଶଗଡ଼ର ହାକିମାତି ପାଇଁ ମହାନଦୀ ଜଳ ବିବାଦ ଲଗାତାର ବହୁ ବର୍ଷ ଧରି ଅସମାହିତ ରହିଥିବା ହେତୁ ଆମ ରାଜ୍ୟ ତାହାର ଜଳଭାଗ ପାଇବାରୁ ବଂଚିତ ହୋଇଆସୁଛି। ଉପରମୁଣ୍ଡରେ ଛତିଶଗଡ଼ ସରକାର ବହୁସଂଖ୍ୟକ ଆଡ଼ିବନ୍ଧ କରିଦେଇ କଳକାରଖାନାଗୁଡ଼ିକ ଜଳଯୋଗାଣ କରୁଥିବାରୁ ତଳମୁଣ୍ଡରେ ଓଡ଼ିଶା ଉଭୟ ମୌସୁମୀ ଓ ଅଣ-ମୌସୁମୀ ସମୟରେ ଯେତିକି ପରିମାଣ ଜଳ ପାଇବା କଥା, ତାହା ପାଉନାହିଁ। ଏନେଇ ବାରମ୍ବାର ବୈଠକ ବସିବା ପରେ ଗୋଟିଏ ଜଳ ଟ୍ରିବ୍ୟୁନାଲ ଗଠିତ ହେଲା। ତାହାକୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ରିପୋର୍ଟ ଦେବାପାଇଁ କୁହାଯାଇଥିଲା। ତାହାର ମିଆଦ ପୂରିଯିବାକୁ ମଝିରେ ଦୁଇ-ତିନିମାସ ରହିଲା। କିନ୍ତୁ ଟ୍ରିବ୍ୟୁନାଲର କାର୍ଯ୍ୟରେ କିଛି ସୁଦ୍ଧା ଅଗ୍ରଗତି ହୋଇନାହିଁ। ହୋଇପାରେ ମିଆଦ ପୂରିଗଲା ମାତ୍ରେ କୁହାଯିବ କି, ତାହାର କାର୍ଯ୍ୟକାଳ ଆଉ କିଛି କାଳ ବୃଦ୍ଧି କରାଗଲା। ଏହା ଫଳରେ ଜଳଭାଗ ବଂଟନ ନେଇ ଲାଗିରହିଥିବା ଜଟିଳ ଗଣ୍ଠି ନଫିଟି ଯଥା ପୂର୍ବ ସ୍ଥିତିରେ ରହିଯିବ। ଛତିଶଗଡ଼ରେ ପୂର୍ବଥର ଏନଡିଏ ସରକାର ଥିଲା, ଯାହା କରୁଥିଲା, ଏବେ କଂଗ୍ରେସ ସରକାର ଅଛି। କିନ୍ତୁ ଓଡ଼ିଶା ପ୍ରତି ସରକାରଙ୍କର ଆଭିମୁଖ୍ୟ ଯେମିତି ଥିଲା, ସେଥିରେ କିଛି ପରିବର୍ତ୍ତନ ହୋଇନାହିଁ। ସେହିଭଳି ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ସହ ପୋଲାଭରମ ବିବାଦ। ଏହି ବିବାଦ ପୁରୁଣା ହେବାକୁ ବସିଲାଣି। କେନ୍ଦ୍ର ସରକାରଙ୍କ ପାଖରେ ଫେରାଦ ହୋଇଥିଲେ ସୁଦ୍ଧା ଓଡ଼ିଶା ନ୍ୟାୟ ପାଇବାରୁ ବଂଚିତ ରହିଛି। ପୋଲାଭରମ ପ୍ରକଳ୍ପ ନିର୍ମାଣ କରାଗଲେ ତାହା ଓଡ଼ିଶାର ମାଲକାନଗିରି ଜିଲ୍ଲାର ଶହ ଶହ ଏକର ଜମି ଓ ଗ୍ରାମକୁ ବୁଡ଼ାଇଦେବ। ଓଡ଼ିଶାର ପ୍ରତିବାଦକୁ ଆନ୍ଧ୍ର ସରକାର ଏମିତିରେ କର୍ଣ୍ଣପାତ କରିନାହାଁନ୍ତି। କଟା ଘା'ରେ ଚୂନ ଲଗାଇବା ନ୍ୟାୟରେ କେନ୍ଦ୍ର ପୋଲାଭରମ ପ୍ରକଳ୍ପକୁ ଅଧିକ ଧନରାଶି ମଂଜୁର କରି କେନ୍ଦ୍ରୀୟ ପ୍ରକଳ୍ପର ମାନ୍ୟତା ଦେଇଛି। ବିବାଦ ସର୍ବୋଚ୍ଚ ନ୍ୟାୟାଳୟରେ ବିଚରାଧୀନ ଥିବା ବିଷୟ ବାରମ୍ବାର ଦର୍ଶାଯାଇଥିଲେ ସୁଦ୍ଧା ତାହା କାହାରି କର୍ଣ୍ଣ ଗହ୍ୱରରେ ପ୍ରବେଶ କଲାନାହିଁ। ନା କେନ୍ଦ୍ର ସରକାର, ନା ପଡ଼ୋଶୀ ଶାସନ, କେହି ଓଡ଼ିଶାର ଆପତ୍ତି-ଅଭିଯୋଗ ଶୁଣିଲେ ନାହିଁ। ଏବେ କିଛିମାସ ହେଲା ଆନ୍ଧ୍ର ସରକାର ଓଡ଼ିଶା ଉପରେ ସୀମାରେ ଚଲାଇଛି ଦାଦାଗିରି। କୋଟିଆ ଅଂଚଳ ଉପରେ କେବଳ ନୁହେଁ, କୁଲାଡ଼ି ବୁରାତଲ ପଂଚାୟତର ଗୁଡ଼ିଖଲା ଏବଂ ଅନ୍ୟ ଆଦିବାସୀ ଗ୍ରାମପୁଂଜରେ ଆନ୍ଧ୍ର ସରକାର ଜମି ପଟ୍ଟା, ରେସନକାର୍ଡ଼ ବାଂଟିବାଠାରୁ ଆରମ୍ଭ କରି ଏକାଧିକ ଉନ୍ନୟନ କାର୍ଯ୍ୟକ୍ରମ ଜୋସୋରରେ ଚଲାଇଛନ୍ତି। ଆମ ରାଜ୍ୟ ସରକାରଙ୍କଠାରୁ ଆନ୍ଧ୍ରପ୍ରଦେଶ ସରକାର ଅଧିକ ଉତ୍ତାର ପ୍ରଲୋଭନ ଦେଖାଉଛନ୍ତି। ଏହା କେବଳ ଏକମାତ୍ର କଥା ନୁହେଁ, ବହୁ ଭାବରେ ଓଡ଼ିଶାର ସୀମାବର୍ତ୍ତୀ ଗ୍ରାମର ଆଦିବାସୀ ପୁରୁଷ ଓ ମହିଳାଙ୍କୁ ପ୍ରଭାବିତ କରାଯାଉଛି। ସ୍କୁଲଗୁଡ଼ିକରେ ତେଲୁଗୁ ପାଠ୍ୟକ୍ରମ ପ୍ରଚଳନ କରାଯିବା ସକାଶେ ଫନ୍ଦିଫିକର କରାଯାଉଥିଲେ ସୁଦ୍ଧା ଆମ ସରକାର ହସ୍ତକ୍ଷେପମୂଳକ କାର୍ଯ୍ୟ କରିବାକୁ ବସିବାବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହିଗଲା ଭଳି ଅବସ୍ଥା ହେଉଛି। ଆସନ୍ତା ତେର ତାରିଖରେ ଆନ୍ଧ୍ରରେ ହେଉଛି ପଂଚାୟତ ନିର୍ବାଚନ। ଓଡ଼ିଶା ଇଲାକାର ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକରେ କାୟାବିସ୍ତାର କରିବା ପାଇଁ ଚକ୍ରାନ୍ତ ଚାଲିଥିବାବେଳେ ଓଡ଼ିଶା ସରକାରଙ୍କ ନିଦ ଭାଙ୍ଗିଛି। ସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କଲାବେଳକୁ ଆନ୍ଧ୍ର ସରକାର ବହୁବାଟ ଆଗେଇ ସାରିଲେଣି। ଜିଲ୍ଲା ପ୍ରଶାସନର କୋହଳ ନୀତି ଦେଖି ଜିଲ୍ଲାପାଳଙ୍କୁ ବଦଳାଯାଇଛି ଓ ମୁଖ୍ୟମନ୍ତ୍ରୀ ଅଂଚଳର ବିକାଶ ପାଇଁ ଗୁଡ଼ିଏ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି। ଯୋଜନାସମୂହର କାର୍ଯ୍ୟକାରିତା ନେଇ ସମସ୍ତେ ଆଶାନ୍ୱିତ କୁହାଯାଇ ପାରିବ ନାହିଁ। ହୋଇଯାଇଥିବା କ୍ଷତିର ଭରଣା ଏମିତିରେ ସହଜ ମନେ ହେଉନାହିଁ। କୋଟିଆର ବିବାଦୀୟ ଗ୍ରାମପୁଂଜ ଭଳି ଅଧିକରୁ ଅଧିକ ବିବାଦ ମୁଣ୍ଡ ଟେକିବାରେ ଲାଗିଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏ ନେଇ ଗୁରୁତ୍ୱର ସହିତ ସମାଧାନ ରାସ୍ତା ବାହାର କରିବାକୁ ଆଗ୍ରହୀ ହେଲେ ହିଁ ଆଶା କରିହେବ, ବିବାଦର ସାମାନ୍ୟ ସମାଧାନ ହୋଇପାରେ।

## ସ୍ୱାମୀ ବିବେକାନନ୍ଦ ଓ ଏକଲ ଅଭିଯାନ

ପ୍ରମିଳା ପଣ୍ଡା



ନିଜକୁ ନିର୍ବିକଳ୍ପ ସମାଧିରେ ନିର୍ଲିପ୍ତ କରିବାକୁ ଚାହୁଁଥିବା ସ୍ୱାମୀ ବିବେକାନନ୍ଦଙ୍କୁ ଗୁରୁରାମକୃଷ୍ଣ ପରମହଂସ କହିଥିଲେ "ତୁମର ଜନ୍ମ ସମାଧି ନେବା ପାଇଁ ନୁହେଁ, ତୁମେ ଗୋଟିଏ ବିରାଟ ବଟବୃକ୍ଷ ହୋଇ ସଂସାରର ତାପ, ଦହନରୁ ଲକ୍ଷ ଲକ୍ଷ ଲୋକଙ୍କୁ ଆଶ୍ରୟ ଦେବ । ମୋ ଠାରୁ ପାଇଥିବା ଜ୍ଞାନାଲୋକରେ ସମଗ୍ର ବିଶ୍ୱରେ ଧର୍ମର ପୁନର୍ଜାଗରଣ ହେବ । ଏଇଥି ପାଇଁତ ତୁମେ ସଂସାରରକୁ ଆସିଛ" । ଗୁରୁଙ୍କ ଦେହାବସାନ ପରେ ଗୁରୁଙ୍କ ଆଜ୍ଞାକୁ ପାଥେୟ କରି ସେ ବାହାରିଲେ ଦେଶ ଭ୍ରମଣରେ । ପରାଧିନ ଭାରତ ବର୍ଷରେ ହିନ୍ଦୁ ସମାଜର ପତନ, ଧର୍ମର ଅବକ୍ଷୟ ଏବଂ ଦାରିଦ୍ର୍ୟତାର ବିକଟାଳରୂପ ତାଙ୍କ ବ୍ୟଥିତ କରିଥିଲା । ଅତ୍ୟନ୍ତ ଭାରାକ୍ରାନ୍ତ ହୃଦୟରେ ସେ ଯାଇ ପହଞ୍ଚିଥିଲେ କନ୍ୟାକୁମାରୀରେ । ଭାରତ ବର୍ଷର ଶେଷ ଶୀଳା ଦେବୀପାଦମ୍‌ରେ ତିନିଦିନ, ତିନିରାତି ଧ୍ୟାନସ୍ଥ ହୋଇ ସେ ଦର୍ଶନ କଲେ ଦେବ ମୁନିଙ୍କ ଲୀଳାଭୂମି ଭାରତ ବର୍ଷର ଗାରିମାମୟ ଅତୀତ, ନିଜଚେିତ ସତ୍ତା ହରାଇଥିବା ଭାରତୀୟ ମାନଙ୍କ ଦୁଃଖ ଓ ପତନର କାରଣ ଏବଂ ସେ ଅନୁଭବ କଲେ ଏହାର ନିରାକରଣ ପାଇଁ ପାଶ୍ଚାତ୍ୟ ଦେଶମାନଙ୍କରସହଯୋଗ ଏକାନ୍ତ କାମ୍ୟ। ଠିକ୍ ଏହି ସମୟରେ ଉପନୀତ ହେଲା ଚିକାଗୋର ଧର୍ମସଭା ବହୁଘାତ ପ୍ରତିଘାତ ଭିତରେ ସେ ଯୋଗ ଦେଲେ ଚିକାଗୋର ସେହି ଧର୍ମସଭାରେ। ଯେତେବେଳେ ତାଙ୍କ ପାଳି ପଡ଼ିଲା, ସେତେବେ ତାଙ୍କରପ୍ରଥମ ସମ୍ବୋଧନ "ହେ ମୋର ପ୍ରିୟ ଆମେରିକାବାସୀ ଭଗିନୀ ଓ ଭାତୃବୃନ୍ଦ" ସ୍ତବ୍ଧ କରିଦେଇଥିଲ ଶ୍ରୋତା ମଣ୍ଡଳୀଙ୍କୁ କରତାଳିରେ ପ୍ରକମ୍ପିତ ହେଲା ଗଗନ ପବନ । ସାତହଜାର ଶ୍ରୋତା କେଉଁ ଏକ ଅଜ୍ଞାତ ଆବେଗରେ ଠିଆ ହୋଇପଡ଼ି ତାଙ୍କୁ ଅଭିନନ୍ଦନ ଜଣାଇଲେ। ତାଙ୍କର ଦୀକ୍ଷାନ୍ତ ବକ୍ତବ୍ୟ, ଜ୍ୱଳନ୍ତ ଆନ୍ତରିକତା, ବିରାଟ ବ୍ୟକ୍ତିତ୍ୱ, ଉଜ୍ଜ୍ୱଳ ଚାହାଣୀ, ସରଳ ନିରାଡ଼ମ୍ବର ଗୌରବ ପୋଷକ ଏତେଦୂର ପ୍ରଭାବ ପକାଇଲା ତିନିମିନିଟ ପାଇଁ ସମୟ ପାଇଥିବ ସ୍ୱାମୀ ବିବେକାନନ୍ଦ ତିନିଦିନ ଧରି ବେଦାନ୍ତ ଏକ ବିଶ୍ୱତା ଆଧାରର ସନାତନ ଧର୍ମ ଉପରେ ବକ୍ତବ୍ୟ ପ୍ରଦାନ କଲେ । ଧର୍ମ ସଭା ଶ୍ରେଷ୍ଠ ବ୍ୟକ୍ତିରୂପେ ଚିତ୍ରିତ ହେଲେ ସମସ୍ତ ସମ୍ବାଦ ପତ୍ରରେ। କେବଳ ଏତିକିରେ ସରିଲାନି, ଆମେରିକାରେ ତିନିବର୍ଷକାଳ ରହି ବିଭିନ୍ନ ସ୍ଥାନରେ ହିନ୍ଦୁଧର୍ମର ସାର୍ବଜନୀତ ଏବଂ ହିନ୍ଦୁର ବେଦାନ୍ତ ସମ୍ବନ୍ଧୀୟ ତର୍କ ସିଦ୍ଧ ହୃଦୟ ସ୍ପର୍ଶୀ ଭାଷଣ ପ୍ରଦାନ କରି ପାଶ୍ଚାତ୍ୟ ଜଗତରେ ଚହଳ ପକାଇ ଦେଇଥିଲେ। ପାଶ୍ଚାତ୍ୟ ଗମନର ତାଙ୍କ ତିନୋଟି ଉଦ୍ଦେଶ୍ୟ ଥିଲା । (୧) ଭାରତବର୍ଷ ସଂପର୍କରେ ପାଶ୍ଚାତ୍ୟରେ ଥିବା ଅନ୍ଧ ବିଶ୍ୱାସକୁ ଦୁର କରିବା (୨) ହିନ୍ଦୁ ଧର୍ମର ବିଶ୍ୱ ଜନନୀ ରୂପକୁ ପାଶ୍ଚାତ୍ୟରେ ପ୍ରତିଷ୍ଠା କରିବା, (୩) ସମଗ୍ର ବିଶ୍ୱକୁ ଭୋଗବାଦୀ ସର୍ବନାଶୀ ଲୀଳାରୁ ମୁକ୍ତ କରି ଆଧାତ୍ମିକ ଚେତନାର ଉନ୍ମେଷ ଘଟାଇବ । ଏହାପରେ ଭାରତକୁ ପ୍ରତ୍ୟାବର୍ତ୍ତନ କରି 'ରାମକୃଷ୍ଣ ମିଶନ' ମଧ୍ୟମରେ ବହୁ ଯୁବକଙ୍କୁ ତାଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ କରିଥିଲେ। ସେ ଅସଙ୍ଗଠିତ ହିନ୍ଦୁ ସମାଜକୁ ସଂଗଠିତ କରିବା ପାଇଁ କଲୋମ୍ବ ଠାରୁ ଆଲ୍‌ମୋଡ଼ା ପର୍ଯ୍ୟନ୍ତ ନିଜର ଭାଷଣ ରୂପୀ ଅଗ୍ନିବାଣ ବର୍ଷଣ କରି ସାରା ସମାଜରେ ଆଲୋଡ଼ନ ସୃଷ୍ଟି କରିଥିଲେ । ଫଳ ସ୍ୱରୂପ ଦେଶ ମାତୃକାର ସେବା ପାଇଁ ବହୁ ସଂଗ୍ରାମୀ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେ ଚାଲିଗଲେ ତାଙ୍କର ବାଣୀ ରହିଲା ଓ କାର୍ଯ୍ୟ ବି ବାକି ରହିଲା। ସେ କହୁଥିଲେ ଜାତୀୟ ଜୀବନର ଉଜ୍ଜୀବନ ହିଁ ଆମର ସବୁ କାର୍ଯ୍ୟ ପଛାର ଲକ୍ଷ । ଭାରତର ଜାତୀୟ ଆଦର୍ଶ ହେଉଛି 'ସେବା ଓ ତ୍ୟାଗ' । ମୁଁ ଯଦି ଏ କାର୍ଯ୍ୟ କରୁ କରୁ ଚାଲିଯାଏ ତେବେ ମୋ ଠାରୁ ଅଧିକ କର୍ମଠ ଓ ଦକ୍ଷ ଅନ୍ୟକେହି ଏ କାର୍ଯ୍ୟର ଦାୟିତ୍ୱ ନେବେ । ତାଙ୍କର ସେହି ଆଦର୍ଶ କୁ ନେଇ ଗଠନ ହୋଇଛି 'ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ' । ସଂଘର ପ୍ରତିଷ୍ଠାତା ଡ଼ଃ କେଶବ ବଳୀରାମହେଡ଼ଗେୱାରକର ରାମକୃଷ୍ଣ ମିଶନର କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇଥିଲେ । ଦ୍ୱିତୀୟ ସରସଂଘ ଚାଳକ ପରମପୂଜ୍ୟ ଗୁରୁଜୀ ତାଙ୍କ ଜୀବନରେ ସ୍ୱାମୀ ବିବେକାନନ୍ଦଙ୍କ ଗୁରୁଭାଇ ସ୍ୱାମୀ ଅଖଣ୍ଡାନନ୍ଦଙ୍କ ଠାରୁଦୀକ୍ଷା ଗ୍ରହଣ କରିଥିଲେ । ସଂଘ ଗୁରୁ ହିସାବରେ ଗୈରିକ ପତାକାକୁ ଗ୍ରହଣ କରିନେଇଛି। ଗୈରିକ ପତାକାର ଦୁଇଟି କେନା, ଗୋଟିଏ ସେବା ଓ ଅନ୍ୟଟି ତ୍ୟାଗର ପ୍ରତୀକ । ସ୍ୱାମୀ ବିବେକାନନ୍ଦଙ୍କ ଧ୍ୟାନ ଓ ଜ୍ଞାନ ସବୁ ଭାରତ ମାତା ପ୍ରତି ସମର୍ପିତ ଥିଲା । ସେ ଭାରତ ଚିନ୍ମୟୀ ଜଗନ୍ମାତା, ଜଗଦ୍ଧାତ୍ରୀ ସାକ୍ଷାତ୍ ଜଗଦମ୍ବା ରୂପେ ଉପଲବ୍ଧି କରିଥିଲେ । ଯାହା ସଂଘ ମଧ ଗ୍ରହଣକରେ । ଏକଲ ଅଭିଯାନ ମାଧମରେ ବନବାସୀ, ଗିରିବାସୀ, ଜନଜାତି, ଅବହେଳିତ ଶ୍ରେଣୀ ମଧ୍ୟରେ, ସେବା ଓ ସହଯୋଗ ମୂଳକ କାର୍ଯ୍ୟ ମାଧମରେ ରାଷ୍ଟ୍ରଭାବ ଜଗାଇ ଆତ୍ମନିର୍ଭର ସମାଜ ଗଠନ ପାଇଁ ସଂଘର ହଜାର ହଜାର ସ୍ୱୟଂସେବକ କାର୍ଯ୍ୟ କରିଚାଲିଛନ୍ତି।

ଏକଲ ଅଭିଯାନର ମୁଖ୍ୟ ଶ୍ୟାମଜୀଗୁପ୍ତ ଆଧାତ୍ମିକ ଚେତନା ଭିତରେ ବନବାସୀ ମାନଙ୍କୁ ଉଦ୍‌ବୁଦ୍ଧ କରି ଜନ ଯାଗରଣ ସୃଷ୍ଟି ପ୍ରୟାସ ଜାରି ରଖିଛନ୍ତି । ଭାରତମଧରେ କୋଣ ଅନୁକୋଣରେ ଅବହେଳିତ ହୋଇଥିବା ବନବାସୀ ମାନଙ୍କ ଶିକ୍ଷିତ, ସମୃଦ୍ଧ, ସଶକ୍ତ କରିବା ପାଇଁ ଏକଲ ଅଭିଯାନ କାର୍ଯ୍ୟକରୁଅଛି । ପ୍ରାଥମିକ ଶିକ୍ଷା, ଆରୋଗ୍ୟ, ଜାଗରଣ, ସଂସ୍କାର ଏବଂ ଗ୍ରାମ ବିକାଶ ଏହି ପଞ୍ଚମୁଖି ଶିକ୍ଷା ମାଧମରେ ବନବାସୀଙ୍କ ସ୍ୱାବଲମ୍ବୀ ଏବଂ ସ୍ୱଭିମାନୀ କରାଯାଉଛି । ସ୍ୱାମୀଜୀ କହିଥିଲେ ନାରୀଜାତି ପ୍ରତି ଅବହେଳା ହିଁ ଭାରତର ଅଧପତନର କାରଣ । ସେଥିପାଇଁ ଏକଲ ଅଭିଯାନରେ ବହୁ ସଂଖ୍ୟାରେ ମାତୃଶକ୍ତିଙ୍କୁ ଯୋଡ଼ି ବନବାସୀଙ୍କ ସେବାକାର୍ଯ୍ୟରେ ନିୟୋଜିତ କରାଯାଉଛି । ସ୍ୱାମୀଜୀ ଜାତିପ୍ରଥା ଘୃଣା କରି ମୋଚିଘରେ ମଧ ମାଗି ଖାଉଥିଲେ । ଏକଲ ଅଭିଯାନରେ ସହରି ସମିତି ସଦସ୍ୟ ମାନେ ବନବାସୀଙ୍କ ଘରେ ପ୍ରବାସ କରିବା ସହିତ ଖାଦ୍ୟ ଗ୍ରହଣ କରି ଏକାତ୍ମ ବୋଧତା ସୃଷ୍ଟି କରନ୍ତି । ପଥଭ୍ରଷ୍ଟ ଯୁବକ ମାନଙ୍କୁ ଆଧାତ୍ମିକ ଚେତନାରେ ଉଦ୍‌ବୁଦ୍ଧ କରି ଦେଶ ପ୍ରଣତା ସୃଷ୍ଟି କରିବା ପାଇଁ ଏକଲ ବିଦ୍ୟାଳୟ ଗ୍ରାମରେ ଯୁବ ବିଗ୍ରେଡ଼ ସଂଗଠନ କରାଯାଉଛି। ଭୋଗ ମୁକ୍ତ ଜୀବନ ଗଠନ ପାଇଁ ସ୍ୱାମୀଜୀ ପରାମର୍ଶ ଦେଉଥିଲେ। ତାଙ୍କରି ଆଦର୍ଶରେ ରସାୟନ ମୁକ୍ତ ଧରିତ୍ରୀଏବଂ ବ୍ୟସନ ମୁକ୍ତ ଗ୍ରାମ ଗଠନ କରିବା ପାଇଁ ଏକଲ ଅଭିଯାନ କାମ କରୁଛି ।କରୋନା ମହାମାରୀ ସମୟରେ ଏକଲ ଅଭିଯାନର ସମସ୍ତ ସେବବ୍ରତୀ, ସମିତି ସଦସ୍ୟ ଗାଆଁରେ ସଚେତନ କରିବା ସହିତ ବିଭିନ୍ନ ଅଞ୍ଚଳରୁ ଗ୍ରାମମୁଖି ହୋଇଥିବା ଯୁବକ ଯୁବତୀ ମାନଙ୍କୁ ଆତ୍ମନିର୍ଭରଶୀଳକରାଇବା ପାଇଁ ପ୍ରଯତ୍ନ କରିଥିଲେ । ଯାହା ସ୍ୱାମୀ ବିବେକନନ୍ଦ ଧ୍ୟେୟ ଥିଲା, ତାହା ଏକଲ ଅଭିଯାନର ମଧ ଧ୍ୟେୟ । ସେବା ମାଧମରେ ଆତ୍ମିୟତାଭାବ ସୃଷ୍ଟି କରିବା। ଏହି ସୁ ସମ୍ପର୍କ ମାଧମରେ ଗାଁ, ଗାଁରେ ସଂଗଠନ କରିବା, ସଂଗଠନ ଦ୍ୱାରା ସମାଜ ସଶକ୍ତ କରିବା । ଗାଁକୁ ସ୍ୱାବଲମ୍ବୀ କରି ଗ୍ରାମବାସୀଙ୍କ ମଧରେ ସ୍ୱାଭିମାନ ସୃଷ୍ଟି କରିବା ଭାରତର ଆତ୍ମା ଆଧାତ୍ମିକ ଚେତନା ମାଧମରେ ଦେଶପ୍ରାଣତା ଦୀପ ପ୍ରଜ୍ୱଳନ କରିବା ଏକଲ ଅଭିଯାନର ଉଦ୍ଦେଶ୍ୟ । ଗାଁ ଗାଁରେ ସତ୍‌ସଂଗ, ଗୋ ମାତା ପୂଜନ କାର୍ଯ୍ୟକ୍ରମ ଏକଲ ମାଧମରେ କରାଯାଉଛି, ଦେଶର ଜାଗ୍ରତ ପ୍ରହରୀ ସୈନିକ ମାନଙ୍କୁ ସୌମ୍ମାନିତ ମଧ କରୁଛି ଏକଲ ଅଭିଯାନ । ଆଜି ସ୍ୱାମୀଜୀ ନାହାଁନ୍ତି ସତ ତାଙ୍କର ପ୍ରତ୍ୟେକଟି ବାଣୀକୁ ଏକଲ ଅଭିଯାନ ସୁଚାରୁ ରୁପେ ସମ୍ପନ୍ନ କରିବା ପାଇଁ ପ୍ରୟାସ ଜାରି ରଖିଛି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ସ୍ୱପ୍ନର ଭାରତ ଗଠନରେ ପ୍ରଯତ୍ନଶୀଳ ଏଥିରେ ସନ୍ଦେହ ନାହିଁ ।

ସଭାପତି : ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ, ଉଦଳା,
ମୋ- ୯୪୩୮୫୧୮୭୯୪

## ସଂକ୍ଷିପ୍ତ ରାମାୟଣ

ଶଙ୍କର ଚରଣ ରାଉତ

ଭାଗ -୩

॥ ଦଶ ଅବତାରର ସୂଚନା ॥



ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା ।
ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍‌କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।

କୋଇଲି ବୈକୁଣ୍ଠରେ ଭଗବାନ ପୃଥିବୀକୁ ସୃଷ୍ଟି କରିବା ପାଇଁ ବ୍ୟବସ୍ଥା କରିଥିଲେ। ଯାହାକି ଏଠାରେ ପ୍ରଦତ୍ତ କରାଗଲା।

୧. ମୀନ ଅବତାର- ଏହି ଅବତାରରେ ଭଗବାନ ଶ୍ରୀକୃଷ୍ଣ ନିଜ ଅଙ୍ଗରୁ ଏକ ମୀନ ସୃଷ୍ଟି କରି ତାହା ଦ୍ୱାରା ମଧୁ କୈଟଭ ଅସୁରକୁ ମାରିଥିଲେ। ଭଗବାନ ମୀନ ରୂପ ହେବା ବେଳେ ମନୁ ନାମକ ଋଷିଙ୍କ ଜଳପାତ୍ରକୁ ବଢିଯାଇ ବୃହତ ମୀନ ରୂପରେ ଅସୁରକୁ ବଧ କରିଥିଲେ । ମେଦିନୀ ନ ଥିବାରୁ ମନୁଋଷି ଏବଂ ବ୍ରହ୍ମା ପୃଥକ୍ ପୃଥକ୍ ୨ଟି ପଦ୍ମପତ୍ର ଉପରେ ବାସ କରିଥିଲେ।

**ମତ୍ସ୍ୟ ଅବତାର**
**(୧ମ ଅବତାର)**

ସତ୍ୟବ୍ରତ ମନୁ ମତ୍ସ୍ୟ ଅବତାର ସମୟରେ କହିଥିଲେ ଯେ, ନିଜ ଜୀବନର ବ୍ରତ କରିଥିବା ବ୍ୟକ୍ତିର କୌଣସି ଅନିଷ୍ଟ ହୁଏ ନାହିଁ। ସେହି ସତ୍ୟବାଦୀ ବ୍ୟକ୍ତିକୁ ମତ୍ସ୍ୟ ନାରାୟଣ ରକ୍ଷା କରନ୍ତି। ଆବଶ୍ୟକ ହେଲେ ପ୍ରଭୁ ନୀଚରୁ ନୀଚ ପ୍ରାଣୀ ରୂପେ ଜନ୍ମ ନିଅନ୍ତି। ପ୍ରଭୁ ସମସ୍ତଙ୍କୁ ଜଣାଇ ଦେବାକୁ ଚାହାନ୍ତି ଆଜି ଯେ ସେ ସମସ୍ତ ପ୍ରାଣୀ ଦେହରେ ବିଦ୍ୟମାନ ଅଛନ୍ତି। (ଥରେ ବ୍ରାହ୍ମ ନୈମିତ୍ତିକ ପ୍ରଳୟରେ ବ୍ରହ୍ମା ବେଦକୁ କୂଳରେ ରଖି ସନ୍ଧ୍ୟା ତର୍ପଣ ଉଦ୍ଦେଶ୍ୟରେ ଜଳରେ ପ୍ରବେଶ କଲେ। ହୟଗ୍ରୀବ ବେଦକୁ ଚୋରି କରି ଜଳ ମଧରେ ଲୁଚିଗଲା। ବ୍ରହ୍ମା ବେଦ ପାଇବାକୁ ଭଗବାନଙ୍କୁ ପ୍ରାର୍ଥନା କଲେ। ବେଦଚୋର ହୟଗ୍ରୀବ ଜଳରେ ଲୁଚିଅଛି। ବେଦକୁ ଉଦ୍ଧାର କରିବା ପାଇଁ ଜଳଚର ପ୍ରାଣୀ ରୂପେ ଅବତାର ନେବାକୁ ପଡିବ। ସତ୍ୟବ୍ରତ ମନୁ କୃତମାଳା କୂଳରେ ତପସ୍ୟା କରୁଥିଲେ। ଜଳରେ ସ୍ନାନ କରୁଥିବା ବେଳେ ଏକ କ୍ଷୁଦ୍ର ମୀନ ତାଙ୍କ ହାତରେ ଦେଖାଗଲା। ତାକୁ ଜଳରେ ଛାଡି ଦେବାରୁ ସେ କହିଲା ମୋତେ ଅନ୍ୟ ଜଳଚର ପ୍ରାଣୀ ମାନଙ୍କ କବଳରୁ ରକ୍ଷାକର। ତାକୁ ନେଇ କମଣ୍ଡଳୁରେ ରଖିଲେ। ସେ ଅତି ଦ୍ରୁତ ଗତିରେ ବଢିବାକୁ ଲାଗିଲା। ତାକୁ ନେଇ ସମୁଦ୍ରରେ ଛାଡି ଦେଲେ। ଏତେବେଳକୁ ତାହା ଏକ ବିରାଟକାୟ ମତ୍ସ୍ୟ ହୋଇଯାଇଥିଲା। ସତ୍ୟବ୍ରତ ମନୁ ତାହା ଦେଖି ସନ୍ଦେହରେ ପଡିଗଲେ। ମତ୍ସ୍ୟନାରାୟଣ କହିଲେ ହେ ମନୁ! ଗୋଟିଏ ସପ୍ତାହ ମଧରେ ପ୍ରଳୟ ହେବ। ତୁ ଔଷଧ ଓ ପରିବାରବର୍ଗଙ୍କୁ ନେଇ ଧର୍ମ ନୌକାରେ ବସିଯାଅ। ସେହି ନୌକାକୁ ମୋର ଶୃଙ୍ଗ ଦେହରେ ବାନ୍ଧି ଦେବ। ମୋତେ ସତତ୍ ଧ୍ୟାନ କରୁଥିବ ତୁମର ସୁରକ୍ଷା ଦାୟିତ୍ୱ ମୁଁ ବହନ କରିବି । 'ମୋ ଅନୁଗ୍ରହ ମୋତେ ଜାଣି। ସଙ୍କଟୁ ତର ନୃପମଣି।'ସତ୍ୟବ୍ରତ ମନୁ ତଦନୁସାରେ କାମକଲେ। ସତକୁ ସତ ସାତ ଦିନ ମଧରେ ପ୍ରଳୟ ହେଲା । ମତ୍ସ୍ୟ ନାରାୟଣ ହୟଗ୍ରୀବକୁ ବଧ କରି ତା' ପାଖରୁ ବେଦକୁ ଉଦ୍ଧାର କରି ବ୍ରହ୍ମାଙ୍କୁ ଦେଲେ । ଋଷିମାନଙ୍କ ଗହଣରେ ପ୍ରଳୟ କାଳକୁ ସତ୍ୟବ୍ରତ ମନୁ କଟାଇଲେ। ମତ୍ସ୍ୟ ନାରାୟଣ ସମସ୍ତ କଥା ତାଙ୍କୁ ବିଷୟରେ ଶୁଣାଇଲେ। ମତ୍ସ୍ୟନାରାୟଣ ସଙ୍କଟ ପରେ ସତ୍ୟବ୍ରତ ମନୁଙ୍କୁ ପଥ ଦେଖାଇ ଦେଇ କହିଲେ ହେ ମନୁ! ଆଗାମୀ ଜନ୍ମରେ ତୁ ବୈବସ୍ୱତ ମନୁ ରୂପରେ ଜନ୍ମ ନେଇ ପ୍ରଜା ପାଳନ କରିବୁ। ସେହି ସତ୍ୟବ୍ରତ ପରବର୍ତ୍ତୀ ଜନ୍ମରେ ବୈବସ୍ୱତ ମନୁ ହେଲେ ଓ ଧର୍ମମାର୍ଗରେ ପ୍ରଜା ପାଳନ କଲେ।

(କ୍ରମଶଃ)

+ମଣ୍ଡଗାଁ, ବରୁଣସିଂ, ବାଲେଶ୍ୱର

## ଜିଲ୍ଲାର ଜନପ୍ରତିନିଧିମାନଙ୍କ ଫକୀରମୋହନ ସରକାରୀ ମେଡିକାଲ କଲେଜ ପ୍ରତି ବୈମାତୃକ ମନୋଭାବ କାହିଁକି ?

ସୁବ୍ରତ କର



ଗତ ୨୮ ଜାନୁଆରୀ ଦିନ ଜିଲ୍ଲା ସ୍ୱାସ୍ଥ୍ୟ ବିକାଶ ସମିତିର ସାଧାରଣ ବୈଠକ ଫକୀର ମୋହନ ସରକାରୀ ମେଡିକାଲ କଲେଜ, ରେମୁଣାଠାରେ ହୋଇଯାଇଛି। ଏଥିରେ ସରକାରୀଭାବେ ୨୦ଜଣ ସରକାରୀ ଅଧିକାରୀ ସଭ୍ୟା ସଭ୍ୟା ଅଛନ୍ତି ଏବଂ ଜଣେ ମାତ୍ର ବେସରକାରୀ ସଭ୍ୟ ଅଛନ୍ତି। ଏହି ଜିଲ୍ଲା ସମିତିର ଅଧ୍ୟକ୍ଷ ହେଉଛନ୍ତି ଆମ ଜିଲ୍ଲାର ମେମ୍ବର ଅଫ ପାର୍ଲାମେଂଟ କମ୍ ଭାରତ ସରକାରଙ୍କ ମାନନୀୟ ମନ୍ତ୍ରୀ ମହୋଦୟ। ଏହା ଏହି ସମିତିର ଦ୍ୱିତୀୟ ସାଧାରଣ ବୈଠକ। ମୂଳରେ ଏହି ସମିତିରେ ଏମ.ପି ମହୋଦୟ ଏବଂ ଦୁଇଜଣ ବିଧାୟକ ସଭ୍ୟ ହିସାବରେ ସାମିଲ ଥିଲେ ଏବଂ ସେମାନେ ଦୁଇଜଣ ହେଲେ ସଦର ଏବଂ ରେମୁଣାର। ସରକାରୀ ସଭ୍ୟ ସଭ୍ୟା ମାନଙ୍କ ମଧ୍ୟରୁ ଆର.ଡି.ସି, ଡି.ଏମ.ଇ.ଟି, କଲେକ୍ଟର, ଏସପି ଏବଂ କଲେଜ ସହିତ ଜଡ଼ିତ ଜିଲ୍ଲାସ୍ତରୀୟ ଅଧିକାରୀମାନେ। ଏହି ସମିତିର ଆବାହକ ହେଉଛନ୍ତି ଅଧ୍ୟକ୍ଷା ମେଡିକାଲ କଲେଜର। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଏହି ନୂଆ କରି ହୋଇଥିବା ମେଡିକାଲ କଲେଜ ଭଲ ଭାବରେ ଚାଲିବ ଏବଂ ବିଶେଷକରି ବାଲେଶ୍ୱର ଜିଲ୍ଲାର ସାଧାରଣ ଜନତା ଏହାର ସୁବିଧା ସୁଯୋଗ ନେବେ। ଆଉ ଟିକିଏ କଥାରେ କଟକ ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଗତ ଦୁଇବର୍ଷ ସବୁ ଠିକ୍ ଠାକ୍ ଚାଲିଥିଲା ଏବଂ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ବଛା ହୋଇ କଲେଜର ଯୋଗନେବା ଆରମ୍ଭ କରିଛନ୍ତି। ଏବେ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଅଛନ୍ତି। ଏହି କଲେଜଟିକୁ ଆରମ୍ଭ କରିବାପାଇଁ ବା ବାଲେଶ୍ୱରଠାରେ ଏହିଭଳି ଏକ ସରକାରୀ ମେଡିକାଲ କଲେଜ ହେଉ ବୋଲି ଚାହିଁଥିଲେ ବାଲେଶ୍ୱରଠାରେ ଗଠିତ ହୋଇଥିବା ମେଡିକାଲ କ୍ରୀୟାନୁଷ୍ଠାନ କମିଟିର ସଭ୍ୟ ସଭ୍ୟାମାନଙ୍କ ଦ୍ୱାରା। କମିଟିର ସେହି ସଭ୍ୟ ସଭ୍ୟାମାନଙ୍କ ପରିଶ୍ରମ, ନିଷ୍ଠା ଏବଂ ଲଗାତାର ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପରେ ଚାପ ସୃଷ୍ଟିକରି ୨୦୧୬ ମସିହାରେ ଏହାର ଶୁଭ ଦେବାରେ ସଫଳ ହୋଇଥିଲେ। ଏହି ପରିଶ୍ରମ ୨୦୦୫ ମସିହାଠାରୁ ଦିଲ୍ଲୀଠୁ ଭୁବନେଶ୍ୱର ପର୍ଯ୍ୟନ୍ତ ଜାରି ରହିଥିଲା। ସେହି ସମୟରେ ବାଲେଶ୍ୱରର ଜନ ପ୍ରତିନିଧିମାନଙ୍କର ସେଭଳି ସହଯୋଗ ଏବଂ ସହାନୁଭୂତି ଦେଖିବାକୁ ମିଳି ନଥିଲା। ଉଦ୍ଦେଶ୍ୟ ସେମାନଙ୍କୁ ଜଣା। ମେଡିକାଲ କଲେଜ ହବାର ତିନିବର୍ଷ ପରେ ମଧ୍ୟ ଅବସ୍ଥା ଏକା। ସ୍ୱାସ୍ଥ୍ୟ ବିକାଶ ସମିତି ସଭାକାର୍ଯ୍ୟକୁ ସମସ୍ତ ଜନ ପ୍ରତିନିଧି ମାନଙ୍କ ଫଳକ ଟେବୁଲ ଉପରେ ରଖାଯାଇଥିଲା କିନ୍ତୁ ଦୁର୍ଭାଗ୍ୟର କଥା ସବୁ ଚେଆର ଫାଙ୍କା ପଡ଼ିଥିଲା। ଏପରିକି ସଦର ଏବଂ ରେମୁଣା ବିଧାୟକ ମାନେ ଉପସ୍ଥିନ ନଥିଲେ। ସରକାରୀ ସଭ୍ୟ ପୁଲିସ ଆରକ୍ଷୀ ଛଡ଼ା ପ୍ରାୟ ସମସ୍ତେ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ସୁରୁଖୁରୁରେ ଚାଲିଲା ଏବଂ ବହୁତ ସୁବିଧା ଅସୁବିଧା କଥା ପଡ଼ିଲା ଏବଂ କିଛି ସମାଧାନ ହେଲା ଏବଂ ଆଉ କିଛି ସମାଧାନ ହେବା ପାଇଁ ବାଟ ଫିଟିଲା। କିନ୍ତୁ ଦୁଃଖର କଥା ଜନପ୍ରତିନିଧି ମାନେ ଜିଲ୍ଲା ପାଇଁ କଣ ଆଲୋଚନା ହେଲା ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ଜାଣି ପାରିଲେ ନାହିଁ ଏବଂ ତାଙ୍କର ମତ ରଖିପାରିଲେ ନାହିଁ। ଉପସ୍ଥିତ ଥିଲେ ହୁଏତ ଜିଲ୍ଲାରେ ସ୍ୱାସ୍ଥ୍ୟର ବିକାଶ ହୁଅନ୍ତା ଏବଂ ସାଧାରଣ ଜନତା ଉପକୃତ ହୋଇପାରିଥାଆନ୍ତେ।




### ମରୁଭୂମି ବାଲି...

ଡିସମ୍ବର ମେହେର



ନିର୍ଜନ ଆକାଶ ତଳେ
ଖୋଜି ବୁଲେ ଅସରନ୍ତି ସ୍ୱପ୍ନ
ସବୁଜିମା , ପକ୍ଷୀର କାକଳି ଶବ୍ଦ
ସମସ୍ତେ ଆସନ୍ତି
ମରୁଭୂମି ବାଲି ସ୍ୱପ୍ନରେ ।

ଇଚ୍ଛା କରେ ସବୁଜିମାକୁ
ଆପଣାର ସଂପର୍କରେ ବାନ୍ଧିବାକୁ
ପାଣିକୁ ହୃଦୟ ସହ ଚାପି ଧରିବାକୁ
କିନ୍ତୁ ତା ଇଚ୍ଛା ରହିଯାଏ ଇଚ୍ଛାରେ ।

ରୌଦ୍ର ତାପର ପ୍ରଚଣ୍ଡ ଆଘାତ
ଶରୀରକୁ କରିଦିଏ ଉତ୍ତପ୍ତ ଅଙ୍ଗାର
ତଥାପି ସେ ନିରବତା ଭାଙ୍ଗେ ନାହିଁ
ଖୋଜି ବୁଲେ ଶିତଳତାର
ଛାଇ ଆଶାରେ ।

ପଥିକଟେ ନାହିଁ କି ସାଥିଟେ ନାହିଁ
ତଥାପି ବସିଛି ସ୍ମୃତିକୁ ସାଉଁଟି
ବର୍ଷ ବର୍ଷ କାହିଁ କେତେ ବର୍ଷ
ରହିଛି ଅନେଇ ନିର୍ଜନ ପଥରେ ।

+ଗନ୍ତାବାହାଲି ନୂଆପଡା
ମୋ-୭୮୯୪୭୮୮୧୩୫

### ସ୍ୱପ୍ନ ସବୁ ଯାଏ ହଜି...

ସୁଦର୍ଶନ ମହାପାତ୍ର



ସ୍ନିଗ୍ଧ ସୁଶୀତଳ ମଳୟ ଗୋ ତୁମେ
ମତୁଆଲା ଜହ୍ନ ରାତି,
ଏକାନ୍ତ ପଣର ଚୁନା ଚୁନା ସ୍ମୃତି
ମଧୁର ବିରହ ତାତି ।

ଛୁଇଁ ଯାଅ କେବେ ବିଦଗ୍ଧ ମନକୁ
ଶିହରିତ ସ୍ପର୍ଶ ଦେଇ,
ଡାକି ନିଅ କେବେ ବିଜନ ବେଳାକୁ
ଅସୁମାରୀ ମୋହ ହୋଇ ।

ନୀଳତୃଷ୍ଣା ତୀରେ ନୀଳ ଉର୍ମିମାଳା
ଲଘିଂ ଯାଏ ଦୁଇ କୂଳ,
ମିଠା ମହାମୋହ ମଧୁର ମିଳନ
ପ୍ରତୀକ୍ଷାନ୍ତେ ଛଳଛଳ ।

ମନ ମୁକୁରରେ ଆଙ୍କୁଥାଏ କେବେ
ପ୍ରିୟତମା ତୁମ ଛବି
ଫଗୁଣ ଫୁଲରେ ସଜାଏ ବିଭୋରେ
ତୁମ କଥା ଭାବି ଭାବି ।

ସୁନା ଫରୁଆରେ ସାଇତି ରଖିଛି
ତୁମରି ଅଝଟ ସ୍ମୃତି
ମନ ଦରିଆର ପ୍ରୀତି ଶାମୁକାରେ
ପାଲଟି ଯାଇଛି ମୋତି ।

ଅଳସ ଭାଙ୍ଗିଛି ତୁମ ସ୍ମୃତି କେବେ
ପାହାନ୍ତି ସପନେ ମୋର
ତନ୍ଦ୍ରା ବିଜଡିତ ମୁଦିଲା ଆଖି ମୋ
ରଚେ ପୁଣି ଅଭିସାର ।

ପବନର ପାଦ ଶବଦ ଶୁଭିଲେ
ଦାଣ୍ଡ ଦୁଆରରେ ମୋର
କାଳେ ଆସିଗଲ ନିସ୍ତବ୍ଧ ପ୍ରହରେ
ଚମକେ ଥରକୁ ଥର ।

ତୁମ ବାଟ ଚାହିଁ ରାତି ଯାଏ ପାହି
ସ୍ୱପ୍ନ ସବୁ ଯାଏ ହଜି
ଅଧା ରହିଯାଏ ସେ କାହାଣୀ ଲେଖା
ଇତିଟିଏ ଖୋଜି ଖୋଜି ।

+ କୁଞ୍ଜବିହାରୀ ଲେନ ,କଟକ






### ନାଇଁରେ ନାଇଁ ..

ଶରତ କୁମାର ଦାସ

ନାଇଁ ରେ ନାଇଁ
ମିଛ କଥା କେବେ କହିବା ନାଇଁ
କହୁଥିବା ସଦା ସତ,
ସତ କହି ପଛେ ଜୀବନ ଯାଉ
କରିବାନି ମଥା ନତ ।

ନାଇଁ ରେ ନାଇଁ
ମନ୍ଦ କଥା ଜମା ଶୁଣିବା ନାଇଁ
ଶୁଣୁଥିବା ଭଲ କଥା,
ଭଲ କଥା କହି ମୋହିବା ମନ
ଚାଲୁଥିବା ଟେକି ମଥା ।

ନାଇଁ ରେ ନାଇଁ
ଖରାପ ଜିନିଷ ଦେଖିବା ନାଇଁ
ଦେଖୁଥିବା ସଦା ଭଲ,
ଭଲରେ ହରଷ ମନ୍ଦରେ ଦୁଃଖ
ହେଉଥିବା କଲବଲ ।

ନାଇଁ ରେ ନାଇଁ
ଜୀବନେ କାହକୁ ଠକିବା ନାଇଁ
କରୁଥିବା ସେବା ଜାଣି,
ପୋଛିଦେବା ଲୁହ ଦୁଃଖୀ ଜନଙ୍କ
କହିବା ମଧୁର ବାଣୀ ।

ନାଇଁ ରେ ନାଇଁ
କଳି ଗୋଳ ଜମା କରିବା ନାଇଁ
କଳିରେ ମିଳେ କି ସୁଖ ?
ଆମେ ପରା ସବୁ ଭାଇ ଭଉଣୀ
ହସରେ ଭରିବା ମୁଖ ।

ନାଇଁ ରେ ନାଇଁ
ଅବାଟରେ କେବେ ଚାଲିବା ନାଇଁ
ଚାଲୁଥିବା ସତ ବାଟେ,
ଭଲ ମଣିଷ ତ ହୋଇବା ଦିନେ
ଲଗାଇବା ମନ ପାଠେ ।

+ଅଧ୍ୟାପକ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

● ଧାରାବାହିକ ଆତ୍ମଜୀବନୀ ●

ଭାଗ-୩

# ମୋ ସାହିତ୍ୟ ସାଧନା: ତିକ୍ତ ମଧୁର ଅନୁଭବ

## ରମାକାନ୍ତ ବେହେରା



ଦ୍ୱିତୀୟ କବିତାଟି ମୋର ଜଣେ ସଂପର୍କୀୟ କାକାଙ୍କ ବିବାହ ଉପଲକ୍ଷେ ତା ୧୫-୫-୧୯୫୮ରେ 'କାକା ଯିବେ ବାହାହୋଇ' ଲେଖିଥିଲି। ତା ୧୨-୮-୫୮ରେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏକ ପ୍ରାର୍ଥନା କବିତା ଲେଖିଥିଲି। ଏକ ଦେଶପ୍ରେମମୂଳକ କବିତା 'ଉତ୍କଳ ଜନମ ଭୂଇଁ', ତା ୧୪-୮-୫୮ରେ ଲେଖିଥିଲି। ନେତାଜୀ ସୁଭାଷଙ୍କ ପାଇଁ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି କବିତା 'ନେତାଜୀ ସ୍ମରଣେ' ତା ୧୫-୮-୫୮ରେ ଲେଖିଥିଲି, ଅନ୍ୟ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି କବିତା 'ଅତିବଡ଼ି ଜଗନ୍ନାଥ ଦାସ' ଶୀର୍ଷକରେ ତା ୧୮-୮-୫୮ରେ ଲେଖିଥିଲି, ପ୍ରକୃତି ଦୃଶ୍ୟ ବର୍ଣ୍ଣନାକରି 'ସୁବର୍ଣ୍ଣରେଖା ତୀରେ ସୂର୍ଯ୍ୟାସ୍ତ' ଶୀର୍ଷକ କବିତାଟି ୨୨-୮-୫୮ରେ ଲେଖିଥିଲି।

କେବଳ ତାରିଖ କ୍ରମରେ ଉଲ୍ଲେଖ କଲି । କିନ୍ତୁ ଏସବୁ କବିତା ଏବେବି ମୋତେ ବିସ୍ମୟ ଚକିତ କରେ। ସମସ୍ତ କବିତା ସେଇ ବୟସରେ ଅନ୍ୟ କବି କ୍ୱଚିତ ଥିବେ ଏତେ ମର୍ମସ୍ପର୍ଶୀ ସରଳ ଭାଷା ଓ ଭାବର ଉଚ୍ଛ୍ୱରସ ଖେଳେଇଥିବେ ପୁଣି ଜୀବନର ଅସୀମ ଜ୍ୱାଳା ଯନ୍ତ୍ରଣା ମଧ୍ୟରେ କେବଳ ଏତିକି ଅନୁରୋଧ କରି ପାରେଁ ସମମର୍ମୀ ହୃଦୟକୁ ଏସବୁ ସାରସ୍ୱତ ଅର୍ଘ୍ୟ ଉପରେ ସୁଯୋଗ ମିଳିଲେ ଥରେ ଆଖି ବୁଲାଇ ନେବାପାଇଁ, ସମୟର ଅପଚୟ ହେବ ନାହିଁ।

ନବମରେ ପଢୁଥିବା ବେଳର କବିତା ମଧ୍ୟରୁ ମାତ୍ର ଛଟି ଉଦ୍ଧାର କରିଥିଲି। ଲେଖାର ତାରିଖ କ୍ରମରେ ୧ମଟି ହେଲା ଗୁରୁଙ୍କ ବିଦାୟେ ଏହା ୧୦/୫/୫୯ ରେ ଲିଖିତ ଜଣେ ପୂଜ୍ୟ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ଉପଲକ୍ଷେ। ୨ୟଟି ଏକାଦଶ ଶ୍ରେଣୀର ବଡ଼ଭାଇ ମାନଙ୍କ ବିଦାୟ ସଭାରେ କବିତାଟି ପାଠ କରିଥିଲି। ୨୧-୨-୬୦ରେ। ତା ୨୦-୯-୬୦ରେ ପକ୍ଷାଘାତ ଗ୍ରସ୍ତ ବୃଦ୍ଧ ଜନନୀଙ୍କ ଶଯ୍ୟା ପାଖରେ ବସି 'ମାତୃସ୍ମୃତି' କବିତାଟି ଲେଖିଥିଲି ରାତି ୧୨ଟାରେ। କେତେ ଅଶ୍ରୁଝରା ପ୍ରାଣସ୍ପନ୍ଦୀ ସେ ଉଚ୍ଚାରଣ , ଏଠାରେ ମାତ୍ର ଶେଷ ପଦଟି ସ୍ମରଣ କରୁଛି ତୁହିମା ସୁକଲ୍ୟାଣୀ

ଅଶେଷ ଗୁଣ ଧାରିଣୀ
କବି ଗାଏ ଏହାଜାଣି
ସ୍ୱର୍ଗ ସାନ ତୁ ମହନ

ଅଟୁଗୋ ଜନନୀ - ମାତୃସ୍ମୃତି - ପୃ - ୨୧୨ ସେଇ ଶ୍ରେଣୀରେ ପରବର୍ତ୍ତୀ ତିନିଟି କିବିତା ମୋର ଜୀବନର ଆଦ୍ୟ ଉପନ୍ୟାସ 'ଜୀବନର ଘୂର୍ଣ୍ଣି' ପାଇଁ ଲେଖିଥିଲି, ପ୍ରଥମଟି ହେଲା ଜୀବନ ଦର୍ଶନ ଉପରେ ଏକ କ୍ଷୁଦ୍ର କବିତା ତାହା ଉପନ୍ୟାସର ପ୍ରାରମ୍ଭରେ ରହିଛି, ସେଇ ନାମରେ ଉପନ୍ୟାସଟି ନାମିତ। ଅନ୍ୟ ଦିଟି ଗୀତିଧର୍ମୀ ବିରହ କବିତା ନାୟିକା କଣ୍ଠରେ ଦିଆ ଯାଇଛି। 'ବିଫଳ ମୋ ଅଭିସାର' ଏବଂ ଚଲାବାଦଲରେ' ଯଥାକ୍ରମେ। ୨୭-୧୦-୬୦ରେ ଓ ତା ୧-୧୦-୬୦ରେ ଲେଖିଥିଲି।

ଦଶମ ଶ୍ରେଣୀରେ କିଛି ଅଧିକ କବିତା ଲେଖିଥିଲି। ମାତ୍ର ସେଥି ମଧ୍ୟରୁ କେବଳ ଚାରିଟି ଉଦ୍ଧାର ପାଇଥିଲା। ପ୍ରଥମଟି ଏକାଦଶ ଛାତ୍ର ଛାତ୍ରୀଙ୍କ ବିଦାୟ ସଭାରେ ତା ୨୦/୨/୧୯୬୧ରେ ପାଠ କରିଥିଲି। ଦ୍ୱିତୀୟଟି ମୋର ପରମାରାଧ୍ୟ ଗୁରୁଦେବ ଶ୍ରୀ ଶରତ ଚନ୍ଦ୍ରଙ୍କ ବଦଳି କାରଣରୁ ଅନୁଷ୍ଠିତ ବିଦାୟ ସଭାରେ ୧୩/ ୬/ ୬୧ରେ ପାଠ କରିଥିଲି। ତୃତୀୟ କବିତାଟି 'ଦ୍ୱନ୍ଦ' - ଊଷା ଓ ରାତି ମଧ୍ୟରେ ବଡ଼ସାନ କଳି, ଏଠାରେ ସେତେବେଳର ରାଜନୀତି ନେତାଙ୍କ ଚରିତ୍ର ଉପରେ ରାତ୍ରି ମୁଖରେ କୁହାଯାଇଛି-

'ମାଟି ମାଆ ରକ୍ତ ଶୋଷେ
ରାସ୍ତାକାମେ ଯନ୍ତ୍ରୀ।
ଭୋଟରଙ୍କ ତଣ୍ଟି କାଟି ନେତା ହୁଏ
ମନ୍ତ୍ରୀ।

କବିତାଟି ତା ୪/ ୯/୧୯୬୧ରେ ଲିଖିତ।

ଚତୁର୍ଥ କବିତାଟି 'ମା ଦଶଭୂଜା' ୧୯୬୧ ଦୁର୍ଗାପୂଜାର ମହାଷ୍ଟମୀ ଦିନ ଲେଖିଥିଲି। ଏହା ସଂପୂର୍ଣ୍ଣ ବୀର ସରସାତ୍ମକ ଏବଂ ତତ୍କାଳୀନ ରାଜନୀତିର ଅତ୍ୟାଚାରୀ ଦୁର୍ନୀତିଗ୍ରସ୍ତ ନେତୃମଣ୍ଡଳୀଙ୍କ ସଂହାର ପାଇଁ ଉର୍ଦ୍ଧ୍ୱ କୈଶୋର ପ୍ରାଣର ଜ୍ୱାଳା ସ୍ପନ୍ଦାୟିତ ହୋଇଛି। ଗୋଟିଏ ପଦ ସ୍ମରଣ କରୁଛି-

'କଳା ଟଙ୍କା ଅପ୍ରମିତ ବିଦେଶେ କରି
ସଞ୍ଚିତ
କରନ୍ତି ବିଶ୍ୱାସଘାତ ବୈମାନ ଦଳ
ରାଜନେତା ଛଦ୍ମବେଶେ ଭୋଟରଙ୍କ
କୃପାବଶେ
ମାତନ୍ତି ଦେଶ ବିନାଶେ ଅତି ପ୍ରବଳ
ସେଇ କାଳ କୂଳ କଳଙ୍କ
ଦଳକୁ ସଂହାର କରି କର ନିପାତ,

'ମା ଦଶଭୂଜା' - ପୃ- ୧୬ ୯ ଭାରତ ଜନନୀଙ୍କ ତିନିଖଣ୍ଡ କରି ତାରି ରକ୍ତଝରା ଖଣ୍ଡିତ ଛାତି ଉପରେ ସିଂହାସନ ମଡ଼ି ବସି ଯେଉଁ ଚକ୍ରଭୂକ୍ ନେତୃ ମଣ୍ଡଳୀ ଏବଂ ଦଳ ଦେଶଜନନୀର ରକ୍ତ ଶୋଷଣ କଲେ ସେମାନେ ବହୁବର୍ଷ ପରେ, କ୍ଷମତାଚ୍ୟୁତ, ସାମାନ୍ୟ ଜଣେ ସ୍କୁଲ ଛାତ୍ର ହୃଦୟରେ ପ୍ରତିବାଦର ଯେଉଁ ଆଗ୍ନେୟ ଜ୍ୱାଳା ସେତେବେଳେ ପରିସ୍ପନ୍ଦିତ ହୋଇଥିଲେ ତାହା ସମମର୍ମୀ ପାଠକ ହୃଦୟଙ୍ଗମ କରିବେ ନିଶ୍ଚୟ। ସେ ବୟସ ଓ ଶିକ୍ଷାରେ ଚମତ୍କାର ଚୋଖୀ ରାଗରେ ଏ ଯେଉଁ ଉଦାର ଉଚ୍ଚାରଣ, ଆମ ସାହିତ୍ୟରେ ଆଉ କାହା ଲେଖନୀରୁ ସେଇ ବୟସରେ ତାହା ଝରିଛି ଜାଣେନା।

ଏକାଦଶ ଶ୍ରେଣୀରେ ମାତ୍ର ମାସେ ପଢ଼ା, ତାପରେ ଟେଷ୍ଟ ପାଇଁ ପ୍ରସ୍ତୁତି, ତାପରେ ପରିକ୍ଷା-ଜୀବନର ତାହା ଏକ ପରମ ସନ୍ଧିକ୍ଷଣ- ସମୟ କାହିଁ କବିତା ପାଇଁ- ପୁଣି ମୋର ଯେଉଁ ଜୀବନ ଯନ୍ତ୍ରଣା ପୂର୍ବରୁ ଲେଖୁଛି । ରନ୍ଧାବଢ଼ା କରି ବାପା ମାଙ୍କ ସେବା କରି ୧୫ କି.ମି. ଯିବା ଆସିବା ମଧ୍ୟରେ ମୁଣ୍ଡ ଉପରେ ପାଠର ପାହାଡ଼ ଚାପି ରଖି କାହା ଲେଖନୀରୁ କବିତା ଝରିବା ସମ୍ଭବ ମୋତେ ଜଣାନାହିଁ- ତଥାପି ତାରି ଭିତରେ କିଛି କବିତା ଲେଖିଥିଲି ସେଥିରୁ ମାତ୍ର ପାଞ୍ଚଟି ଉଦ୍ଧାର କରିଥିଲି ପରୀକ୍ଷା ପୂର୍ବରୁ ୨ଟି ଏବଂ ପରୀକ୍ଷା ପରେ ତିନିଟି ମୋ ଜୀବନର ସେସବୁ ଅନ୍ୟତମ ଶ୍ରେଷ୍ଠ କବିତା।

ଟେଷ୍ଟ ପରୀକ୍ଷା ପୂର୍ବରୁ ହଠାତ୍ ଆମର ପୂଜ୍ୟ ଗୁରୁଜୀ ଶ୍ରୀ ଜ୍ୟୋତିଷ ଚନ୍ଦ୍ର ମହାପାତ୍ରଙ୍କ ବଦଳି ହେଲା, ଏକ ଅଶ୍ରୁ ସଜଳ ଗରୁଣାର୍ଦ୍ର ବିଦାୟ କବିତା ପାଠ କରିଥିଲି। ତା ୨୬-୧-୬୨ରେ। ତାର ଦିଦିନ ପରେ 'ମୋଗାଁ' ନେଇ ଏକ କବିତା ରଚନା କରିଥିଲି। ତାର ଭୂୟସୀ ପ୍ରଶଂସା ଆଲୋଚକ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ଭୂୟାଁ 'ମୁଗ୍ଧ ଅନୁଭବ'ରେ କରିଛନ୍ତି "ଅବଶ୍ୟ 'ଛୋଟ ମୋର ଗାଁଟି ସଜି ରାଉତ ରାୟ ବିଖ୍ୟାତ କବିତା ପାଠ୍ୟ ପୁସ୍ତକରେ ପଢ଼ିଛୁଁ, ବିନୋଦ ନାୟକଙ୍କ ପ୍ରାଣସ୍ପର୍ଶୀ ' ଗ୍ରାମ ପଥ' ବି ପଢ଼ିଛୁଁ- ମାତ୍ର ସେସବୁ ମହାନ କବିଙ୍କ ପ୍ରାପ୍ତ ବୟସର ଲେଖା।

କବି ରମାକାନ୍ତଙ୍କ 'ମୋ ଗାଁ' ନିଃସନ୍ଦେହରେ ଏକ ଅନବଦ୍ୟ ଓ ଅବିସ୍ମରଣୀୟ ସୃଷ୍ଟି, ଭୋଗରାଇ ଗାଁ ଠାରୁ ନିଜକୁ ବିଛିନ୍ନ କରି ପାରିନାହାନ୍ତି, ଭୋଗରାଇ ତାଙ୍କ ମାଆ, ମାତୃଭୂମି, ଉପାସ୍ୟ ଭୂମି, ଭୋଗରାଇର ଗଛଲତା, ପଶୁପକ୍ଷୀ, ପାଣିପବନ ମନ୍ଦିର ସହିତ ତାଙ୍କର ଗଭୀର ଅନ୍ତରଙ୍ଗତା ଓ ଆତ୍ମିୟତା ତାଙ୍କୁ ଆକର୍ଷିତ କରୁଛି ପ୍ରତି ମୁହୂର୍ତ୍ତରେ, ମୃତ୍ୟୁ ପରେ ସେ ଫେରି ଆସିବେ ସେଇ ମାଆ ଭୋଗରଶଇ ପାଖକୁ'। ମୋ ଲେଖାକୁ ସେସବୁ କାଳୋତ୍ତୀର୍ଣ୍ଣ କବିତା ସହ ତୁଳନା କରିବାର ସ୍ପର୍ଦ୍ଧା କରୁନାହିଁ। ନମ୍ର ଭାବେ ଏତିକି ମୋର ଗର୍ବବୋଧ ମାତ୍ର ଏକାଦଶ ଶ୍ରେଣୀରେ ଆଦ୍ୟ ଯୌବନରେ ଲିଖିତ ଏ ଅଖ୍ୟାତ କବିତାଟି ବୟସ, ଶିକ୍ଷା, ଅଭିଜ୍ଞତା ଦୃଷ୍ଟିରୁ ମଧ ସାହିତ୍ୟରେ ତାର ସ୍ଥିତି ଜାହିର କରେ।

ମଣିଷ ଜୀବନରେ ଏକ ଅଦୃଶ୍ୟ, ଅନନୁଭୂତି ଅଶରୀରୀ ସତ୍ତା ହେଲା 'ଆଶା', ପରୀକ୍ଷା ପରେ ଛୋଟ କିନ୍ତୁ ଜୀବନଦର୍ଶନର ଚମତ୍କାର ଭାଷ୍ୟ ତାର ପ୍ରତିଟି ଅକ୍ଷର, ଶବ୍ଦରେ ବିନ୍ୟଶିତ୍ୟ।

ଶେଷ ପଦଟି ସ୍ମରଣ କରୁଛି-

'ରୋଗୀ ଦୁଃଖୀ ଦୀନହୀନ
ଉଦ୍‌ଯୋଗୀ କର୍ମଠ ଜନ
ପ୍ରାଣ କେତେ ରଙ୍ଗେ ପୂର୍ଣ୍ଣ ତୋର
ଆଲୋକେ
ସେ ପାଇଁ ଆସେ ନୂତନ
ଧରାତଳେ ବିନୁ ଦିନ ନବପୁଲକେ
ତୁଅଟୁ ଜୀବ ଜୀବନ
କୌତୁହଳୀୟ ଅଟେ ତୋର ସୃଜନ' ॥

ପୃ - ୨୬୧ (ଯୌବନର ସଙ୍ଗୀତ) ଚୀନ ଭାରତ ୧୯୬୨ ମସିହାର ଯୁଦ୍ଧ ପୃଷ୍ଠ ଭୂମିରେ ବୀର ରସାତ୍ମକ ୨ଟି କବିତା ଲେଖିଥିଲି, 'ଦିଅରେ ଚରମ ଶିକ୍ଷା' ଏବଂ 'ହେ ମୋର କବିତା', ଏହି ୨ଟି କବିତାରୁ ପ୍ରଥମଟିର ଶେଷ ପଦ ହେଲା-

'ଉଭୟ ଶାସ୍ତ୍ରେ ଶସ୍ତ୍ରେ ଏ ମାଟି ନେଇଛି
ପରମ ଦୀକ୍ଷା।
ଏଥର ଶତ୍ରୁ ଅଚିରେ ପାଇବ ଜୀବନେ
ଚରମ ଶିକ୍ଷା ॥ ପୃ - ୨୩୨

'ହେ ମୋର କବିତା' ଟି ଏକ ସାର୍ଥକ ଅଗ୍ନିଗର୍ଭ ଜାଗରଣର କବିତା। ଶେଷ ପଦଟିଏ ଉଲ୍ଲେଖ କରୁଛି।

ହେ ମୋର କବିତା
ଗମ୍ଭୀର ତବ ଆହ୍ୱାନେ
ଯଜ୍ଞର ଦେବୀ ସଜୀତ କର
ହିମାଚଳ ଶ୍ୱେତ ପ୍ରାଙ୍ଗଣେ
ପ୍ରତାପ, ନେତାଜୀ, ଖାରବେଳଳ ସ୍ୱରେ
ଶଙ୍ଖ ଉଠୁ ହେ ବାଜି
ମହାଯଜ୍ଞର ପୂର୍ତ୍ତି କରୁହେ
ଚୈନିକ ଶିର ରାଜି
ଯଜ୍ଞ ବେଦୀର ଅରାତି ଭସ୍ମ ଚିତା
ଜନନୀର ଭାଲେ ହୋଇ ମଣ୍ଡିତା
ଦୃପ୍ତ ଚୈନିକେ ସ୍ତମ୍ଭିତ କରୁ
ସୁପ୍ତ ଜାତିର ଚେତା, ହେ ମୋର
କବିତା ॥ ପୃ -୨୩୫

ଶବ୍ଦ ସଂଯୋଜନା ଜାଗୃତିର ବ୍ୟଞ୍ଜନା ଦେଶ ପ୍ରାଣତାର ଆଗ୍ନେୟ ଉଦ୍ଦୀପନା ସେଇ ବୟସରେ କାହା ପ୍ରାଣ ତନ୍ତ୍ରୀରୁ ଝରିଛି ଅନ୍ତତଃ ସେଇ ଆଦ୍ୟ ଯୌବନରେ ତାହାର ବିକଳ୍ପ ମୁଁ ଖୋଜି ପାଏନା।

ନିଜ କବିତା ବୋଲି ଲେଖୁଛି ତା ନୁହେଁ, ଅସୀମ ଜୀବନ ଯନ୍ତ୍ରଣା ମଧ୍ୟରେ ଏ ଭାବ ତରଙ୍ଗର ବ୍ୟଞ୍ଜନା କେବଳ ଏ କେତୋଟି ଉଦ୍ଧାର କରିଛି। ତାହା ସେ ସମୟ, ସେ ଜୀବନର ଅନ୍ୟତମ ସ୍ମୃତି ସଂଳାପ।

କବିତା ହେଲା ହୃଦୟ ନିସୃତ ଆଦ୍ୟ ଉତ୍ସଧାରା। ପୂର୍ବରୁ ଉଲ୍ଲେଖ କରିଛି ୨୫-୫-୧୯୮୯ କବିତା ପାଣ୍ଡୁଲିପି ସମେତ ଅନ୍ୟ ଲେଖା ସବୁ ବିନଷ୍ଟ ହେଲାପରେ ଦୁଃଖରେ ଭାଙ୍ଗି ପଡ଼ିଥିଲି। ମୋ ଭିତରେ ସେ ଉତ୍ସକିନ୍ତୁ ଏଯାବତ୍ କଳକଲ୍ଲୋଳିତ ରହିଛି। କୈଶୋର, ଆଦ୍ୟ ମଧ୍ୟ ଯୌବନର କିଛି କବିତା ସ୍ମୃତିରୁ, ଛାତ୍ର ଛାତ୍ରୀମାନେ ଉତାରନେଇଥିବା ସେମାନଙ୍କ ଖାତାରୁ ଏବଂ ବିଭିନ୍ନ ସମୟରେ ପ୍ରକାଶିତ କେତେକ ପତ୍ର ପତ୍ରିକାରୁ ସଂଗ୍ରହ କରି ସେଗୁଡ଼ିକୁ ଜୀବନ ଜିଜ୍ଞାସା , ପ୍ରଣୟସୁଧା, କ୍ରାନ୍ତିର ଝଲକ, ଐଶ୍ୱରୀୟ, ସ୍ମୃତି ଶ୍ରଦ୍ଧାଞ୍ଜଳି, ଜାତୀୟ ସ୍ପନ୍ଦନ, ବିଦାୟ ବେଦନା ଏବଂ 'ଆଦ୍ୟଜୀବନର କଳା ଓ କବିତା' ପର୍ଯ୍ୟାୟରେ ବିଭକ୍ତ କରି ତିନିଶହ ପନ୍ଦର ପୃଷ୍ଠାର ଏକ ଭବ୍ୟ ସଂକଳନ 'ଯୌବନର ସଙ୍ଗୀତ' ନାମରେ ୧୯୧୫ରେ ପ୍ରକାଶ କଲି, ଅବଶ୍ୟ ଶୀର୍ଷକ ନାମରେ ଏକ ଦୀର୍ଘ କବିତା ଅଛି ଯାହା ଉଦ୍ଦୀପ୍ତ ଚେତନାର ଏକ ଅଗ୍ନିଗର୍ଭ ଉଚ୍ଚାରଣ। ସପ୍ତମ ଶ୍ରେଣୀରୁ ଏକାଦଶ ମଧ୍ୟରେ ଲେଖିବା କବିତା ମଧ୍ୟରୁ ଯାହା ଉଦ୍ଧାର ପାଇଥିଲା ତାର ଆଲୋଚନା ଆଗରୁ କରିଛି।

(କ୍ରମଶଃ)


+ସାଧନାଳୟ, ବିକାଶନଗର,
ବାଲେଶ୍ୱର, ମୋ: ୯୪୩୭୭୫୪୭୯୬


# ଏମିତି କେମିତି ହେଲା!

## ଇଂ. ବିଦ୍ୟାଧର ପଣ୍ଡା





ଗାଣ୍ଠୁଅଜା ଦାଣ୍ଡପଟ ପିଣ୍ଡାଧାରରେ ବସି ପାକୁଆପାଟିକୁ ପାକୁଳି କଲାବେଳେ ଦେଖିଲା ଗାଁ'ମଝି କୋଠକୂଅ ସିମେଂଟବେଢାରେ ମଲ୍ଲୀମା' ଚମ୍ପାମା'କୁ ତଳେପକେଇ ମାଡିବସିଲା। ତା'ବାଳକୁ ଝିଙ୍କି ମୁଥଉପରେ ମୁଥ ମାରିଗ୍ଭଲିଲା। ଗାଁ'ମଝି କୋଠକୂଅରେ ମିଠାପାଣିର ଭଲଝର। ଗ୍ଭରିସାହିଲୋକ ପିଇବା ପାଣି ନିଅନ୍ତି। ପ୍ରଥମେ ବ୍ରାହ୍ମଣସାହି, ତା'ପରେ ଚଷାସାହି ନେଲା ପରେ ଗୋପାଳସାହି। ସବାଶେଷରେ ଅନ୍ୟଜାତି ଓ ଗାଁ'ରେ ଭଡାଘରେ ରହୁଥିବା କିଛି ଭଡାଟିଆ ଲୋକମାନେ ଗରା ବାଲ୍ଟିରେ ପାଣିଭରନ୍ତି। ଏବେ ଚଷାସାହି ଲୋକମାନଙ୍କ ସମୟ। ମଲ୍ଲୀମା' ଓ ଚମ୍ପାମା' ଦୁହେଁ ଭଲ ସାଙ୍ଗ। ଜଣକୁ ନ ଦେଖିଲେ ଅନ୍ୟଜଣଙ୍କର ପାଣି ଗଳେନି। ହେଡେଙ୍କ ପରି ଦୁହେଁ ହେଁହେଁ ଫେଁଫେଁ ଠେସାଠେସି ହୋଇ ଗରାକାଖେଇ ପାଣି ନେବାକୁ ଆସି କୂଅବେଢାରେ ନିଜନିଜର ଶାଶୂମା ବିଷୟରେ ଦିପଦ କଥା ନହେଲେ ତା'ଙ୍କର ଭାତ ହଜମ ହୁଏନି। ପ୍ରଥମେ ମଲ୍ଲୀମା' କହିବ,- 'ଚମ୍ପାମା'! ତୋ'କାଣ୍ଡେଇ ଶାଶୂର ନୂଆନାଟକ କ'ଣ ? ' ଚମ୍ପାମା'ର ଏକ୍ସପ୍ରେସ୍ ଗାଡି ଶାଶୂମାର ଉଠିବା ଠାରୁ ଏ'ପର୍ଯ୍ୟନ୍ତ ଯାହାଯାହା କହିଛି ସବୁ ଗାଇଯାଇ ମଲ୍ଲୀମା'କୁ ପଗ୍ଭରିବ,- ତୋ'ମାଦଳ ଶାଶୂର ଖବର କ'ଣ ? ନାଇଁ ମ। ତା'କଥା କ'ଣ କହିବି। କୁଟା ଖଣ୍ଡକ ଦିଖଣ୍ଡ କରିବା ନାଁ ନାହିଁ। ସେହି ବିଛଣାରେ ପଡିପଡି ଅର୍ଡର ଉପରେ ଅର୍ଡର ଚଲଉଛି। ସବୁଦୋଷ ଏଇ ମା'ସୁଆଗିଆ ମଲ୍ଲୀବାପାର। ନହେଲେ ମୁଁ ବୁଢୀକି ଦିନ ଗୋଟାକରେ ସାବାଡ୍ କରିଦିଅନ୍ତି। କୁଆଡେ ଯଦି ଦଶ ପନ୍ଦରଦିନ ପାଇଁ ବାହାରକୁ ପଳାନ୍ତା ବୁଢୀର ରଙ୍ଗ ଛଡେଇଦିଅନ୍ତି। ସଦାବେଳେ ମୋର ସବୁ କାମକୁ ଖୁଣିଲା। ଟିକିଏ ଲୁଣ ଅଧିକ ହେଲେ କହୁଛି ଲୁଣିଆ, ଟିକିଏ କମିଗଲେ କହୁଛି ଅଲଣା। ରାଗିକି ଦିନେ କହିଲି ନିଜେ ଆସି ତିଅଣ ହାଣ୍ଡିରେ ଲୁଣ ପକାଅ। ବୁଢୀ ଏକଥା ପୁଅଆଗେ କହିବାରୁ ମଲ୍ଲୀବାପା ମୋ ପିଠିକୁ ଦୁଇବିଧା ଥୋଇଲା। ବୁଢୀକୁ ମୁଁ ପାରୁନି, କୋଉଦିନ କାଳ ହେବ କେଜାଣି ? ଚମ୍ପାମା ମନଧ୍ୟାନ ଦେଇ ଶୁଣୁଶୁଣୁ କହିବ ଶାଶୂ ମାତ୍ରକେ ସେଇଆ। ନିଜକୁ କ'ଣ ଭାବନ୍ତି କେଜାଣି ! ଆମ ବୁଢୀଟା କଥା କଥାକେ ଆମଘର ଆଡେ ଗ୍ଭଲିଯାଇ କହୁଛି,- 'ତୋ'ମାଆ ତୋତେ ଏତିକି ଶିଖେଇନି ? ତୋ'ବୋପା ଏଥର ଏଠିକି ଆସୁ। ତା'ଆଗେ ତୋ ଗୁଣଗ୍ରାମ ସବୁ କହୁଛି। ବଡଲୋକଙ୍କୁ ଲଉଟେଇକି ମୁହଁରେ ଜବାବ ଦେଉଛୁ! ଦିନେ କାଳେ ନିଜମନକୁ ମନ ହାତଗୋଡ ଟିକେ ଆଉଁସି ଦେବା କଥା ନାହିଁ, ଖାଲି ଡାକିଲେ ର' ଠ' କରି ପାଂଚମିନିଟରେ ପାଳି ତୁଳେଇ ଛୁ କରୁଛୁ।' ଏମିତି ଘଡିଏ କାଳ ଦୁହେଁ ଶାଶୂବୁଢୀଙ୍କର ନିନ୍ଦାଗାନ କରିସାରି କୂଅରୁ ପାଣିକାଢି ଫେରନ୍ତି। ଆଜି କ'ଣହେଲା କିଛି ବୁଝା ପଡୁନି। ଭଲରେଭଲରେ କଥାହୋଇ ଘରୁ ଆସିଥିଲେ, ସାଙ୍ଗେସାଙ୍ଗେ ଚୁଟି ଧରାଧରି ହୋଇ ତଳେପଡି ଗଡାଗଡା ହେଉଛନ୍ତି। ଜଣଙ୍କର ଲୁଗା ଅଂଟା ଖୋସଣୀରୁ ଖସିଗଲାଣି, ଭାଗ୍ୟଭଲ ଆଜି ଶାୟାଟିଏ ପିନ୍ଧିକି ଆସିଛି। ଗାଣ୍ଠୁବୁଢା ଜୋରରେ ପାଟି କରିବାରୁ ପାଖ ଲୋକମାନେ ଜମାହେଲେ। ଦୁଇବୋହୂଙ୍କର ଦୁଇବୁଢୀ ଶାଶୂମା' ଆସିଲାପରେ ଦୁହିଁଙ୍କୁ ସମ୍ଭାଳି ନେଲେ। ଧିରସ୍ଥିର ହୋଇ ଦୁହେଁ ବସିବାରୁ ଗାଁ ପଧାନବୁଢା ପଗ୍ଭରିଲା, - 'କାହିଁକି ଏମିତି ଝଗଡା କରୁଥିଲ ?' ମଲ୍ଲୀମା' ଚମ୍ପାମା' ଆଡକୁଗ୍ଭହିଁ ଚିଲ୍ଲେଇକି କହିଲା,- ଏ ମାଇକିନା ମୋତେ କହୁଛି ତା' ମରଦ ଯୋଗ୍ୟ ଆଉ ମୋ' ମରଦ ଅଯୋଗ୍ୟ। ମୋତେ ଚିହ୍ନିନି ସିଏ। ଗୋଟାଏ ମୁଥରେ ତା ଛାମୁଦାନ୍ତ ଝାଡିଦେବି, ତଂଟିକଣାକରି ତା ରକ୍ତ ପିଇବି ବୋଲି ତାଆଡକୁ ଉହୁଁକି ଆସୁଥାଏ।

କଥା ବୁଝୁବୁଝୁ ଦୁହେଁ ଏପରି ଝଗଡା କରିବାର କାରଣ ହେଲା ଦୁହିଁଙ୍କ ସ୍ୱାମୀଦେବ। ଦୁହେଁ ଗ୍ଭଷୀ, ଦୁହିଁଙ୍କର ଜମି ଏବେ ବିଗତ କେଇବର୍ଷ ହେଲା ପଡିଆ ପଡିଛି। ନିଜ ନାଁ ରେ ଦୁଇଦୁଇ ମାଣ ଜମି ଅଛି। ଭାଗକୁ ମାଣେ ଲେଖାଏଁ ଆଗରୁ କରୁଥିଲେ। କିନ୍ତୁ ଏ ଫନି, ପାଥେଇ ଓ ହୁଡୁହୁଡୁ ଗୋଟିକ ପରେ ଗୋଟିଏ ଆସି ଫସଲନଷ୍ଟ କରିବାରୁ ଗ୍ଭଷରୁ ମନ ଛାଡିଗଲା। ଏବେ ଦୁହେଁ ସାଇକେଲରେ ପଗ୍ଭଶ ଷାଠିଏ କିଲୋ ପରିବା ଗାଁ ଗ୍ଭଷୀଙ୍କ ଠାରୁ ବିଲମୁଣ୍ଡରୁ ନେଇ କଟକସହରରେ ଘରେଘରେ ବିକି ପରିବା ବେପାରରୁ ଭଲ ଦି'ପଇସା ରୋଜଗାର କରୁଛନ୍ତି। କାଳିଆ ପ୍ରଥମକିସ୍ତି ଦୁହିଁଙ୍କ ଖାତାରେ ଜମା ହୋଇଥିଲା। ଏବେ କିନ୍ତୁ ମଲ୍ଲୀବାପାକୁ ଅଯୋଗ୍ୟ ବୋଲି ଟଙ୍କା ଫେରାଇବା ପାଇଁ ବ୍ୟାଙ୍କରୁ ଚିଠି ଆସିଛି। କିନ୍ତୁ ଚମ୍ପାବାପାକୁ ସରକାର କାଳିଆ ଯୋଜନାରେ ଯୋଗ୍ୟ ବିବେଚନା କରିଛନ୍ତି। ସେଇକଥା ଦୁହିଁଙ୍କ ଭିତରେ ହେଲାବେଳେ ଚମ୍ପାମା ମଲ୍ଲୀମା ଆଡକୁ ଗ୍ଭହିଁ ମୁହଁ ଛିଂଚାଡି ତୋ'ମରଦଟା ଅଯୋଗ୍ୟ ବୋଲି କହିବାରୁ, ତା'ଦେହରେ ନିଆଁ ଲାଗିଗଲା। ମରଦ ଅଯୋଗ୍ୟ ବୋଲି କାନରେ ଶୁଣି ସିଏ ସହି ପାରିଲାନି। ମରଦ ନିନ୍ଦା କିଏ ସହିବ ? ପଧାନବୁଢା ମରମକଥା ବୁଝି ସରପଂଚ ରଜତବାବୁଙ୍କ ଘରକୁ ଯାଇ ପଗ୍ଭରିଲା ଯେ ବେନି ଜନେ ତ ସମଦଶା। ତୁମେ ଜଣଙ୍କୁ ଯୋଗ୍ୟ ଏବଂ ଅନ୍ୟ ଜଣଙ୍କୁ ଅଯୋଗ୍ୟ କାହିଁକି କଲ ? ସରପଂଚ ପ୍ରାଳଭାବରେ ପଧାନବୁଢାକୁ ବୁଝେଇ ଦେଲେ। ମଲ୍ଲୀବାପା ପଦ୍ମଫୁଲିଆ। ଆମ ଦଳର ନୁହେଁ। ନିର୍ବାଚନ ବେଳେ ଜୟ ଶ୍ରୀରାମ କହି ତା'ଙ୍କ ପଛରେ ଗୋଡେଇଲା। ଆମ କଥା ଶୁଣିଲାନି, ଏବେ ନାମ ନେଉ! ସେଦିନ ତା ପଣ୍ଡା କଣା ପଧାନକୁ ନେଇ ମୋ'ପାଖକୁ ଆସିଥିଲା। ଦୁହେଁ କହିଲେ ଆମେ କାହିଁକି ପାଇଲୁନି ? ଯଦି ବିଜୁ ସାହୁ, ନୀଳ ସ୍ୱାଇଁ ଓ ଧ୍ରୁବ ପ୍ରଧାନ ଯୋଗ୍ୟ, ତେବେ ଆମକୁ ଅଯୋଗ୍ୟ କଲା କିଏ ? ପ୍ରକୃତରେ ଏ ଯୋଜନା ଗ୍ଭଷୀମାନଙ୍କ ପାଇଁ ନୁହେଁ। କାଳିଆ ଟଙ୍କା ବାଂଟିବା ପରେ ଗ୍ଭଷୀ ବେଶୀ ଆତ୍ମହତ୍ୟା କରିଛନ୍ତି। ତେବେ ତରବର ହୋଇ ବାଂଟିବାର ମୁଖ୍ୟ କାରଣ ଗ୍ଭଷୀଙ୍କୁ ରାହତ ଦେବାପାଇଁ ନଥିଲା, ଏହା ଭୋଟ ଗୋଟାଇବା ପାଇଁ କରା ଯାଇଥିଲା। ନିର୍ବାଚନ ସମୟର ଏହାଥିଲା ନେତାଙ୍କ ପାଇଁ ସିବନୀ ଘୁଟି। ଦେଖିବାକୁ ଗଲେ ଦୁହେଁ ଅଯୋଗ୍ୟ। କିନ୍ତୁ ଚମ୍ପାବାପା ଆମ ସାଙ୍ଗରେ ରହି ଖଟିଛି, ଦଳପାଇଁ ରାତି ରାତି ଅନିଦ୍ରା ହୋଇ ଗାଁ ଗଳିକନ୍ଦି ଜଗିଛି। ଦଳିୟ କାମ ଏତେ କଲାପରେ ତା'କୁ ଅଯୋଗ୍ୟ କହିଲେ ଅନ୍ୟାୟ ହେବନି !

ପଧାନବୁଢା ଆଖି ଖୋଲିଗଲା। ଆଜିକାଲିର ନେତା ମାନଙ୍କର ଅଦ୍ଭୁତ ନ୍ୟାୟ ଦର୍ଶନ ବୁଝି ପାଇଲା। ସରାକାରୀ ଦଳର ଜିନ୍ଦାବାଦ୍ କଲେ ତୁମେ ଯୋଗ୍ୟ ଏବଂ ବିରୋଧୀଙ୍କ ସାଙ୍ଗରେ ବୁଲିଲେ ଅଯୋଗ୍ୟ। ତେଣୁ ଫାଇଦା ମାରିବାକୁ ସରକାରୀ ଦଳରେ ରହିବାକୁ ହେବ। ବିରୋଧୀ ଦଳପାଇଁ ପ୍ରଗ୍ଭର କଲେ କି ଭୋଟଦେଲେ ତୁମପାଇଁ ଯାହା ନ୍ୟାଯ୍ୟ ତା'କୁ ବି ସରକାରୀ ବାବୁମାନେ ଦେବାକୁ କୁନ୍ଥୁଉଛନ୍ତି। ନିର୍ବାଚନ ପୂର୍ବରୁ ତରବର ହୋଇ ବାଂଟିବାର ମୂଳଲକ୍ଷ୍ୟ ଥିଲା ଭୋଟରଙ୍କୁ ପ୍ରଭାବିତ କରେଇବା। ସେଥିରେ ସଫଳ ହୋଇ ସରକାରୀ ଦଳର ନେତା ବିଜୟୀ ହେଲେ ଏବଂ ଶାସନ ଗାଦିରେ ବସିଲେ। କିନ୍ତୁ ଏବେ ଦେଖିଲା ବେଳକୁ ସେମାନଙ୍କ ଭିତରୁ ଲକ୍ଷଲକ୍ଷ ଲୋକ ମିଛଗ୍ଭଷୀ। ମୋ'ମତରେ ଯେଉଁ ବାବୁମାନେ ଏ'ସବୁ ହୀତାଧିକାରୀଙ୍କ ଖସଡା ପ୍ରସ୍ତୁତ କରିଥିଲେ ସେମାନଙ୍କ ସମ୍ପତ୍ତି ବ୍ୟଜାପ୍ତ କରି ଗ୍ଭଷୀମାନଙ୍କର କାଳିଆଟଙ୍କା ଫେରସ୍ତ କରିବା ଉଚିତ୍। ଅଦ୍ଭୁତ ନ୍ୟାୟ ଦର୍ଶନ ହିସାବରେ ସେମିତି କଲେ ବି ସରକାର ଅନ୍ୟାୟ କରିବେ। କାରଣ ସେତେବେଳେ ସେମାନେ ଏମିତି ଘୋଟାଲା ନକରିଥିଲେ ନିର୍ବାଚନ ଫଳାଫଳ କ'ଣ ହୋଇଥାନ୍ତା କିଏ ଜାଣେ ? ସେମାନେ ଯେହେତୁ ଏପରି ଅନୈତିକ କାଣ୍ଡ କରି ସରକାରଙ୍କୁ ନିର୍ବାଚନ ବୈତରଣୀ ପାର କରେଇଛନ୍ତି, ତେଣୁ ସେ ସମସ୍ତ ବାବୁ ହେଲେ ସରକାରଙ୍କର ଗେହ୍ଲାପୁଅ। ପ୍ରମୋଶନ୍ ପାଇବା ପାଇଁ ହକ୍‌ଦାର୍। ଏବେ ସମସ୍ୟା ହେଲା ଗରିବଗ୍ଭଷୀ ଖାତାରେ ସରକାର କାଳିଆ ଯୋଜନାରେ ଯାହା ଜମାକଲେ ତାହା ନିର୍ବାଚନରେ ଭୋଓଟ ପଡିବାକୁ ଅଳ୍ପଦିନ ଥାଇ କରାଗଲା। ତେଣୁ ମୂଢଗ୍ଭଷୀ ଭାବିଲେ ନିର୍ବାଚନରେ ନେତାମାନେ ଯେଉଁ ହାତଗୁା ଦେଉଥିଲେ ସେଇଟଙ୍କାକୁ ଏଥର ପରିବାର ପିଛା ଗାୟମୋଟ କରି ଖାତାରେ ଚଢେଇଦେଲେ। ଉପରି ପଇସା ଯେମିତି ଖର୍ଚ୍ଚ କରିବାକଥା କଲେ। ପେଜକୁ ଫିଙ୍ଗିଦେଇ ତିନିବେଳା ଭାତସାଙ୍ଗରେ ତିଅଣ ତେଣ୍ଡିଲେ। ସଳପ ରସକୁ ଛାଡି ବିଦେଶି ପିଇଲେ। ନିର୍ବାଚନ ଦିନତକ ଗମାତ କରି ସରକାର ସପକ୍ଷରେ ଭୋଟ ଦେଇ ଜିତେଇଲେ। ଏବେ ସରକାର କହୁଛି, 'ତୁମେ ସବୁ ଅଯୋଗ୍ୟ ଏବଂ ନେଇଥିବା ଟଙ୍କା ଫେରାଅ।' କୁଆଡୁ ଆଣିବେ ? ସିଏ ଯେଉଁଠି ସବୁ ଖର୍ଚ୍ଚ କରିଦେଇଛନ୍ତି ସିଏ କ'ଣ ଫେରସ୍ତ ଦେବ ? ସୁଣ୍ଡିପିଣ୍ଡାରେ ମୁଣ୍ଡପିଟିଲେ ବି ଟଙ୍କାଟିଏ ମିଳିବନି। କେମିତି ଫେରେଇବେ ? କାଁଭାଁ ଭୁଲ୍ ଭଟକା ହୋଇଥିଲେ ଚଳିଥାନ୍ତା। କିନ୍ତୁ ଲକ୍ଷଲକ୍ଷ ଅଯୋଗ୍ୟ ମାନେ ଲକ୍ଷଲକ୍ଷ ଭୁଲ୍। ଏମିତି କେମିତି ହେଲା !


+ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-
୭୫୧୦୧୯,
ମୋ- ୯୪୩୯୧୨୮୦୫୦ /
୭୯୭୮୦୧୯୦୮୧

# ମହାନଦୀ ଟ୍ରିବ୍ୟୁନାଲକୁ ୩ବର୍ଷ ପୁରିବ : ଓଡିଶାର ସ୍ୱାର୍ଥ ଓ ମହାନଦୀକୁ ନ୍ୟାୟ ଉପେକ୍ଷିତ

ଭୁବନେଶ୍ୱର,୭।୨ (ନି.ପ୍ର): ମହାନଦୀର ଜଳ ବିବାଦକୁ ନେଇ ବହୁ ଆନ୍ଦୋଳନ ପରେ ଶେଷରେ ୧୨ ମାର୍ଚ୍ଚ ୨୦୧୮ରେ ମହାନଦୀ ଟ୍ରିବୁନାଲ ଗଠିତ ହୋଇଥିଲା । ଆନ୍ତଃରାଜ୍ୟ ଜଳ ବିବାଦ ଆଇନ ୧୯୫୬ ଅନୁଯାୟୀ ଗୋଟିଏ ଅନ୍ତଃରାଜ୍ୟ ନଦୀ ଜଳ ବିବାଦ ଟ୍ରିବୁନାଲ ୩ ବର୍ଷ ଭିତରେ ବିବାଦର ସମାଧାନ କରିବା ଉଚିତ୍ । ଏହି ଆଇନ୍‌କୁ ୨୦୧୯ ମସିହାରେ ସଂଶୋଧିତ ହୋଇଥିଲା ଏବଂ ସେହି ସଂଶୋଧିତ ଆଇନ୍‌ରେ ନଦୀ ଟ୍ରିବୁନାଲ ଗୁଡିକ ଗଠିତ ହେବାର ୩ ବର୍ଷ ଭିତରେ ତାଙ୍କର ବିଚାରର ରାୟ ଶୁଣାଇବା ପାଇଁ ନିର୍ଦ୍ଦେଶ ରହିଛି । ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ମହାନଦୀ ଟ୍ରିବୁନାଲ ତାର ୩ ବର୍ଷ ପୂରଣ କରିବ । ମାତ୍ର ଏହି ସମୟ ଭିତରେ ମହାନଦୀ ଜଳ ବିବାଦ ସମାଧାନର ସେମିତି କିଛି ଆଖୁଦୃଶିଆ ଅଗ୍ରଗତି ହୋଇ ନାହିଁ । ମହାନଦୀ ବଂଚାଅ ଆନ୍ଦୋଳନ ଏଥିରେ ଗଭିର କ୍ଷୋଭ ପ୍ରକାଶ କରୁଛି । ସବୁଠୁ ଦୁର୍ଭାଗ୍ୟ ଏବଂ ପରିତାପର ବିଷୟ ହେଉଛି ଏହି ୩ ବର୍ଷ ଭିତରେ ଓଡିଶା ଟ୍ରିବୁନାଲରୁ କୌଣସି ଆନ୍ତରିଣ ଆଦେଶ ପାଇ ପାରିଲା ନାହିଁ । ଛତିଶଗଡ ମହାନଦୀ ଉପରେ ଯେଉଁ ବେଆଇନ୍ ପ୍ରକଳ୍ପ, ବନ୍ଧ, ବ୍ୟାରେଜ ଇତ୍ୟାଦି କରୁଛି, ତାଉପରେ ରୋକ ଲଗାଇବା ପାଇଁ ଯେଉଁ ଅନ୍ତରିଣ ଆଦେଶ ଟ୍ରିବୁନାଲ ପାଖରୁ ଆଶା କରାଯାଉଥିଲା ତାହା ମଉଳି ଯାଇଛି । ଫଳରେ ଓଡିଶାର ସ୍ୱାର୍ଥ ଉପେକ୍ଷିତ ହେବା ସହିତ ମହାନଦୀକୁ ନ୍ୟାୟ ବର୍ତ୍ତମାନ ପର୍ଯ୍ୟନ୍ତ ମିଳି ପାରି ନହିଁ । ମହାନଦୀ ବଂଚାଅ ଆନ୍ଦୋଳନ ଏହାକୁ ଗମ୍ଭୀରତାର ସହିତ ନେଇଛି ଏବଂ ଏଥିରେ ଉଦ୍‌ବେଗ ପ୍ରକାଶ କରୁଛି । ଟ୍ରିବୁନାଲର ଆଜି ୧୯ ତମ ଶୁଣାଣିଥିଲା । ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ହେବାର ନିଷ୍ପତି ହୋଇଛି । ଅର୍ଥାତ୍ ନିର୍ଦ୍ଧାରିତ ୩ ବର୍ଷ ସମୟ ସୀମା ପରେ ହିଁ ପରବର୍ତ୍ତି ଶୁଣାଣି ହେବ । ଆଇନ ମୁତାବକ ୩ ବର୍ଷରେ ଟ୍ରିବୁନାଲ୍ ଚୁଡାନ୍ତ ରାୟ ଦେଇ ନପାରିଲେ ଆଉ ଦୁଇ ବର୍ଷ ପାଇଁ ସମୟ ସୀମାକୁ ପରିବର୍ଦ୍ଧିତ କରାଯିବ । ଆଜିର ଶୁଣାଣି ସମୟରେ କମନ୍ ଇନଫରମେସନ ଫରମାଟ୍ ମଧ୍ୟ ଚୁଡାନ୍ତ ହୋଇ ପାରିଲା ନାହିଁ । ଏହି କମନ୍ ଇନ୍‌ଫରମେସନ ଫରମାଟ୍‌ରେ ୬୧ଟି ବିଷୟ ବା ଦିଗ ରହିଛି, ଯାହା ଉପରେ ଡାଟା ବା ତଥ୍ୟ ସଂଗ୍ରହ ହେବ । କାବେରୀ ବା କ୍ରିଷ୍ଣା ଟ୍ରିବୁନାଲ ୮ ଟି ବିଷୟରେ କମନ୍ ଇନଫରମେଶନ୍ ଫରମାଟ ପ୍ରସ୍ତୁତ କରି ସେଥିରେ ଡାଟା ସଂଗ୍ରହ କରି ତାଙ୍କର ରାୟ ପ୍ରକାଶ କରିଥିଲେ । ତାକୁ ବିଚାରକୁ ନେଲେ ମହାନଦୀ ଟ୍ରିବୁନାଲ ଯେଉଁ ଇନ୍‌ଫରମେସନ ଫରମାଟ ଚୁଡାନ୍ତ କରିବାକୁ ଯାଉଛନ୍ତ, ସେଥିରେ ତଥ୍ୟ ସଂଗ୍ରହ କରିବା ସମୟ ସାପେକ୍ଷ । ତେଣୁ ଆସନ୍ତା ୨ ବର୍ଷରେ ଯେ ଟ୍ରିବୁନାଲ ତାର ଚୁଡାନ୍ତ ରାୟ ପ୍ରକାଶ କରିପାରିବ, ସେଥିରେ ସନ୍ଦେହ ପ୍ରକାଶ କରିବାର ଯଥେଷ୍ଟ ଅବକାଶ ରହିଛି ବୋଲି ମହାନଦୀ ବଂଚାଅ ଆନ୍ଦୋଳନ ଅନୁଭବ କରେ । ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ମହାନଦୀ ବଂଚାଅ ଆନ୍ଦୋଳନ ତାର ଦୀର୍ଘ ଆନ୍ଦୋଳନ ଫଳରେ ମହାନଦୀ ଟ୍ରିବୁନାଲ ଗଠିତ ହୋଇଛି ହୋଇଥିଲା । ମାତ୍ର ଟ୍ରିବୁନାଲ ତାର ୩ ବର୍ଷର କାର୍ଯ୍ୟକାଳ ପୁରଣ କରି ସାରିଥିବା ବେଳେ, ସେଥିରୁ କୌଣସି ଫଳ ନମିଳବାରୁ ମହାନଦୀର ସୁରକ୍ଷା ଓ ଓଡିଶାର ସ୍ୱାର୍ଥ ପାଇଁ ମହାନଦୀ ବଂଚାଅ ଆନ୍ଦୋଳନ ପୁଣିଥରେ ତାର ଆନ୍ଦୋଳନ ଆରମ୍ଭ କରିବ । ମହାନଦୀ ପାଇଁ ରାଜ୍ୟ ସରକାର ଯେଉଁ ଦୃଷ୍ଟି ଦେବା କଥା ସେଥିରେ ଚରମ ଅବହେଳା ପରିଲକ୍ଷିତ ହୋଇଛି । ସବୁଜ ମହାନଦୀ ମିଶନ ଧୂଆଁ ବାଣରେ ପରିଣତ ହୋଇଛି । ହିରାକୁଦ ତଳ ମୁଣ୍ଡରେ ମହାନଦୀ ଜଳ ସଂରକ୍ଷଣ କେବଳ ବିବୃତିରେ ରହିଯାଇଛି । ମହାନଦୀ ଜଳକୁ ପ୍ରଦୂଷଣରୁ ମୁକ୍ତ କରିବା ଏବଂ ମହାନଦୀର ଜମିକୁ ଜବର ଦଖଲରୁ ମୁକ୍ତ କରିବା ରେ ସରକାର ଚରମ ବିଫଳତା ଦେଖାଇଛନ୍ତି । ଏହା ବିରୁଦ୍ଧରେ ମହାନଦୀ ବଂଚାଅ ଆନ୍ଦୋଳନ ତାର କାର୍ଯ୍ୟକ୍ରମକୁ ବ୍ୟାପକ କରିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମହାନଦୀ ବଂଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଯୁଗ୍ମ ଆବାହକ ବାସୁଦେବ ଭଞ୍ଜ, ଉପଦେଷ୍ଟା ଇଂ ଲଳିତ ମୋହନ ପଟ୍ଟନାୟକ, ପ୍ରବକ୍ତା ଶ୍ରୀ ପ୍ରସନ୍ନ ବିଶୋଇ, ବିଜୟ ପ୍ରଧାନ, ନିରଦ ବରନ ଖୁଆ, ଏବଂ ଅଶୋକ ପାଇକରାୟ ପ୍ରମୁଖ ପ୍ରକାଶ କରିଛନ୍ତି ।

# ଚିଲିକାରେ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଶୋଭାଯାତ୍ରା

କଣାସ,୭।୨ (ନି.ପ୍ର): ମରାଳମାଳିନୀ ନିଳାମ୍ବୁ ଚିଲିକାକୁ ଶୀତଋତୁରେ ବିଦେଶୀ ପକ୍ଷୀମାନଙ୍କ ଆଗମନ ଯୋଗୁ ଚିଲିକାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ । ପକ୍ଷୀମାନଙ୍କୁ ଦେଖିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଦୈନନ୍ଦିନ ଚିଲିକାକୁ ଆସିଥାନ୍ତି । ବିଦେଶୀ ପକ୍ଷୀମାନଙ୍କ ଆଗମନ ଯୋଗୁଁ ଚିଲିକାରେ ଶିକାରୀମାନେ ପକ୍ଷୀ ଶିକାର କରୁଥିବାରୁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଗତକାଲି କେତେକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏକ ସାଇକେଲ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ପକ୍ଷୀ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ । ଓଡ଼ିଶା ସରକାର ଜଙ୍ଗଲ ପରିବେଶ ବିଭାଗ ଚିଲିକା ବନ୍ୟପ୍ରାଣି ବନଖଣ୍ଡ, ଟାଙ୍ଗି ବନ୍ୟପ୍ରାଣି ବନାଚଂଳ ସହଯୋଗରେ ସାହାସପୁର ଅଦ୍ୱୈତ ମହାରଥୀ ପାଠାଗାର, ମା ତାରିଣୀ ଆଦର୍ଶ କ୍ରିଡା ପ୍ରତିଷ୍ଠାନର କର୍ମକର୍ତାଙ୍କ ସମେତ ଅଜୟ କୁମାର ସେଠୀ, କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ଆଇନଜିବୀ ଅକ୍ଷୟ ସାହୁ, କ୍ରିଡା ପ୍ରଶିକ୍ଷକ ପ୍ରକାଶ ପରିଡା ପ୍ରତିଷ୍ଠାନର ଶତାଧିକ ଛାତ୍ରଛାତ୍ରୀମାନେ ସାଇକେଲ୍ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମକୁ ଯାଇ ପକ୍ଷୀ ସୁରକ୍ଷା ଜୀବନ ରକ୍ଷା, ଚିଲିକା ପକ୍ଷୀ ମାରିବ ଯିଏ ଜେଲ୍ ଜୋରିମାନା ଭୋଗିବ ସିଏ ସ୍ଲୋଗାନ ଦେଇ ପକ୍ଷୀ ସୁରକ୍ଷା ସଚେତନତା ବାର୍ତା ବାଂଟି ଥିଲେ । ଏହି କାର୍ଯ୍ୟକ୍ରମରେ ଗଡିଶାଗୋଦା ଥାନା ଏସ୍.ଆଇ ବସନ୍ତ ହରିଚନ୍ଦନ, ଲଲାଟ ଶ୍ରୀଚନ୍ଦନ, ସୁରଥ ମହାରଣା ସମେତ ପକ୍ଷୀ ସୁରକ୍ଷା ଶିବିର କେନ୍ଦ୍ରର ଇନଚାର୍ଜ ଭାନୁମତୀ ବେହେରା ଓ ରମେଶ କୁମାର ପରିଡା ପ୍ରମୁଖ ଯୋଗଦେଇ ଥିଲେ ।

# ମାନସିକ ଭାରସାମ୍ୟ ହରାଇ ଗଛରେ ରଶି ଲଗାଇ ଆତ୍ମହତ୍ୟା

କେନ୍ଦ୍ରାପଡ଼ା,୭।୨ (ନି.ପ୍ର): ବିଭିନ୍ନ ସମସ୍ୟାରେ ଜଡିତ ଥାଇ ମାନସିକ ଭାରସାମ୍ୟ ହରାଇ ଜଣେ ବ୍ୟକ୍ତି ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ବ୍ୟକ୍ତି ଜଣକ କେନ୍ଦ୍ରାପଡା ପୌରାଂଚଳର ଗୋପ ଗ୍ରାମର ରାମକୃଷ୍ଣ ରାଉତଙ୍କ ପୁଅ ଭ୍ରମରବର ରାଉତ(୫୫) ବୋଲି ଜଣା ପଡିଛି । ସେ କାକଟ ଶ୍ୟାମଗୁଡିଆ ୫ନଂ ପାଟନାଳିର ଗୋପଛକ ନିକଟରେ ଥିବା ରେଲୱେ ଲେବଲ କ୍ରସିଂ କେନାଲ ବନ୍ଧରେ ଥିବା ଏକ ଗଛରେ ଶନିବାର ରଶି ଦେଇଥିଲେ । ଖବର ପାଇ ଟାଉନ ପୋଲିସ ଘଟଣାସ୍ଥଳରେ ପହଁଚି ଗଛରୁ ଶବ ଓହ୍ଲାଇ ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ଜଣା ପଡିଛି ।

# ବରିଷ୍ଠ ଆଇନଜୀବି ହାଡିବନ୍ଧୁ ବେହେରାଙ୍କ ପରଲୋକ

କେନ୍ଦ୍ରାପଡ଼ା,୭।୨ (ନି.ପ୍ର): କେନ୍ଦ୍ରାପଡା ବାର ଆସୋସିଏସନର ବରିଷ୍ଠ ସଦସ୍ୟ ତଥା ଆଇନଜୀବି ହାଡିବନ୍ଧୁ ବେହେରାଙ୍କ ଶନିବାର ସଂନ୍ଧ୍ୟା ସମୟରେ ପରଲୋକ ହୋଇଯାଇଛି । ପୌରାଂଚଳର ସାନ୍ତସାହି ସ୍ଥିତ ବାସଭବନରେ ସାମାନ୍ୟ ଅସୁସ୍ଥ ଥାଇ ଚିକିତ୍ସାଧିନ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ହୋଇଥିଲା । ସେ ଜଣେ ଦକ୍ଷ ଆଇଜୀବି, ମେଳାପି ବ୍ୟକ୍ତିତ୍ୱ ଓ ଶାନ୍ତ ସରଳ ସ୍ୱଭାବର ବ୍ୟକ୍ତିଭାବେ ଲୋକପ୍ରିୟ ଥିଲେ । ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଁଚି ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଧ୍ରୁବ ଜେନା, ଧରଣୀଧ ସୁଆର, ସରୋଜ ରାଜ ସିଂହ, ଗଗନ ବିହାରୀ ଜେନା, ଗୟାଧର ଧଳ, ହିରଣ୍ୟ ପଣ୍ଡା, ଧିରେନ କୁମାର ସାହୁ, ବିଜୟ ମଣ୍ଡଳ, ସଂଜୟ ପତ୍ରି, ଶାନ୍ତି ସ୍ୱରୂପ ଭୂୟାଁ, ସେକ ଅଜିମୁଦ୍ଦିନଙ୍କ ସହ ବହୁ ଆଇନଜୀବି ଦୁଃଖ ପ୍ରକାଶ କରିଥିଲେ ।

# ପୁଣି ଝାରପଡ଼ା ଜେଲ୍‌କୁ ଫେରିଲେ ବିଧାୟକ ପ୍ରଦୀପ

ଗଞ୍ଜାମ,୭।୨ (ନି.ପ୍ର): ଗୋପାଳପୁର ବିଧାୟକ ଡଃ. ପ୍ରଦୀପ ପାଣିଗ୍ରାହୀଙ୍କୁ ଗତ ଗୁରୁବାର ଦିନ ଭୁବନେଶ୍ୱର ଝାରପଡ଼ା ଜେଲ୍ ରୁ ବ୍ରହ୍ମପୁର ଆଣି ଏସଡ଼ିଜେଏମ କୋର୍ଟରେ ହାଜର କରିଥିଲା ବ୍ରହ୍ମପୁର ପୋଲିସ । ସେଠାରୁ ତିନି ଦିନିଆ ରିମାଣ୍ଡରେ ନେଇ ଟାଟା କମ୍ପାନୀରେ ଚାକିରୀ କରାଇ ଦେବା ନାମରେ ଟଙ୍କା ଆଦାୟକୁ କେନ୍ଦ୍ର କରି ପୋଲିସ ଖୋଳତାଡ଼ କରିଥିଲା । ଏହା ପରେ ଗତକାଲି ବ୍ରହ୍ମପୁର କେନ୍ଦ୍ରୀୟ ଜେଲ୍ ରେ ପ୍ରଦୀପ ରାତି କଟାଇବା ପରେ ଆଜି ସକାଳୁ ତାଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲ୍ କୁ ନିଆଯାଇଛି ।

# ପିଲା ଚୋର ଅଭିଯୋଗ: ଦୁଇ ଅଟକ

କୋରେଇ,୭।୨ (ନି.ପ୍ର): ଗତ ଦୁଇ ଦିନ ତଳେ ପାଣିକୋଇଲିରେ ଜଣେ ମହିଳା ତାର ୨ ପିଲାଙ୍କୁ ଧରି ବସିଥିବା ବେଳେ ତାଙ୍କୁ ପିଲାଚୋର ଭାବି ଲୋକଙ୍କ ଗହଳି ଜମିଥିଲା । ପରେ ପୁଲିସ ଘଟସ୍ଥଳେ ପହଂଚି ସେମାନଙ୍କୁ ଉଦ୍ଧାର କରିଥିବା ବେଳେ ସେ ପିଲା ଦୁଇଟି ତାର ନିଜ ପିଲା ବେଲେି ଜଣାପଡିବା ପରେ ସେମାନଙ୍କୁ ଛାଡିଥିଲା । ସଠିପୁର ବଜାରରେ ଆଜି ଦୁଇଜଣଙ୍କୁ ଲୋକମାନେ ପିଲାଚୋର ଭାବି ଲୋକମାନେ ଅଟକ ରଖିଥିଲେ ପୁଲିସ ସେମାନଙ୍କୁ ଧରି ଆଣି ଅଟକ ରଖି ତଦନ୍ତ କରୁଛି । ସେମାନେ ପଶ୍ଚିମବଙ୍ଗରୁ ଆସି ଅରଖ ଫୁଲ ଓ ନିମ୍ବ ଦାନ୍ତକାଠି ନେଇ ବେପାର କରନ୍ତି ବୋଲି ସୂଚନା ମିଳୁଛି । ଅଟକ ବ୍ୟକ୍ତି ଦ୍ୱୟ ପର୍ଶ୍ଚିମବଙ୍ଗ ମେଦିନାପୁର ପାଂଚକୁଡା ଥାନା ବନମାଳୀପୁର ଗ୍ରମାର ବିଜୟ ପଣ୍ଡିତଙ୍କ ପୁଅ ତାରାପଦ(୪୨) ଓ ହାଓ୍ୱଡା ଜିଲ୍ଲା ବାଗନହୀ ଥାନା ମୁର୍ଗା ଗ୍ରାମର ଜୟଦେବ ବେରାଙ୍କ ପୁଅ ପାର୍ଥ (୪୪) ବୋଲି ପୁଲିସ ସୂତ୍ରରୁ ପ୍ରକାଶ । ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଥିବା ବେଳେ ଗୁଜବ ଠାରୁ ଦୂରେଇ ରହିବାକୁ ସୂଚନା ଦେଇଛି ।

# ବାଲି ଓ ମାଟି ଚୋରା ଚାଲାଣ କରି ୨୫ ହଜାର ଗଣିଲେ ଟ୍ରାକ୍ଟର ମାଲିକ

କେନ୍ଦ୍ରାପଡ଼ା,୭।୨ (ନି.ପ୍ର): ବିନା ଅନୁମତିରେ ମାଟି ଉଠାଇ ଚାଲାଣ କରୁଥିବା ଓ ଓ୍ୱାଇଫର୍ମ ନଥାଇ ବାଲି ନେଉଥିବା ଟ୍ରାକ୍ଟର ଉପରେ କେନ୍ଦ୍ରାପଡା ତହସିଲ ପକ୍ଷରୁ ଜୋରିମାନା କରାଯାଇଛି । ବେଆଇନ ମାଟି ବାଲି ଚାଲାଣ କରି ପର୍ଯ୍ୟାପ୍ତ ଲାଭ କରିବା ସହ ସରକାରୀ ଓ ବେସରକାରୀ ଯାଗାକୁ ବିନା ଅନୁମତିରେ ଖୋଳି ମାଟି ବ୍ୟବସାୟ କରୁଥିବା ଟ୍ରାକ୍ଟର ମାନଙ୍କ ପ୍ରତି ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । କେନ୍ଦ୍ରାପଡା ତହସିଲ ପକ୍ଷରୁ ପୌରାଂଚଳ ର ସାରଙ୍ଗ ଗ୍ରାମର ବିଜୁ ପଟ୍ଟନାୟକ ଷ୍ଟାଡିୟମ ନିକଟରୁ ବିନା ଅନୁମତିରେ ମାଟି ଉଠାଇ ନେଉଥିବା ବେଳେ ତହସିଲ ପକ୍ଷରୁ ଚଢାଉ କରାଯାଇ ୧୫ ହଜାର ଜରିମାନା କରାଯାଇଛି । ସେହିଭଳି ଇନ୍ଦୁପୁର ଠାରେ ବିରୂପା ନଦୀରୁ ବେଆଇନ ବାଲି ଚାଲାଣ ଅଭିଯୋଗରେ ୧୦ ହଜାର ଟଙ୍କା ଜୋରିମାନା ଆଦାୟ କରିଥିବା ତହସିଲଦାର ସୂଚନା ଦେଇଛନ୍ତି । ଏଣିକି ନିୟମିତ ଭାବେ ବାଲି ମାଟି ଚୋରା ଚାଲାଣ କରୁଥିବା ଟ୍ରାକ୍ଟର ଗୁଡିକ ଠାରୁ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ହେମଲତା ବାହାଲିଆ ସୂଚନା ଦେଇଛନ୍ତି ।

# ରାଜ୍ୟରେ ରେଳ ପ୍ରକଳ୍ପ ଆଗେଇ ନପାରିବା ରାଜ୍ୟ ସରକାରଙ୍କ ଅପାରଗତା : ବିଜେପି

## ରେଳ ବିକାଶ ପ୍ରସଙ୍ଗରେ ଯେ କୌଣସି ଖୋଲା ବିତର୍କ ପାଇଁ ପ୍ରସ୍ତୁତ ଅଛୁ

ଭୁବନେଶ୍ୱର,୭।୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡିଶାରେ ରେଳ ଭିତିଭୂମି, ରେଳ ସଂଯୋଗ ସ୍ଥାପନା ଏବଂ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି । ମୋଦି ସରକାର ଶାସନକୁ ଆସିବା ପୂର୍ବରୁ ଓଡିଶାକୁ ବାର୍ଷିକ ମାତ୍ର ୨୦୦ରୁ ୬୦୦ କୋଟି ଟଙ୍କାର ରେଳ ବଜେଟ ସୀମିତ ରହୁଥିଲା । ମାତ୍ର ୨୦୧୪ ମସିହା ପରେ ପ୍ରତି ବର୍ଷ ୫ ହଜାର, ୬ ହଜାର, ୭ ହଜାର କୋଟି ଟଙ୍କାର ରେଳ ବଜେଟ ଅନୁଦାନ ରାଜ୍ୟକୁ ମିଳୁଛି ।୨୦୨୦-୨୧ ଆର୍ଥିକ ବର୍ଷରେ ଏହି ପରିମାଣ ୫୭୯୫ କୋଟି ଟଙ୍କା ଥିବାବେଳେ ଚଳିତ ୨୦୨୧- ୨୨ ଆର୍ଥିକ ବର୍ଷ ପାଇଁ ଏହି ବଜେଟ ୬୯୯୫ କୋଟି ଟଙ୍କାକୁ ପହଂଚିଛି। ମାତ୍ର ଶାସକ ବିଜେଡି ମୋଦି ସରକାରଙ୍କୁ ବ୍ରିଟିଶ ଶାସନ ସହ ତୁଳନା କରିବା ଏବଂ ଓଡିଶାରୁ ଖଣିଜ ପଦାର୍ଥ ରେଳବାଇ ଯୋଗେ ଲୁଟି ନେବା ଭଳି ଅଭିଯୋଗ ଅତ୍ୟନ୍ତ ଲଜ୍ଜାଜନକ ବୋଲି ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦିକା ଡା.ଲେଖାଶ୍ରୀ ସାମନ୍ତସିଂହାର ଭର୍ତ୍ସନା କରି କହିଛନ୍ତି । ୯୧ ପ୍ରତିଶତ ଓଡିଶାବାସୀ ମୋଦି ଏବଂ ତାଙ୍କ କାର୍ଯ୍ୟଶୈଳୀକୁ ଭଲ ପାଉଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମଧ୍ୟ ଓଡିଶା ପ୍ରତି ତାଙ୍କ ଦାୟୀତ୍ୱକୁ ନିଷ୍ଠାର ସହ ପାଳନ କରିଛନ୍ତି । ସଂଘୀୟ ବ୍ୟବସ୍ଥାରେ ଯେଉଁ ରାଜ୍ୟ ଯେତିକି ଯୋଗଦାନ କରିପାରିବ ସେମାନେ କରନ୍ତି ଏବଂ ରାଜ୍ୟକୁ ଯାହା ଯାହା ଆବଶ୍ୟକ ଥାଏ, ସେହି ହିସାବରେ କେନ୍ଦ୍ର ସରକାର ତାଙ୍କୁ ତାହା ଦିଅନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କର ବଢୁଥିବା ଲୋକପ୍ରିୟତାରେ ଭୟଭୀତ ଓ ଈର୍ଷାନ୍ୱିତ ହୋଇ ତାଙ୍କୁ ଅଶାଳୀନ ଭାଷାରେ ଗାଳି ନକରି ବରଂ ବିଜେଡି ସରକାର ରାଜ୍ୟର ଐତିହ୍ୟ ଓ ପରମ୍ପରାର ସଂରକ୍ଷଣରେ ଲାଗୁ ବୋଲି ଡା. ସାମନ୍ତସିଂହାର କହିଛନ୍ତି । ବଜେଟରେ ରେଳ କ୍ଷେତ୍ରରେ ଓଡିଶାକୁ ଅବହେଳା କରାଯାଇଥିବା କହି ବିଜେଡି ନିଜର ରାଜନୈତିକ ସ୍ୱାର୍ଥ ପାଇଁ ନିଜର ସ୍ଥାଣୁତା ଓ ଅପାରଗତା ଲୁଚାଇ ଓଡିଶାବାସୀଙ୍କୁ ଦିନରେ ଲଣ୍ଠନ ଦେଖାଇବା ଭଳି ହୀନ ଉଦ୍ୟମ କରୁଛି । ରେଳମନ୍ତ୍ରୀ ପିୟୂଷ ଗୋଏଲ ୧୫ ଜୁନ ୨୦୧୯ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଓଡିଶାରେ ରେଳ ପ୍ରକଳ୍ପ ଆଗକୁ ନଯିବା ମାମଲାରେ ଉଠାଇଥିବା ପ୍ରସଙ୍ଗ ଗୁଡିକ ଉଠାଇଥିଲେ । ଜମି ଅଧିଗ୍ରହଣ, ଆଇନ ବିଶୃଙ୍ଖଳା ଏବଂ ଜଙ୍ଗଲ ବିଭାଗ ଅନୁମତି ସମସ୍ୟା ନେଇ ପତ୍ରରେ ଉଲ୍ଲେଖ କରିବା ସହ ରେଳ କାମର ଅଗ୍ରଗତି ହେଉନଥିବା କହିଥିଲେ ରେଳମନ୍ତ୍ରୀ । ଏ ସମ୍ପର୍କରେ ରାଜ୍ୟ ସରକାର ଦୃଷ୍ଟି ଟିକେ ଦିଅନ୍ତୁ । କେବଳ କେନ୍ଦ୍ର ଅବହେଳା କଥା କହି ରାଜ୍ୟ ସରକାର ନିଜ ଦାୟୀତ୍ୱରୁ ନ ଓହରିବାକୁ କହିବା ସହ ରେଳ ବିକାଶ ପ୍ରସଙ୍ଗରେ ଯେ କୌଣସି ଖୋଲା ବିତର୍କ ପାଇଁ ପ୍ରସ୍ତୁତ ଅଛୁ ବୋଲି ଅନ୍ୟତମ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ।

# ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ଟୀକାକରଣରେ ଟୀକା ନେଲେ ଜିଲ୍ଲାପାଳ ଓ ପୋଲିସ ଅଧିକାରୀ

ଗଞ୍ଜାମ,୭।୨ (ନି.ପ୍ର): ଦ୍ୱିତୀୟ ପର୍ଯ୍ୟାୟ ଟୀକାକରଣ କାର୍ଯ୍ୟରେ ଆଜି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ଜିଲ୍ଲା ପୋଲିସ ଅଧିକାରୀ ମାନେ କୋଭିଡ୍ ଟୀକା ନେଇଛନ୍ତି । ଟୀକା ନେବା ପରେ ଅଧ ଘଂଟାଏ ଅବଜରଭେସନରେ ରହିବା ପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଇନାହିଁ । ଏଣୁ ଜିଲ୍ଲାର ସମସ୍ତ ଆଗୁଆ କୋଭିଡ୍ ଯୋଦ୍ଧା ଏବଂ ଜନସାଧାରଣ ଏହି ଟୀକା ନେଇ ନିଜକୁ, ନିଜ ପରିବାର ଓ ସମାଜକୁ କରୋନା ଦାଉରୁ ରକ୍ଷା କରିବା ପାଇଁ ନିବେଦନ କରିଥିଲେ ।

# ୫୩ ନମ୍ବର ଜାତୀୟ ରାଜପଥରେ ମାଟି ମୋରମ ଯୋଗୁ ପ୍ରବଳ ଧୂଳି ଉଡୁଛି

## ଠିକା କାର୍ଯ୍ୟ କରୁଥିବା ବାଲାଜୀର ମନମୁଖୀ କାର୍ଯ୍ୟକୁ ନେଇ ଜନଅସନ୍ତୋଷ

ଭୁବନ,୭।୨ (ନି.ପ୍ର): ଭୁବନ ସହର ଦେଇ ଯାଇଥିବା ୨୦୦ ନମ୍ବର ଜାତୀୟ ରାଜପଥ ନମ୍ବର ପରିବର୍ତନ ହୋଇ ପ୍ରଥମେ ୫୩ ନମ୍ବର ଜାତୀୟ ରାଜପଥକୁ ପରିବର୍ତନ ହେଲା ଏହାପରେ ଏହି ରାସ୍ତା (ଏନଏଚଏଆଇ) ଜାତୀୟ ରାଜପଥ ପ୍ରାଧିକରଣ ଭାରତ ସରକାରଙ୍କ ଅଧିନକୁ ଗଲା ପରେ ଏବେ ୪ ଥାକିଆ ରାସ୍ତାକାମ ନିର୍ମାଣ ଚାଲିଥିବା ବେଳେ ଏକ ପାଖିଆ ବାଇପାସ ରୋଡରେ ଗାଡି ଚଳାଚଳ କରୁଛି । ଏହି ରାସ୍ତା କାମରେ ନୀଳମାଧବ ପେଟ୍ରୋଲପମ୍ପ ଠାରୁ ଅନନ୍ତପୁର ପର୍ଯ୍ୟନ୍ତ କେବଳ ବିଲ ମାଟି ସାଙ୍ଗକୁ ପ୍ରବଳ ମାତ୍ରାରେ ବେଆଇନ ମୋରମ ବ୍ୟବହାର ହେଉଥିବାରୁ ପ୍ରବଳ ଧୂଳିରେ ଲୋକେ ଅଣନିଶ୍ୱାସୀ ହୋଇପଡୁଛନ୍ତି । ଭୁବନର ପ୍ରବେଶପଥ ଅନନ୍ତପୁର ଛକ ଠାରୁ ଥାନା ଛକ ପର୍ଯ୍ୟନ୍ତ ୭ କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ଆଣ୍ଠୁଏ ଲେଖାଏଁ ଖାଲ ସୃଷ୍ଟି ହୋଇଥିବା ବେଳେ ଠିକାକାମ ନେଇଥିବା ବାଲାଜି କଷ୍ଟ୍ରକସନ କମ୍ପାନୀର ମନମୁଖୀ କାର୍ଯ୍ୟ ଯୋଗୁ ଲୋକେ ଧୂଳିରେ ପୋତି ହୋଇପଡୁଛନ୍ତି ଓ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ଲୋକମାନେ ଧୂଳିଧୂଆଁରେ ପୋତିହେବା ଫଳରେ ବିଭିନ୍ନ ଚର୍ମ ରୋଗ ସମେତ ଶ୍ୱାସ ,କାଶ ରୋଗରେ ମଧ୍ୟ ପୀଡିତ ହେଉଛନ୍ତି । । ଗୋଦରା କୋଢେ ଯେତେ ମାଢେ ସେତେ ନ୍ୟାୟରେ ସେପଟେ ୪ ଟିକିଆ ରାସ୍ତା କାମ ଯେତେ ଅଗ୍ରଗତି ହେଉଛି ଏପଟେ ପୁରୁଣା ରାସ୍ତା ଭାଙ୍ଗିରୁଜି ନଷ୍ଟହୋଇ ଆଣ୍ଠୁଏ ଲେଖାଏଁ ଖାଲ ସୃଷ୍ଟି ହେଉଛି । ଦୈନିକ ଶତାଧିକ କୋଇଲା ବୋଝେଇ ଟ୍ରକ ଓ ବାଲି ବୋଝେଇ ହାଇଓ୍ୱା ଟ୍ରକ ଟାଉନ ଭିତରେ ଚାଲିବା ଫଳରେ ରାସ୍ତା ଅତ୍ୟନ୍ତ ଖରାପ ହେବା ସହିତ ଧୂଳିଯୋଗୁ କାଳୀବଜାର ବ୍ୟବସାୟୀ ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ରାସ୍ତା କାର୍ଯ୍ୟରେ ଲାଗିଥିବା କମ୍ପାନୀ ହାଇଓ୍ୱା ସମେତ ଅନବରତ କୋଇଲା ବୋଝେଇ ୧୦ ଚକିଆ ଟ୍ରକ ଚାଲୁଥିବାରୁ ବାଇକ ଆରୋହୀ ମାନେ ଧୂଳିଧୂଆଁରେ ଅତିଷ୍ଠ ହୋଇପଡୁଛନ୍ତି ଓ ବେଳେବେଳେ ଖାଲରେ ମଧ୍ୟ ପଡୁଛନ୍ତି । ଅତିତରେ ଏହି ରାସ୍ତାକୁ ନେଇ ଅନେକ ଆନ୍ଦୋଳନ ହୋଇଛି । ଆନ୍ଦୋଳନ ପରେ ବିଭାଗ ତରଫରୁ କେବଳ ଯାହିତାହି ମରାମତି କରି କାମ ସାରି ଦେଉ ଥିବାରୁ ନିର୍ମାଣର କିଛିଦିନ ପରେ ରାସ୍ତା ଅବସ୍ଥା ପୁଣି ଯଥାପୂର୍ବଂ ତଥା ପରମ ହୋଇଯାଉଛି । ତେଣୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଯଥାଶୀଘ୍ର ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଛି ଅନ୍ୟଥା ରାସ୍ତାରୋକ ଆନ୍ଦୋଳନ କରିବାକୁ ଚେତାବନି ଦିଆଯାଇଛି ।

# ଜିଲ୍ଲାପାଳ ଓ ଏସପି ନେଲେ କୋଭିଡ ଟିକା

ପୁରୀ,୭।୨ (ନି.ପ୍ର):ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗଧାଡିର କୋଭିଡ ଯୋଦ୍ଧାଙ୍କୁ ଆଜି ସ୍ଥାନୀୟ ସଦଭାବନା ସଭାଗୃହରେ ଟୀକାକରଣ କରାଯାଇଛି । ପ୍ରଥମେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଟୀକା ଦିଆଯାଇଥିଲା । ପରେ ପରେ ଏସପି କେ. ଭିଶାଲ ସିଂ ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ଟୀକା ଦିଆଯାଇଥିଲା । ୨୩୦ଜଣଙ୍କୁ ଟୀକା ଦେବା ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ଅଧିକାଂଶ ଅଧିକାରୀ ଟୀକା ଗ୍ରହଣ କରିଛନ୍ତି । ଟୀକା ନେବା ପରେ ସମସ୍ତେ ସୁସ୍ଥଥିବା ଜଣାପଡିଛି ।

# ଦ୍ୱିତୀୟ ପର୍ଯ୍ୟାୟ ଟିକା କରଣରେ ଜିଲ୍ଲାପାଳ ଏସପିଙ୍କ ସମେତ ଟିକା ନେଲେ ୧୩୭୯ ଜଣ

କେନ୍ଦ୍ରାପଡ଼ା,୭।୨ (ନି.ପ୍ର): ଦ୍ୱିତୀୟ ପର୍ଯ୍ୟାୟ କୋଭିଡ ଟୀକାକରଣ କାର୍ଯ୍ୟ ଜିଲ୍ଲାର ୧୧ଟି ସ୍ଥାନରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଓ ଏସପି ସନ୍ଦିପ୍ ମଡକରଙ୍କ ସମେତ ୧୩୭୯ ଜଣଙ୍କୁ କୋଭାକ୍ସିନ ଟୀକା ପ୍ରଦାନ କରାଯାଇଛି । ଏଥିରେ ସରକାରୀଙ୍କ ସମେତ କୋଭିଡ ଯୋଦ୍ଧା, ପୋଲିସ କର୍ମଚାରୀ, ଅଙ୍ଗନବାଡି, ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମଚାରୀ ଓ ପ୍ରଶାସନିକ ଅଧିକାରୀ ମାନେ ଟୀକା ଗ୍ରହଣ କରିଥିଲେ । କେନ୍ଦ୍ରାପଡା ଟାଉନର ଉର୍ଦ୍ଧ୍ୱ ଲାଇବ୍ରେରୀ-୧୫୭, ଏସପିଙ୍କ କାର୍ଯ୍ୟାଳୟ-୧୭୩, ମାର୍ଶାଘାଇ-୧୭୫, ରାଜନଗର-୧୦୦, ପାଟକୁରା-୧୦୦, ପଟ୍ଟାମୁଣ୍ଡାଇ -୧୫୦ , ମହାକାଳପଡା-୭୧, ଇନ୍ଦୁପୁର-୫୦, ଡେରାବିଶ-୭୩, ଆଳି-୩୮, ରାଜକନିକା-୬୫, ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୨୯ଜଣ ଟୀକା ନେଇଥିବା ଜଣାପଡିଛି । ଆଜିର ଟୀକା ନେଇଥିବା ବ୍ୟକ୍ତି ମାନଙ୍କ ମଧ୍ୟରେ କାହାରି ଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନଥିବା ଡାକ୍ତର ସଚିତାନନ୍ଦ ମିଶ୍ର ସୂଚନା ଦେଇଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ, ଆଡିସିନାଲ ଏସପି ବ୍ରହ୍ମାନନ୍ଦ ଗାଗାରିନ ମହାନ୍ତି, ନରହରି ସେଠୀ, ସିଡିଏମଓ ଡାକ୍ତର ଅନିତା ପଟ୍ଟନାୟକ, ଡାକ୍ତର ନୃପେନ ଶତପଥୀ, ଏସଡିପିଓ ରାଜୀବ ଲୋଚନ ପଣ୍ଡା, ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ମାହାଙ୍ଗା ଡ଼ବଲ ମର୍ଡ଼ର ଘଟଣାର ମୁଖ୍ୟ ଅଭିଯୁକ୍ତ ମୃତ

କଟକ/ଟାଙ୍ଗି,୭।୨ (ନି.ପ୍ର): କଟକ ଜିଲ୍ଲା ସାଲେପୁରର ବିଜେପି ନେତା ତଥା ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ମୃତ୍ୟୁ ଘଟିଛି । ପ୍ରାଥମିକ ତଦନ୍ତ ପରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପୋଲିସ ସୂଚନା ଦେଇଛି । ପୋଲିସ ଉପସ୍ଥିତିରେ ପ୍ରଫୁଲ୍ଲଙ୍କ ପରିବାର ଲୋକେ ତାଙ୍କ ଶବ ଚିହ୍ନଟ କରିଛନ୍ତି । ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, ଗତକାଲି ରାତି ପ୍ରାୟ ସାଢ଼େ ୯ଟାରୁ ୧୦ ଟା ମଧ୍ୟରେ ନୂଆ ବନ୍ଧାଳ ଛକରେ ଟ୍ରକ୍ ଚାପାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ଟିମ୍ ସେଠାରେ ପହଂଚି ଛାନଭିନ୍ ଆରମ୍ଭ କରିଥିଲେ । ତେବେ ମୃତକଙ୍କ ଶବ ଚିହ୍ନଟ କରିବା ସମ୍ଭବ ନଥିଲା । ଘଟଣାସ୍ଥଳରୁ ପୋଲିସ ଏକ ମୋବାଇଲ୍, ହେଲମେଟ୍ ଓ ଗାଡ଼ି କାଗଜପତ୍ର ଜବତ କରିଥିଲା । ଏହି ମୋବାଇଲରୁ ମିଳିଥିବା ନମ୍ବରକୁ ଭିତି କରି ପୋଲିସ ତାଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲା । ପରେ ପରିବାର ଲୋକେ କଟକ ବଡ଼ ମେଡିକାଲରେ ଶବ ଚିହ୍ନଟ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ, ମାହାଙ୍ଗା ଡ଼ବଲ୍ ମର୍ଡ଼ର ମାମଲାରେ ଅଦ୍ୟାବଧି ପୋଲିସ ୧୦ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ଘଟଣା ପର ଠାରୁ ଫେରାର୍ ଥିଲେ । ତାଙ୍କୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରୀ ରହିଥିଲା । ତେବେ ଏହା ଏକ ଦୁର୍ଘଟଣା ନା ପ୍ରଫୁଲ୍ଲଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଦ୍ୱାଦଶ ଦିନରେ ଆଦିବାସୀ ମେଳା : ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଚାହିଦା ବଢ଼ିଛି

ଭୁବନେଶ୍ୱର,୭।୨ (ନି.ପ୍ର): ରାଜଧାନୀ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳା ଶନିବାର ଦ୍ୱାଦଶ ଦିନରେ ପହଁଚିଛି । ଏହି ମେଳାରେ ରାଜ୍ୟର ୬୨ ବର୍ଗର ଜନଜାତିଙ୍କର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନର ବାସ୍ତବ ଚିତ୍ରକୁ ଆକର୍ଷଣୀୟ ଭାବରେ ପ୍ରତିଫଳିତ କରାଯାଇଛି । ଆଦିବାସୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କଳା, ହସ୍ତଶିଳ୍ପ, କୃଷିଜାତ ସାମଗ୍ରୀକୁ ରାଜଧାନୀବାସୀ ଦେଖିବା ଓ କିଣିବା ପାଇଁ ଏହି ମେଳା ଜରିଆରେ ଅପୂର୍ବ ସୁଯୋଗ ସୃଷ୍ଟି ହୋଇଛି । ଏଥିରେ ସମୁଦାୟ ୯୦ଟି ଷ୍ଟଲ ବା ମଣ୍ଡପ ଖୋଲିଥିବା ବେଳେ ଏ ସବୁରେ ଜନଜାତି ବର୍ଗର ଜୀବନଶୈଳୀ, କଳାକୁଶଳତା ଓ ଜୀବିକା ନିର୍ବାହ ପ୍ରଣାଳୀ ସମ୍ପର୍କରେ ଦର୍ଶକମାନେ ବହୁ ତଥ୍ୟ ଜାଣି ପାରୁଛନ୍ତି । ବର୍ତମାନ ଜନଜାତି ବର୍ଗଦ୍ୱାରା ଉତ୍ପାଦିତ ସାମଗ୍ରୀ ଗୁଡିକର ବଜାର ଚାହିଦା ଆଶାତୀତ ଭାବରେ ବୃଦ୍ଧି ପାଇଛି । ସହର ଅଂଚଳରେ ଏହି ସବୁ ସାମଗ୍ରୀ ଉପଲବ୍ଧ ହେବା କଷ୍ଟକର ହେଉଥିବାରୁ ବର୍ଷକର ବ୍ୟବଧାନ ପରେ ରାଜଧାନୀକୁ ଆସିଥିବା ଆଦିବାସୀ ମେଳା ଏଥିପାଇଁ ବିରଳ ସୁଯୋଗ ଆଣି ଦେଇଛି । ଆଦିବାସୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକ ବିଶୁଦ୍ଧ ଏବଂ ଏଥିରେ ଜୈବିକ ଗୁଣ ଏ ଯାବତ୍ ଅକ୍ଷୁର୍ଣ୍ଣ ରହିଛି ବୋଲି ଲୋକଙ୍କ ମନରେ ଯେଉଁ ଦୃଢ଼ ଧାରଣା ରହିଛି, ତାହା ହିଁ ଜନସାଧାରଣଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରୁଛି ଆଦିବାସୀ ମେଳାକୁ । ଗ୍ରାହକମାନଙ୍କର ଭିଡ଼ ଯୋଗୁଁ କିଛି ସମୟ ଚଳଚଂଚଳ ହୋଇ ଉଠୁଛି ମେଳା ପରିସରର ବିଭିନ୍ନ ମଣ୍ଡପ । ଚଳିତ ବର୍ଷର ଆଦିବାସୀ ମେଳାର ଏକ ବଡ଼ ବିଶେଷତ୍ୱ ହେଉଛି, ରାଜ୍ୟର ପୁରପଲ୍ଲୀରେ ପରିବ୍ୟାପ୍ତ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ବ୍ୟାପକ ଅଂଶଗ୍ରହଣ । ବିଭିନ୍ନ ଜିଲ୍ଲାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ.ଟି.ଡି.ଏ) ସହାୟତାରେ ସେମାନେ ମେଳା ପରିସରକୁ ଆସି ବେପାର ବାଣିଜ୍ୟର ପସରା ମେଲାଇ ଦେଇଛନ୍ତି । ଆଦିବାସୀ ମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟସଶ୍ୟ ଯଥା- ବାସୁମତୀ ଚାଉଳ, ମୁଗ, ବିରି, ମାଣ୍ଡିଆ, ପାଳୁଅ, ରାଶି ଆଦି କିଣିବାକୁ ଦର୍ଶକଙ୍କ ଯେତିକି ଆଗ୍ରହ ପରିଲକ୍ଷିତ ହେଉଛି, ସେତିକି ଆଗ୍ରହ ରହୁଛି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବଡ଼ି, ପାମ୍ପଡ଼, ଆଚାର, ହଳଦୀଗୁଣ୍ଡ ଓ ଫୁଲଝାଡୁ ଆଦି କିଣିବା ପାଇଁ ।

# ରିକ୍ସା ଚାଳକଙ୍କ ସାମାଜିକ ସୁରକ୍ଷା ପ୍ରତି ସରକାର ଉଦାସୀନ

## ବାଲେଶ୍ୱର ରିକ୍ସାଚାଳକ ସଂଘର ସାଧାରଣ ବୈଠକରେ ଉଦ୍‌ବେଗ




ବାଲେଶ୍ୱର,୦୭।୦୨ (ନି.ପ୍ର): ବାଲେଶ୍ୱର ରିକ୍ସା ଚାଳକ ସଂଘର ପୌରାଞ୍ଚଳସ୍ଥିତ ରିକ୍ସାଷ୍ଟାଣ୍ଡ୍ ସଂପାଦକ ଓ ସହ-ସଂପାଦକଙ୍କୁ ନେଇ ଏକ ବୈଠକ ଉଠାଜଳସେଚନ କର୍ମଚାରୀ ସଂଘ ସଭାଗୃହରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ତଥା ପୂର୍ବତନ ବିଧାୟକ ଅରୁଣ ଦେ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ରିକ୍ସାଚାଳକମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ରିକ୍ସାଷ୍ଟାଣ୍ଡଗୁଡ଼ିକରେ ଦେଖାଦେଇଥିବା ଅବ୍ୟବସ୍ଥା ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ପୌରପାଳିକା ପକ୍ଷରୁ ଚିହ୍ନଟ କରାଯାଇଥିବା ରିକ୍ସା ଷ୍ଟାଣ୍ଡମାନଙ୍କରୁ ଷ୍ଟାଣ୍ଡ୍‌ବୋର୍ଡ଼ ଭାଙ୍ଗିଦେଇ କେତେକ ଷ୍ଟାଣ୍ଡ୍‌ରେ ଟେମ୍ପୋ ଓ ଗୁମୁଟି ରହୁଥିବାକୁ ନେଇ ଏହି ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୌର କର୍ତ୍ତୃପକ୍ଷ ତୁରନ୍ତ ଷ୍ଟାଣ୍ଡବୋର୍ଡ଼ ଲଗାଇ ବେଆଇନ ଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ବୈଠକରେ ଦାବି କରାଯାଇଛି। ଏଆଇଟିୟସି ଜିଲା ସଭାପତି ଭାଗବତ ପ୍ରତିହାରୀ, ରିକ୍ସାଚାଳକ ସଂଘର କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଏଥିରେ ଯୋଗଦେଇ କରୋନାର କଟକଣା ମଧ୍ୟରେ ଗରିବ ରିକ୍ସାଚାଳକମାନେ ରୋଜଗାର ହରାଇଥିଲେ ମଧ୍ୟ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ କୌଣସି ସହାୟତା ଦିଆଯାଇ ନଥିବା କହିଥିଲେ। ଫଳରେ ରିକ୍ସା ଚଳାଇ ପରିବାର ପ୍ରତିପୋଷଣ କରିବା ସମ୍ଭବ ନହେବାରୁ ସହରରେ ରିକ୍ସାଚାଳକ ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ସରକାର ବିଭିନ୍ନ ଶ୍ରେଣୀର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ରିକ୍ସାଚାଳକଙ୍କୁ ସାମାଜିକ ସୁରକ୍ଷା ନିମନ୍ତେ କୌଣସି ଯୋଜନା କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ସେହିଭଳି ନୂତନ ଶ୍ରମ ଆଇନ ଓ ନୂତନ କୃଷି ଆଇନରେ ମେହନତି ମଣିଷମାନଙ୍କୁ ସେମାନଙ୍କ ଅଧିକାରରୁ ବଂଚିତ କରିବାକୁ ଉଦ୍ୟମ ହେଉଛି ବୋଲି କର୍ମକର୍ତ୍ତାମାନେ କହିଥିଲେ। ସଂଘର ସାଧାରଣ ସଂପାଦକ ସେକ ସଲ୍ଲାଉଦ୍ଦିନ ଓ କୋଷାଧ୍ୟକ୍ଷ ଉମାକାନ୍ତ ଜେନା ଏଥିରେ ବିବରଣୀ ଉପସ୍ଥାପନ କରିଥିଲେ। ଆସନ୍ତା ମାର୍ଚ୍ଚ ମାସର ୨ୟ ସପ୍ତାହରେ ସଂଘର ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ ପାଇଁ ବୈଠକରେ ନିଷ୍ପତ୍ତିଗ୍ରହଣ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଦେବଭୂମି ଉତ୍ତରାଖଣ୍ଡରେ....

କେବଳ ଏତିକି ନୁହଁ ପାହାଡ ତଳେ ଥିବା ଗାଁ ପୂରା ଭାସି ଯାଇଛି । ହିମସ୍ଖଳନରରେ ଅନେକ ଘର ଦ୍ୱାର କ୍ଷତିଗ୍ରସ୍ତ ହୋଇଛି । ଶହେରୁ ଅଧିକ ମୃତାହତ ହୋଇଥିବା ଆଶଙ୍କା କରାଯାଉଛି । ସୂଚନା ଅନୁସାରେ ଋଷିଗଙ୍ଗା ବିଦ୍ୟୁତ ପ୍ରକଳ୍ପ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଏହି ସ୍ଥାନରେ କାମ କରୁଥିବା ପ୍ରାୟ ୫୦ ଜଣ ଶ୍ରମିକଙ୍କ ପତା ମିଳୁନଥିବାରୁ ଉଦ୍ଧାର କାମକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଚମୋଲି ଜିଲ୍ଲାର ରେଣି ଗାଁରେ ହୋଇଥିଲା ହିମ ସ୍ଖଳନ । ଫଳରେ ଅଳକନନ୍ଦା ଓ ଧୋଲିଗଙ୍ଗା ନଦୀରେ ବନ୍ୟା ଆସି ଉପକୂଳରେ ଥିବା ଜନବସତିକୁ ପ୍ରଭାବିତ କରିଛି । ଅନେକ ଘର ଭସାଇ ନେଇଥିବା ଆଶଙ୍କା କରାଯାଉଛି । ଜୋଶିମଠ ଅଂଚଳରେ ମଧ୍ୟ ବନ୍ଧ ଭାଙ୍ଗିଥିବା ସୂଚନା ମିଳୁଛି । ଏସଡିଆରଏଫ ଓ ଆଟିବିପି ଟିମ୍ ଉଦ୍ଧାର କାମରେ ଲାଗିଛନ୍ତି । କେତେକ ସ୍ଥାନରେ ୨୦୧୩ଠାରୁ ମଧ୍ୟ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି କେନ୍ଦ୍ର ଜଳ ସଂପଦ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ । ଏହି ବିପର୍ଯ୍ୟୟ ଖବର ମିଳିବା ମାତ୍ରେ ଦିଲ୍ଲୀରୁ ୪ଟି ଏନଡିଆରଏଫ୍ ଟିମ୍ ଆକାଶପଥରେ ବାହାରି ଆସି ଡେରୁଡୁନରେ ପହଁଚି ସାମିଲ ହୋଇଛି ଉଦ୍ଧାରକାମରେ । ଉଦ୍ଧାର କାମରେ ସମସ୍ତ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ସରକାର । ରେଣି ଗାଁ ନିକଟ ପାହାଡ ତଳେ ତିଆରି ହେଉଥିବା ପାୱାର ପ୍ରୋଜେକ୍ଟ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ସେଠାରେ କାମ କରୁଥିବା ପ୍ରାୟ ୧୫୦ ଶ୍ରମିକ ଓ କର୍ମଚାରୀ ପାଣିରେ ଭାସି ଯାଇଥିବା ସନ୍ଦେହ କରାଯାଉଛି । ଏବେ ବି ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି । ମୃତାହତଙ୍କ ବାବଦରେ ସୂଚନା ପାଇଁ ରାଜ୍ୟ ସରକାର ହେଲ୍ପଲାଇନ ନମ୍ବର ଜାରି କରିଛନ୍ତି । ପଶ୍ଚିମବଙ୍ଗ ଓ ଆସାମ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତରାଖଣ୍ଡରେ ବିପର୍ଯ୍ୟୟ ନେଇ ଚିନ୍ତା ପ୍ରକଟ କରିଛନ୍ତି । ବରିଷ୍ଠ ଅଧିକାରୀଙ୍କ ସହ ଯୋଗାଯୋଗରେ ରହି ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଟ୍ୱିଟ କରି ପ୍ରତିଶ୍ରୁତି ଦେଇଛନ୍ତି ମୋଦି ।

## ଏନ୍‌ଏମ୍‌ଏକୁ ଶ୍ରୀମନ୍ଦିର....

'ଏସ୍‌ଜେଟିଏମ୍‌ସି' ଓ 'ଏଏସ୍‌ଆଇ'ର କର୍ତବ୍ୟ ଏବଂ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇଥିଲା। ମନ୍ଦିର ଚଉହଦି ପ୍ରାଚୀନ କାଳରୁ ଅନେକ ଜନବସତି ବା ସାହି ରହିଆସିଛି। ଏସବୁ ମୁଖ୍ୟତଃ ସେବାୟତମାନଙ୍କ ପରିବାରବର୍ଗଙ୍କର। ଏହି 'ଡ୍ରାଫ୍ଟ୍ ନୋଟିଫିକେସନ୍' ଲାଗୁହେଲେ ସେମାନଙ୍କର ଅବସ୍ଥିତି ଭୀଷଣ ପ୍ରଭାବିତ ହେବ। ସେବାୟତମାନଙ୍କ ଉପରେ କୁପ୍ରଭାବ ପଡ଼ିଲେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରେ ବ୍ୟାହତ ସୃଷ୍ଟି ହେବ। ତେଣୁ ଏହାପୂର୍ବରୁ 'ଏନ୍‌ଏମ୍‌ଏ' କର୍ତ୍ତୃପକ୍ଷମାନେ ସେମାନଙ୍କ ସହ ପରାମର୍ଶ କରିବା ଆବଶ୍ୟକ। ଏହି ପ୍ରାଚୀନ ଧର୍ମପୀଠର ସୁରକ୍ଷା ଓ ନିରାପତ୍ତାକୁ ସୁଦୃଢ଼ କରିବା ନମନ୍ତେ ନିକଟରେ ରାଜ୍ୟ ସରକାର ମଧ୍ୟ 'ଶ୍ରୀଜଗନ୍ନାଥ ହେରିଟିଜ୍ କରିଡର' ନିମନ୍ତେ ଜମି ଅଧିଗ୍ରହଣ କରିଛନ୍ତି। ଏଥିରେ ତୀର୍ଥଯାତ୍ରୀମାନଙ୍କ ନିମନ୍ତେ ଅନେକ ସୁବିଧା କରାଯିବ। ତେଣୁ, ଉପରୋକ୍ତ ସବୁ ଦିଗରୁ ବିଚାର କରି ଜାତୀୟ କୀର୍ତିରାଜି କର୍ତ୍ତୃପକ୍ଷ (ଏନ୍‌ଏମ୍‌ଏ) ଜାରି କରିଥିବା ଡ୍ରାଫ୍ଟ ବାଇ-ଲ' ସଂକ୍ରାନ୍ତ ବିଜ୍ଞପ୍ତି ପ୍ରତ୍ୟାହାର କରି ନିଅନ୍ତୁ ବୋଲି ଡକ୍ଟର କୁମାର କହିଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଅଧୀନସ୍ଥ ଜାତୀୟ କୀର୍ତିରାଜି କର୍ତ୍ତୃପକ୍ଷ (ଏନଏମଏ) ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ବାଇ-ଲ ବା ଉପନିୟମ ଆଣିବାକୁ ଯାଉଛନ୍ତି। ଏହି ବାଇ-ଲରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଶ୍ରୀଜଗନ୍ନାଥ ମନ୍ଦିର ଚାରିପଟେ ୩୦୦ ମିଟର ଅଂଚଳ ପାଇଁ କଟକଣା ଜାରି ହେବ। ପ୍ରଥମ ୧୦୦ ମିଟର ପୂରା ନିଷିଦ୍ଧ ଅଂଚଳ ଭାବେ ଘୋଷଣା ହେବ।

## ଆଜିଠାରୁ ନବମ ଓ ଏକାଦଶ ....

୨୦୨୧ ଏପ୍ରିଲ ଶେଷ ସପ୍ତାହରେ ହେବ। ପ୍ରଧାନଶିକ୍ଷକ ଓ ଅଧକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ଅନୁସାରେ ସକାଳ ସିଫ୍ଟରେ ଆସୁଥିବା ଶିକ୍ଷକମାନେ ନବମ ଓ ଦଶମ ଶ୍ରେଣୀର ପିଲାଙ୍କୁ ପଢ଼ାଇବା ପରେ ଅପରାହ୍ନ ୧ଟା ୩୦ରେ ଘରକୁ ଫେରିଯିବେ। କିନ୍ତୁ ଦ୍ୱିତୀୟ ସିଫ୍ଟରେ ସ୍କୁଲ ଆସୁଥିବା ଶିକ୍ଷକମାନେ ୪ଟା ପର୍ଯ୍ୟନ୍ତ ସ୍କୁଲରେ ରହିବେ। ତେବେ ପାଠପଢା ସମୟରେ ପିଲାମାନଙ୍କୁ କୋଭିଡ୍ ଗାଇଡଲାଇନ୍ ପାଳନ କରିବାକୁ ପଡ଼ିବ । ଶ୍ରେଣୀଗୃହରେ ପିଲାମାନେ ସାମାଜିକ ଦୂରତା ପାଳନ କରି ବସିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ୪ ହଜାର ୭ ଶହ ...

୧ ହଜାର ୨୦ କୋଟି ଟଙ୍କାରେ ତିଆରି ହେବାକୁ ଥିବା ହଳଦିଆ ରିଫାଇନାରିର ଦ୍ୱିତୀୟ କାଟାଲିଟିକ-ଡିୱାକ୍ସିଂ ୟୁନିଟର ଶିଳାନ୍ୟାସ କରିଛନ୍ତି । ୪୧ ନମ୍ବର ଜାତୀୟ ରାଜପଥେର ୧୯୦ କୋଟି ଟଙ୍କାର ବ୍ୟୟେର ନିର୍ମିତ ୪ ଲେନ ବିଶିଷ୍ଟ ଫ୍ଲାଏ ଓଭରକୁ ମଧ୍ୟ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦି ।

## ଆସନ୍ତାକାଲିଠୁ ପୁଣି ବଢ଼ିବ ...

ଏନେଇ ଜିଲ୍ଲାବାସୀଙ୍କୁ ସତର୍କ ରହିବାକୁ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୦ ତାରିଖ ଆଡ଼କୁ ଶୀତ ଲହରି ଅପେକ୍ଷାକୃତ କମ୍ ଅଞ୍ଚଳରେ ପ୍ରବାହିତ ହେବ। ଉକ୍ତ ଜିଲ୍ଲାଗୁଡ଼ିକ ହେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଦେବଗଡ଼, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ବଲାଙ୍ଗୀର । ଅପରପକ୍ଷେ ଗତ ୨୪ ଘଣ୍ଟାରେ ରାଜ୍ୟର ସମସ୍ତ ଜିଲ୍ଲାରେ ପାଗ ଶୁଖିଲା ରହିଥିଲା। ଫୁଲବାଣୀଠାରେ ସର୍ବନିମ୍ନ ତାପମାତ୍ରା ୭.୦ ଡିଗ୍ରୀ ରେକର୍ଡ ହୋଇଛି । ରାଜ୍ୟର ସମସ୍ତ ଜିଲ୍ଲାରେ ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ଘଟିଛି। ତଥାପି ଫେବ୍ରୁଆରି ମାସର ସ୍ୱାଭାବିକ ସର୍ବନିମ୍ନ ତାପମାତ୍ରା ଅନୁସାରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମ୍ ରହିଛି । ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୪.୫ ଡିଗ୍ରୀ ରେକର୍ଡ ହୋଇଛି । ହାଲ୍‌କାରୁ ମଧ୍ୟମ ଧରଣର କୁହୁଡ଼ି କିଛି କିଛି ସ୍ଥାନରେ ଦେଖିବାକୁ ମିଳିଛି । ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ହିଁ ରହିବ । ଆସନ୍ତା ୨୪ଘଣ୍ଟାରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼, ବୌଦ୍ଧ, ଖୋର୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବେ?ଦ୍ଧ, ଅନୁଗୁଳ ଓ ଢେଙ୍କାନାଳ ଆଦି ଜିଲ୍ଲାର କିଛି କିଛି ଅଞ୍ଚଳରେ ହାଲ୍‌କାରୁ ମଧ୍ୟମ ଧରଣର କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି ।

## କରୋନା ଟୀକାକରଣରେ ....

୬୦ ପ୍ରତିଶତରୁ ଅଧିକ ଲକ୍ଷ ଦେଶର ୧୩ ରାଜ୍ୟରେ ଜଣାପଡ଼ିଛି । ଏଥିରୁ ବିହାର ୭୬.୬ ପ୍ରତିଶତ ଲକ୍ଷ ସହିତ ସର୍ବୋଚ୍ଚ ସ୍ଥାନରେ ରହିଛି । ମଧ୍ୟପ୍ରଦେଶରେ ୭୬.୧ ପ୍ରତିଶତ ଟୀକାକରଣ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ମନ୍ତ୍ରାଳୟର କହିବା ଅନୁସାରେ ତ୍ରିପୁରାରେ ୭୬.୦ ପ୍ରତିଶତ, ଉତରାଖଣ୍ଡରେ ୭୧.୫ ପ୍ରତିଶତ ସ୍ୱାସ୍ଥ୍ୟକର୍ମୀଙ୍କ ଟୀକାରଣ ଲକ୍ଷ ହାସଲ ହୋଇଛି । ୬୦ ପ୍ରତିଶତରୁ ଅଧିକ ଲକ୍ଷ ହାସଲ କରିଥିବା ରାଜ୍ୟ ଗୁଡିକ ହେଲା ମିଜୋରମ (୬୯.୭), ଉତର ପ୍ରଦେଶ (୬୯.୦), କେରଳ (୬୮.୧), ଓଡ଼ିଶା (୬୭.୬), ରାଜସ୍ଥାନ (୬୭.୩), ହିମାଚଳ ପ୍ରଦେଶ (୬୬.୮), ଲକ୍ଷଦ୍ୱୀପ (୬୪.୫), ଆଣ୍ଡାମାନ ଏବଂ ନିକୋବର ଦ୍ୱୀପ (୬୨.୯) ଏବଂ ଚଣ୍ଡିଗଡ଼ (୬୦.୫) । ଯାହାକି ସଂଖ୍ୟା ଦୃଷ୍ଟିରୁ ସର୍ବାଧିକ କରୋନା ଟୀକାକରଣ କରିଥିବା ରାଜ୍ୟ ମହାରାଷ୍ଟ୍ର ସର୍ବୋଚ୍ଚ ସ୍ଥାନରେ ରହିଛି । ମହାରାଷ୍ଟ୍ରରେ ଏବେ ସୁଦ୍ଧା ୪ ଲକ୍ଷ ୬୩ ହଜାର ୪୪ ଜଣ କରୋନା ଟୀକା ନେଇଛନ୍ତି ।

## ମୁକ୍ତାକାଶ ପାଠାଗାର ଶ୍ରଦ୍ଧାର୍ପିତ

ଭୁବନେଶ୍ୱର,୦୭।୦୨ (ନି.ପ୍ର): ରାଜଧାନୀ ବୌଦ୍ଧିକ ସମାବେଶ ପକ୍ଷରୁ ଏକ ଅଭିନବ ପଦକ୍ଷେପ ସ୍ୱରୂପ ଜନ ଜାଗ୍ରତ ଉଦ୍ଦେଶ୍ୟରେ ମୁକ୍ତାକାଶ ପାଠାଗାର ଶ୍ରଦ୍ଧାର୍ପିତ ହୋଇଛି। କୃତି ଛାତ୍ରୀ, ନୃତ୍ୟାଙ୍ଗନା ତଥା ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତ ସୁଶ୍ରୀ ଅଙ୍କିତାଙ୍କ ଦ୍ୱାରା ଏହି ମୁକ୍ତାକାଶ ପାଠାଗାର ରାଜାଛକ, ମହାତ୍ମାଗାନ୍ଧୀ ମାର୍ଗ, ଭୁବନେଶ୍ୱରଠାରେ ରବିବାର ସକାଳେ ଉଦ୍‌ଘାଟନ ହୋଇଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ ରାଜଧାନୀ ବୌଦ୍ଧିକ ସମାବେଶର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ସଭାପତି କମଳ ଲୋଚନ ବିଶ୍ୱାଳ, ଉପସଭାପତି ସୌଭାଗ୍ୟ ରଂଜନ ମହାନ୍ତି, ସାଧାରଣ ସଂପାଦକ ଶେଷାଶିଷ ସାହୁ, ସଂପାଦକ ରାହୁଲ କୁମାର, ମୁଖପାତ୍ର ବିଜୟ କୁମାର ଖୁଂଟିଆ କୋଷାଧ୍ୟକ୍ଷ ଶରତ କୁମାର ରାଉତ, ଆବାହାକ ଅଗ୍ନିବେଶ ସ୍ୱାଇଁ, ଅରୂପ କୁମାର ମହାପାତ୍ର, ସଞ୍ଜିବ କୁମାର ପଣ୍ଡା, ସୁବ୍ରତ କୁମାର ସିଂହ, ଋତୁରାଜ ପଟ୍ଟନାୟକ, ସୁନୀଲ କୁମାର ନାୟକ, ପ୍ରଦୋଷ ପରିଡା, ଜ୍ୟୋତିଷ ବିଦ୍ୟାଧର ଛୋଟରାୟ, ବିଜୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମୁକ୍ତାକାଶ ପାଠାଗାରରେ ଓଡ଼ିଶାର କୋଣ ଅଣକୋଣରେ ପ୍ରକାଶିତ ଦୈନିକ, ସାପ୍ତାହିକ ପାକ୍ଷିକ ଓ ମାସିକ ପତ୍ରିକା ଗୁଡିକ ପ୍ରଦର୍ଶିତ ହେବ। ସମସ୍ତ ପାଠକମାନଙ୍କ ପାଇଁ ଏହା ଦେଓମୁକ୍ତ ରହିବ ବୋଲି ଉପଦେଷ୍ଟା ଶ୍ରୀ ଶତପଥୀ ଘୋଷଣା କରିଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ସମାବେଶ ପକ୍ଷରୁ ଗରିବ ପ୍ରତିଭାବାନ ବିଦ୍ୟାର୍ଥୀଙ୍କ ପାଇଁ ଦେଓମୁକ୍ତ ଶିକ୍ଷାଦାନ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଉପଦେଷ୍ଟା ଶ୍ରୀ ଶତପଥୀ ଘୋଷଣା କରିଥିଲେ। ଏହାପରେ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟାମାନ ସମୟାନୁ କ୍ରମେ ଘୋଷଣା କରାଯିବ।

## ଖଇରା ହାଇସ୍କୁଲରେ ମୋ ସ୍କୁଲ ଅଭିଯାନ ବୈଠକ




ଖଇରା,୭।୨(ନିପ୍ର) ଖଇରା ବ୍ଲକସ୍ଥ ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ସୂଚନା ପ୍ରଯୁକ୍ତି କ୍ରିଡା ଏବଂ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ମୋ ସ୍କୁଲ ଅଭିଯାନରେ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିବା ପରେ ପ୍ରଥମ ବୈଠକ ରବିବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ସାହୁଙ୍କ ପୌରହିତ୍ୟରେ ଆୟୋଜିତ ବୈକରେ କ୍ରୀଡା ମନ୍ତ୍ରୀ ବେହେରାଙ୍କ ବ୍ୟତିତ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଅନ୍ୟତମ ବରେଣ୍ୟ ଅତିଥି ଭାବେ ଦେଇଥିଲେ । ନବୀନ ପଟ୍ଟନାୟକଙ୍କ ଏହି କାର୍ଯ୍ୟକ୍ରମ ଏକ ସୁଦୁର ପ୍ରସାରୀ ଯୋଜନା । କାରଣ ସ୍କୁଲ ଉନ୍ନତିରେ ସରକାରଙ୍କ ସହିତ ପୁରାତନ ଛାତ୍ରୀଛାତ୍ର,ଅଭିଭାବକ,ଶୁଭେଚ୍ଛୁ ସମସ୍ତେ ଅଂଶ ଗ୍ରହଣ କରି ପାରିବେ ବୋଲି କହିଥିଲେ । ଏହି ଅଭିଯାନର ଜିଲା ସଂଯୋଜକ ସନ୍ଦୀପ କୁମାର ଖଟୁଆ,ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣ ମୋହନ ସିଂ,ଏବିଇଓ ଗୋଲକ ବିହାରୀ ପାଢୀ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ । ସ୍କୁଲ ପରିସରରେ ଏକ ଡିଜିଟାଲ ଲାଇବ୍ରେରୀ ପ୍ରତିଷ୍ଠା ତଥା ଖେଳ ପଡିଆର ଉନ୍ନତି ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ ମନ୍ତ୍ରୀ ପ୍ରତିଶୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପାଣିଗ୍ରାହୀ ଏକ ଅଡିଟୋରିୟମ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ । ପୁରାତନ ଛାତ୍ର ଶରତ କୁମାର ବିଶ୍ୱାଳ ମୋ ସ୍କୁଲ ଅଭିଯାନକୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ । ଶିକ୍ଷକ ଜୟନ୍ତ କୁମାର ପଣ୍ଡା ବିବରଣୀ ପାଠ,ପ୍ରାକ୍ତନ ଶିକ୍ଷକ ଅକ୍ଷିତ କୁମାର ଜେନା ବେଦପାଠ, ପୁରାତନ ଛାତ୍ର ପରିଷଦର ସଭାପତି ମୁକ୍ତିକାନ୍ତ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

## ସିନେ ସମୀକ୍ଷକ ରଣଧୀର ଦାସଙ୍କ ପରଲୋକ

ଭୁବନେଶ୍ୱର,,୦୭।୦୨ (ନି.ପ୍ର): ବିଶିଷ୍ଟ ସିନେ ସମୀକ୍ଷକ, ସିନେ ସାମ୍ବାଦିକ, ସାହିତ୍ୟକ ତଥା ଓଡିଶା ଚଳଚ୍ଚିତ୍ର ସଂଘର ପ୍ରାଣ ପ୍ରତିଷ୍ଠାତା ରଣଧୀର ଦାସଙ୍କ ରବିବାର ଅପରାହ୍ନରେ କଟକ ସ୍ଥିତ ଡଗରପଡା ବାସ ଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ୧୯୩୮ ମସିହା ସେପ୍ଟେମ୍ବର ୨୩ ତାରିଖରେ କଟକରେ ଜନ୍ମଗ୍ରହଣ କରିଥିବା ରଣଧୀର ଦାସ ଡଗରପଡା ସ୍ଥିତ ତାଙ୍କ ଘରେ ସେ ଜାତୀୟ ଦୂରଦର୍ଶନ ଓ ଚଳଚ୍ଚିତ୍ର ପ୍ରତିଷ୍ଠାନ ନାମରେ ଓଡ଼ିଶାର ପ୍ରଥମ ସିନେମା ପ୍ରଶିକ୍ଷଣ ସ୍କୁଲ ଖୋଲିଥିଲେ। ସେ ଚଳଚ୍ଚିତ୍ର ସାହିତ୍ୟ ପତ୍ରିକା 'ଜୀବନ ରଙ୍ଗ' ଓ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକାର ସମ୍ପାଦକ ଥିବା ସହ ଏକା ଧାରାରେ ଜଣେ ଔପନ୍ୟାସିକ ଓ ଲେଖକ ମଧ୍ୟ ଥିଲେ। କାଦମ୍ବିନୀ, ଚିତ୍ର ପୁରୀ ସମ୍ମାନ ଓ ଚଳଚ୍ଚିତ୍ର ପ୍ରତିଭା ସମ୍ମାନ ଆଦି ଅନେକ ପୁରସ୍କାରରେ ସମ୍ମାନିତ ହୋଇଥିଲେ।

## ସାଇକେଲ ଯାତ୍ରାରେ ମାନବ ବଗଡିଆଙ୍କ ଭଦ୍ରକ ଆଗମନ

ଭଦ୍ରକ,୦୭।୦୨ (ନି.ପ୍ର): ଭୁବନେଶ୍ୱରରୁ କୋଲକାତା ପର୍ଯ୍ୟନ୍ତ ସାଇକେଲ ଦ୍ୱାରା ଯାତ୍ରା କରୁଥିବା ୨୧ ବର୍ଷୀୟ ଯୁବକ ମାନବ ବଗଡିଆଙ୍କୁ ଆଜି ଭଦ୍ରକ ଚରମ୍ପା ସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ରରେ ମାରୱାଡି ମହିଳା ସମିତି ଓ ବ୍ରହ୍ମାକୁମାରୀ ଭାଇ ଭଉଣୀଙ୍କ ଦ୍ୱାରା ସ୍ୱାଗତ ଅଭ୍ୟର୍ଥନା କରାଯାଇଥିଲା। ଶାନ୍ତି ଓ ବିଶ୍ୱ ସଦ୍‌ଭାବନା ଉଦ୍ଦେଶ୍ୟରେ ଏହି ଯାତ୍ରାରେ ଧ୍ୟାନ ଓ ସାତ୍ତ୍ୱିକ ଆହାର ତାଙ୍କର ଯାତ୍ରା ପଥକୁ ନିର୍ବିଘ୍ନ କରିଛି ବୋଲି ମାନବ ତାଙ୍କ ବକ୍ତବ୍ୟରେ କହିଥିଲେ। ମାରୱାଡି ମହିଳା ସମିତିର ଅଧ୍ୟକ୍ଷା ସିଲା ଖେମ୍‌କା ମାନବଙ୍କର ଏହି ସୁନ୍ଦର ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେ। ବ୍ରହ୍ମାକୁମାରୀ ଭଦ୍ରକର ମୁଖ୍ୟ ସଂଚାଳିକା ମଞ୍ଜୁ ଭଉଣୀ ପରମାତ୍ମାଙ୍କର ଆଶୀର୍ବାଦ ଓ କୃପା ମାନବଙ୍କର ଚଲାପଥକୁ ଶକ୍ତିଶାଳୀ ଓ ଆନନ୍ଦମୟ କରୁ ବୋଲି ଶୁଭଭାବନା ରଖିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ସୁମନ ପଟ୍ଟୱାରୀ ସ୍ୱାଗତ ଭାଷଣ ପରିବେଷଣ କରିଥିଲେ। ମାରୱାଡି ମହିଳା ସମିତିର ସଦସ୍ୟା ସୁନିତା ଗୁପ୍ତା, ଆଶା ଗୁପ୍ତା, ଉର୍ମିଳା ଡିଡ୍‌ୱାନିଆ, ସୀମା ଅଗ୍ରୱାଲ, ଲଳିତା ସୁରେଖା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବ୍ରହ୍ମାକୁମାରୀ ନନ୍ଦିନୀ, ସଂଚାଳିକା ଚରମ୍ପା ତରଫରୁ ଈଶ୍ୱରୀୟ ଉପହାର ପ୍ରଦାନ କରିଥିଲେ।

# ଅଂଚଳର ବିକାଶ ପାଇଁ କ୍ରୀଡ଼ାର ବିକାଶ ଆବଶ୍ୟକ

## ମନ୍ତ୍ରୀ ତୁଷାରକାନ୍ତି ନୀଳଗିରି ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ନୀଳଗିରି,୦୭।୦୨ (ନି.ପ୍ର): ନୀଳଗିରି ମିନିଷ୍ଟାଡିୟମ୍ ପରିସରରେ ୨ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ରବିବାର ଦିନ ହେଉଥିବା ଉଦ୍‌ଯାପନୀ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରାଜ୍ୟ ପ୍ରଯୁକ୍ତି ବିଜ୍ଞାନ, କ୍ରୀଡ଼ା ଓ ଯୁବ ବ୍ୟପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇ କ୍ରୀଡ଼ାର ବିକାଶ ହେଲେ ଅଂଚଳର ବିକାଶ ହେବ ବୋଲି କହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ନୀଳଗିରି ଷ୍ଟାଡିୟମକୁ ଖୁବ୍ ଶୀଘ୍ର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀଯୁକ୍ତ ବେହେରା ପ୍ରତିଶୃତି ମଧ୍ୟ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ । ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟର ଆୟୋଜକ ସବ୍ୟସାଚୀ ମହାପାତ୍ର ମାନ୍ୟବର ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ପାଛୋଟି ଆଣିଥିଲେ । ୨ଦିନିଆ ଫୁଟବଲ ଟୁର୍ଣ୍ଣାମେଂଟରେ ୧୬ଗୋଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ରବିବାର ଦିନ ଫାଇନାଲ ଫୁଟବଲ ମ୍ୟାଚ ଧୋବଶିଳା ଓ ଗେଙ୍ଗଷ୍ଟାର ନୀଳଗିରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ୟାଙ୍ଗଷ୍ଟାର ନୀଳଗିରି ଚମ୍ପିୟାନ ହୋଇଥିଲା । ଚମ୍ପିଆନ ଟିମ୍‌କୁ ୧୦ହଜାର ଟଙ୍କା ଓ ସିଲ୍ ଏବଂ ରନସ୍‌ଅର୍ପ କୁ ୭ହଜାର ଟଙ୍କା ସହିତ ସିଲ୍ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଛି । ଏହି ଅବସରରେ ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ରାଜ୍ୟ ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦ, ପୂର୍ବତନ କାଉଂନସିଲର ଶିଶିର କୁମାର ରାଉତ, ଅଭିଷେକ ବେହେରା, ବିଜେଡି ବ୍ଲକ ସଭାପତି ବିଜୟ କୁମାର ଲେଙ୍କା, ଛାତ୍ର ବିଜେଡି ବ୍ଲକ ସଭାପତି ଫ୍ରାନସିସ ବ୍ରେକେନ ସ, ରାଜେନ୍ଦ୍ର ଜେନା, ମନୋରଂଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳରେ ସହଯୋଗ କରିଥିଲେ ।

# ସାମାଜିକ ବାର୍ତ୍ତା ନେଇ କ୍ରିକେଟ୍ ଖେଳିଥିଲେ ସେଲିବ୍ରିଟି



ଭୁବନେଶ୍ୱର,୦୭।୦୨ (ନି.ପ୍ର): ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ 'ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ' ଓ 'କର ଫାଉଣ୍ଡେସନ୍' ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୬ସ୍ଥିତ ପ୍ରଗତି ସ୍ପୋର୍ଟିଂରେ ଦ୍ୱିତୀୟ 'ସେଲିବ୍ରିଟି ଚାରିଟି କ୍ରିକେଟ୍' ଅନୁଷ୍ଠିତ ହୋଇଥିଲା। ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ସମାଜସେବାର ଚେତନା ସୃଷ୍ଟି ପାଇଁ ଅନୁଷ୍ଠାନ ତରଫରୁ ଏହି 'ସେଲିବ୍ରିଟି ଚାରିଟି କ୍ରିକେଟ୍' ଆୟୋଜନ କରାଯାଇଥିଲା। ଏଥିରେ ସମାଜର ବିଭିନ୍ନ ବର୍ଗରୁ ପ୍ରତିଷ୍ଠା ଲାଭ କରିଥିବା ନେତା, ଅଭିନେତା, ସାମ୍ବାଦିକ, ସମାଜସେବୀ ପ୍ରମୁଖ ସାମାଜିକ ସ୍ଲୋଗାନ୍ ଯଥା - "ରକ୍ତଦାନ ଜୀବନ ଦାନ", "ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ", "ସଡ଼କ ସୁରକ୍ଷା, ଜୀବନ ରକ୍ଷା", "ମାନବ ସେବା ହିଁ ମାଧବ ସେବା" ପ୍ରଭୃତି ଲେଖାଥିବା ଟି ସାର୍ଟ ପିନ୍ଧି କ୍ରିକେଟ୍ ଖେଳିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଭାରତୀୟ କ୍ରିକେଟ୍‌ର ସତ୍ୟରଞ୍ଜନ ଶତପଥୀ (ଜିତୁ), ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଉପସଭାପତି ମହମ୍ମଦ ଅଲିମ୍, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା କର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଚନ୍ଦନ କର, ସମାଜସେବୀ ରୁଦ୍ର ସାମନ୍ତରାୟ, ସତ୍ୟଭାମା ଦେବୀ କଲେଜର ଅଧ୍ୟକ୍ଷା ନିରଜା ଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ ହାସ୍ୟାଭିନେତା ହାଡୁଭାଇ, ଚୌଧୁରୀ ଜୟପ୍ରକାଶ, ଶଙ୍କର ପ୍ରଧାନ, ଭିକାରୀ ଭାଇ, ରବି କୁମାର, ଜ୍ଞାନ ବାରିକ ପ୍ରମୁଖ ଅଂଶଗ୍ରହଣ କରି ଏହି ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭର୍ସାଟାଇଲ୍ ଅଭିନେତା ହର ରଥ ଓ ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ପ୍ରଗତି ସ୍ପୋର୍ଟିଂର ସଦସ୍ୟ ଟୁନା ସାହୁ ସହଯୋଗ କରିଥିଲେ। ଭୁବନେଶ୍ୱର ମିଡିଆ ସ୍ପୋର୍ଟସ୍‌କ୍ଲବ୍ ଏହି କ୍ରୀଡ଼ାରେ ଚମ୍ପିଆନ୍ ହୋଇଥିଲେ।

# ଆମ ଗାଁ ଗୁରୁଜନ ପୂଜନ ଉତ୍ସବ ଅନୁଷ୍ଠିତ




ଉଦଳା ତା-୦୭/୦୨ (ନି.ପ୍ର)- ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଅଧ୍ୟାତ୍ମିକ କୋଳ ମଣ୍ଡନ କରୁଥିବା ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଡ଼ିହିରାକୁଳ ଗ୍ରାମରେ 'ଆମ ଗାଁ ଗୁରୁଜନ ପୂଜନ ଉତ୍ସବ' ଅନୁଷ୍ଠିତ ହୋଇ ଯାଇଛି । ପ୍ରକାଶ ଥାଉକି ପ୍ରତିବର୍ଷ ଫେବୃଆରୀ ମାସ ୭ ତାରିଖ ଦିନ ଡ଼ିହିରାକୁଳ ଗ୍ରାମରେ ବସବାସ କରୁଥିବାସମସ୍ତ ଗୁରୁଜନ ମାନଙ୍କୁ ଗ୍ରାମର ଯୁବକ ଯୁବତୀ ମାନେ ସମ୍ମାନର ସହ ଘରୁ ପାଛୋଟି ଆଣି ଗ୍ରାମର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ରୀତ କରାଇଥାନ୍ତି । ଏହାପରେ ଭଜନ, କିର୍ତ୍ତନ ଓ ବେଦମନ୍ତ୍ର ଉଚ୍ଚାରଣ କରି ସେମାନଙ୍କୁ ପୂଜାର୍ଚ୍ଚନା କରିବା ସହିତ ଦିବସ ବ୍ୟାପି ସେମାନଙ୍କୁ ହସଖୁସି ମଧ୍ୟରେ ବାନ୍ଧି ରଖିବାକୁ ଉଦ୍ୟମ କରନ୍ତି । ଶେଷରେ ସନ୍ଧ୍ୟାରେ ସେମାନଙ୍କ ଠାରୁ ଆର୍ଶୀବାଦ ଭିକ୍ଷା କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରାଇଥାନ୍ତି । ତେବେ ଚଳିତ ବର୍ଷ ,ହି ଉତ୍ସବରେ ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ, ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ଉଦଳାସ୍ଥିତ ସରକାରୀ ଉପଖଣ୍ଡ ଚିକିତ୍ସାଳୟର ଚିକିତ୍ସା ଅଧିକାରୀ ଡ଼ା. ଶିବାନନ୍ଦ ମହାନ୍ତି, ଉଦଳା ଓ କପ୍ତିପଦା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଉପଖଣ୍ଡ ପୋଲିସ ଅଧିକାରୀ, ଉଦଳା ଥାନାର ଆରକ୍ଷୀ ନୀରିକ୍ଷକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବରେ ଯୋଗ ଦେଇ ଗ୍ରାମବାସୀ ମାନଙ୍କର ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ଏଭଳି ପରମ୍ପରା ଓ ଆତ୍ମିୟତା ସମଗ୍ର ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେନାହିଁ ବୋଲି ବ୍ୟକ୍ତ କରିଥିଲେ । ଚଳିତ ବର୍ଷ ପ୍ରଥମ ଥର ପାଇଁ ଗ୍ରାମର ଛୋଟ ଛୋଟ ପିଲା ମାନେ ଏକ ନାଟକ ପରିବେଷଣ କରିଥିଲେ ଯାହାକି ଦର୍ଶକ ମାନଙ୍କୁ ବହୁ ଆନନ୍ଦ ପ୍ରଦାନ କରିବା ସହିତ ଶିକ୍ଷଣୀୟ ଥିଲା ମୋଲି ମତ ଦେଇଥିଲେ ।

## ଆଦିବାସୀ ମେଳାରେ ମନ ମୋହୁଛି ଜନଜାତି ଜୀବନର ବିରଳ ଫଟୋଚିତ୍ର

ଭୁବନେଶ୍ୱର,୦୭।୦୨ (ନି.ପ୍ର): ରାଜଧାନୀ ଠାରେ ଚାଲିଥିବା ଆଦିବାସୀ ମେଳାରେ ଏଥର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଆଦିବାସୀ ଜନଜୀବନ ଉପରେ ଆଧାରିତ ଏକ ବିରଳ ଫଟୋଚିତ୍ରର ମଣ୍ଡପ । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଖୋଲାଯାଇଥିବା ଏହି ସୁଦୃଶ୍ୟ ମଣ୍ଡପରେ ରାଜ୍ୟର ୬୨ଟି ଆଦିବାସୀ ବର୍ଗର ସାମାଜିକ ଚଳଣୀ, ସାଂସ୍କୃତିକ ଜୀବନ, ପୋଷାକ ପରିଧାନ ଓ ଅଳଙ୍କାର ଆଦିର ଯେଉଁ ମନଲୋଭା ଫଟୋଚିତ୍ର ସ୍ଥାନିତ ହୋଇଛି, ତାହା ଦର୍ଶକମାନଙ୍କୁ କିଛି ମୁହୂର୍ତ୍ତ ପାଇଁ ବାନ୍ଧି ରଖି ପାରୁଛି । ବିଶେଷ କରି ବଣ୍ଡା, ଗଦବା, ଦୁରୁଆ, କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ ଓ ଲାଞ୍ଜିଆ ସଉରା ଆଦି ବର୍ଗର ଆଦିବାସୀ ନାରୀ ମାନେ ସେମାନଙ୍କର ପାରମ୍ପରିକ ପୋଷାକ ଓ ଗହଣା ଆଦି ପିନ୍ଧି ହାତକୁ ହାତ କାନ୍ଧକୁ କାନ୍ଧ ମିଳାଇ ପାରମ୍ପରିକ ନୃତ୍ୟଗୀତରେ ନିମଗ୍ନ ଥିବାର ଯେଉଁ ସବୁ ଫଟୋଚିତ୍ର ସ୍ଥାନ ପାଇଛି, ତାହାକୁ ସଂସ୍କୃତି ଓ ପରମ୍ପରାର ଏକ ଯୁଗଳବନ୍ଦୀ କହିଲେ ଭୁଲ୍ ହେବ ନାହିଁ । ନୃତ୍ୟ ବିଭୋର ଜନଜାତିର ସଂସ୍କୃତି ପ୍ରାଣତାର ସ୍ପଷ୍ଟ ଚିତ୍ର ଏଥିରେ ପ୍ରତିଫଳିତ ହେଉଛି । ଆମ ରାଜ୍ୟର ଜନଜାତି ଆଜି ଦାରିଦ୍ର୍ୟ ଓ ଅନଗ୍ରସରତାର ଅମା ଅନ୍ଧକାର ମଧ୍ୟରୁ ବାହାରି ସଭ୍ୟତା ଓ ବିକାଶ ଆଡକୁ ଯେପରି ଦ୍ରୁତ ଅଗ୍ରସର ହେଉଛନ୍ତି, ତାହାର କେତେକ ସୁଦୃଶ୍ୟ ଫଟୋଚିତ୍ର 'ଜୀବନ ସ୍ରୋତରେ ଆମ ଜନଜାତି' ଶୀର୍ଷକ ବିଭାଗରେ ଦେଖିବାକୁ ମିଳୁଛି । ସେହିପରି 'ବିମଣ୍ଡିତ ବିବିଧତା' ଶୀର୍ଷକ ବିଭାଗରେ ଭିନ୍ନ ଭିନ୍ନ ବର୍ଗର ଜନଜାତିଙ୍କ ଦୈନନ୍ଦିନ ଜୀବନ ଶୈଳୀ ଓ ସାଂସ୍କୃତିକ ପରମ୍ପରାର କେତେକ ଝଲକ୍ ପ୍ରତିଫଳିତ ହୋଇଛି । ରାଜ୍ୟର ଜନଜାତି ବର୍ଗର ପିଲାମାନଙ୍କୁ ଶିକ୍ଷାର ଆଲୋକ ପ୍ରଦାନ କରିବାକୁ ସରକାର ସଂକଳ୍ପବଦ୍ଧ ପ୍ରୟାସ ଜାରି ରଖିଛନ୍ତି । ଆଦିବାସୀ ପିଲାମାନେ କିପରି ବହୁ ସଂଖ୍ୟାରେ ବିଦ୍ୟାଳୟ ପରିସରକୁ ଆସି ଅତି ଆଗ୍ରହର ସହିତ ପାଠପଢ଼ାରେ ସାମିଲ ହୋଇଛନ୍ତି, ତାହାର କେତେକ ଚିତ୍ର ମଣ୍ଡପରେ ସ୍ଥାନିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତୀତରେ ଆଦିବାସୀ ମେଳାକୁ ଆସିଥିବା ବେଳେ ଆଦିବାସୀ ଶିଶୁ ଓ ମହିଳାଙ୍କ ସହିତ କଟାଇଥିବା ବିଶେଷ ମୁହୂର୍ତ୍ତର ଫଟୋ ଖୁବ୍ ଚିତାକର୍ଷକ ହୋଇଛି ।

## ଦୁଇଟି ବାଇକ ମୁହାଁମୁହାଁ ଧକ୍କା : ୩ ଗୁରୁତର

ବାଲିଆପାଳ,୦୭।୦୨ (ନି.ପ୍ର): ବାଲିଆପାଳ-ବସ୍ତା ମୁଖ୍ୟରାସ୍ତାର ଖାଳମୁହାଣୀ ଛକ ନିକଟରେ ଆଜି ସନ୍ଧ୍ୟାରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ତିନିଜଣ ଗୁରୁତର ଆହାତ ହୋଇଚନ୍ତି ।ସମସତ ଗୁରୁତର ଆହାତଙ୍କୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସାପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ମୂତାବକ ବାଲିଆପାଳ ଥାନା ସୂର୍ଯ୍ୟାପୁର ଗ୍ରାମର ରବିନାରାୟଣ ଜେନା(୫୦) ବାଲେଶ୍ୱରୁ ଏକ ସ୍କୁଟିରେ ନଜର ଭଉଣୀ ନମିତା ଜେନା(୪୨)ଙ୍କୁ ନେଇ ଘରକୁ ଫେରୁଥିଲେ ।ଏି ସମୟରେ ବୀପରୀତ ଦିଗୁ ଅନ୍ୟଏକ ବାଇକରେ ଯାଉଥିବା ଦେଭୋଗ ଗ୍ରାମର ଅନୁଜ ପାତ୍ର ଏହ ସ୍କୁଟିକୁ ଧକ୍କା ଦେଇଥିଲା ।ଘଟଣା ସ୍ଥଳରେ ସମସ୍ତେ ଛାଟିକିପଡି ଗୁରୁତର ଆହାତ ହୋଇଥିଲେ । ସ୍ଥାନୀୟଲୋକମାନେ ସମସ୍ତ ଆହାତଙ୍କୁ ଉଦ୍ଧାରକରି ଡାକ୍ତରଖାନାକୁ ପଠାଇଥିଲୋ

## ବନ ଅଧିକାରୀ ସସ୍ମିତା ଲେଙ୍କାଙ୍କୁ ଜାତିସଂଘ ପୁରସ୍କାର ପାଇଁ ଅଭିନନ୍ଦନ ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର,୦୭।୦୨ (ନି.ପ୍ର): ମିଳିତ ଜାତିସଂଘର ଏସିଆ ପରିବେଶ ଏନଫୋର୍ସମେଂଟ ଆୱାର୍ଡ ପୁରସ୍କାର ପ୍ରଦାନ କରାଯାଇଥିବାରୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମହିଳା ଜଙ୍ଗଲ ଅଧିକାରୀ ସସ୍ମିତା ଲେଙ୍କାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଉଲ୍ଲେଖନୀୟ ଯେ ମହିଳା ଜଙ୍ଗଲ ଅଧିକାରୀ ସସ୍ମିତା ଲେଙ୍କାଙ୍କୁ ମିଳିତ ଜାତିସଂଘର ଏସିଆ ପରିବେଶ ଏନଫୋର୍ସମେଣ୍ଟ ଆୱାର୍ଡ ପୁରସ୍କାର ପ୍ରଦାନ କରାଯାଇଛି । କଟକ, ଆଠଗଡର ଡିଭିଜନାଲ ବନ ଅଧିକାରୀ ଥିବା ଶ୍ରୀମତୀ ଲଙ୍କା ରାଜ୍ୟରେ ପରିବେଶ ଅପରାଧ ରୋକିବା ଓ ବଜ୍ରକାପ୍ତା ପରି ବିଲୁପ୍ତ ପ୍ରାୟ ପ୍ରାଣୀର ଚୋରା ଚାଲାଣକାରୀ ରାକେଟକୁ ଦମନ କରିବା ଭଳି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ 'ଲିଙ୍ଗ ଲିଡରସିପ୍ ଆଣ୍ଡ୍ ଇମ୍ପାକ୍ଟ' ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

## ରୋଟାରୀ କ୍ଲବ ଅନ-ସି ପକ୍ଷରୁ 'ପବ୍ଲିକ ଇମେଜ ସେମିନାର'




ବାଲେଶ୍ୱର,୦୭।୦୨ (ନି.ପ୍ର): ସେବା କ୍ଷେତ୍ରରେ ବିଶ୍ୱସ୍ତରୀୟ ଖ୍ୟାତି ଅର୍ଜନ କରିଥିବା ରୋଟାରୀ କ୍ଲବର କାର୍ଯ୍ୟଧାରା ଓ ଉପାଦେୟତାକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ସ୍ୱତନ୍ତ୍ର ଭାବମୂର୍ତ୍ତି ସୃଷ୍ଟି ପାଇଁ ବାଲେଶ୍ୱର ରୋଟାରୀ କ୍ଲବ ଅନ ସି ପକ୍ଷରୁ 'ଡିଷ୍ଟ୍ରିକ୍ଟ ପବ୍ଲିକ ଇମେଜ ସେମିନାର' ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ବାମପଦାସ୍ଥିତ ନୋସି ବିଜିନେସ ପାର୍କସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଇମାମି ପେପର ମିଲ୍ସର ଅପରେସନ ହେଡ ଓ ନିର୍ଦ୍ଦେଶକ ଏମବିଏସ ନାୟାର ଉଦଘାଟନ କରିଥିଲେ । ବ୍ୟକ୍ତି ବା ଅନୁଷ୍ଠାନର କାର୍ଯ୍ୟଧାରା କିପରି ପବ୍ଲିକ ଇମେଜ ସୃଷ୍ଟି କରିଥାଏ, ସେ ସମ୍ପର୍କରେ ଶ୍ରୀ ନାୟାର ବିସ୍ତୃତ ଆଲୋଚନା କରିଥିଲେ । ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ସୌମ୍ୟ ରଂଜନ ମିଶ୍ର, ଡିଷ୍ଟ୍ରିକ୍ଟ ଟ୍ରେନର ଅଶୋକ ବିହାରୀ ମହାପାତ୍ର, ରୋଟାରୀ ପବ୍ଲିକ ଇମେଜ ଅଭିଯାନର ଚେୟାରମ୍ୟାନ ଶିବବ୍ରତ ଦାସ ପ୍ରମୁଖ ଏଥିରେ ଯୋଗଦେଇ ଏହି ଉଦଘାଟନୀ ଉତ୍ସବରେ ଯୋଗଦେଇ ରୋଟାରୀ କ୍ଲବର କାର୍ଯ୍ୟଧାରା ଓ ଦାୟିତ୍ୱବୋଧତା ସମ୍ପର୍କରେ ଆଲୋଚନା କରିଥିଲେ । ରୋଟାରିଆନଙ୍କ ସେବାମୂଳକ କାର୍ଯ୍ୟଧାରାରେ ଅନ୍ୟମାନେ ଅନୁପ୍ରାଣିତ ହେବା ହିଁ ଏହାର ନିଃସ୍ୱାର୍ଥପରତାକୁ ପ୍ରତିପାଦିତ କରିଥାଏ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ରୋଟାରୀ କ୍ଲବ ବାଲେଶ୍ୱର ଅନ ସିର ସଭାପତି ଆଶିଷ ଭଞ୍ଜ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ପବ୍ଲିକ ଇମେଜ ସେମିନାରର ଚେୟାରମ୍ୟାନ ହର୍ଷ ଗୁପ୍ତା ସଂଯୋଜନା କରିଥିଲେ । ଏହି ଅବସରରେ କ୍ଲବ ପକ୍ଷରୁ ମୁଖ୍ୟ ଅତିଥି ଶ୍ରୀ ନାୟାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏଥି ସହିତ ପବ୍ଲିକ ଇମେଜ ସେମିନାରର ମୁଖପତ୍ରକୁ ଅତିଥିମାନେ ଉନ୍ମୋଚିତ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଆୟୋଜିତ ସେମିନାରରେ ଇଷ୍ଟର୍ଣ୍ଣ ମିଡିଆ ଗ୍ରୁପର ପରିଚାଳନା ନିର୍ଦ୍ଦେଶିକା ମୋନିକା ନାୟାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାବମୂର୍ତ୍ତି ସୃଷ୍ଟିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । କାର୍ଯ୍ୟର ଗୁରୁତ୍ୱ ଓ ଏହାର ସଠିକ ରୂପାୟନରେ ସୃଷ୍ଟ ଭାବମୂର୍ତ୍ତି ଜନସାଧାରଣଙ୍କୁ ପ୍ରଭାବିତ କରିଥାଏ ବୋଲି ସେ କହିଥିଲେ । ମୁସ୍କାନ ଅଗ୍ରୱାଲ ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିଖିଲ ଖଣ୍ଡେଲୱାଲ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲକ୍ଷ୍ମୀସାଗର ପୋଖରୀର ସୌନ୍ଦର୍ଯ୍ୟକରଣ : କେନ୍ଦ୍ରମନ୍ତ୍ରୀ ପ୍ରତାପଙ୍କ ଦ୍ୱାରା ୧୦ଲକ୍ଷ ଟଙ୍କା ଅନୁଦାନ



ନୀଳଗିରି,୦୭।୦୨ (ନି.ପ୍ର): ନୀଳଗିରି ବସଷ୍ଟାଣ୍ଡ ନିକଟସ୍ଥ ଲକ୍ଷ୍ମୀସାଗର ପୋଖରୀ ଆଡ଼ିର ସୌନ୍ଦର୍ଯ୍ୟକରଣ ପାଇଁ ବାଲେଶ୍ୱର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଜ ସାଂସଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ର ଅନୁଦାନ ରାଶି ମଞ୍ଜୁର କରିଛନ୍ତି । ଲକ୍ଷ୍ମୀସାଗର ପୋଖରୀକୁ ଏକ ଆଦର୍ଶ ପୋଖରୀ ଭାବେ ଗଢ଼ିତୋଳିବା ଲକ୍ଷରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ୧୦ ଲକ୍ଷ ଟଙ୍କାର ହାତପାଣ୍ଠି ଟଙ୍କା ମଞ୍ଜୁର କରିଛନ୍ତି । ପୋଖରୀ ଚାରିପାଖରେ ଆଲୋକୀକରଣ, ନୌବିହାର ବ୍ୟବସ୍ଥା, ରଙ୍ଗ ବେରଙ୍ଗର ବୃକ୍ଷ ରୋପଣ ଉପରେ ଗୁରୁତ୍ୱ ଦେବା ସହ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କଲା ଭଳି ସମସ୍ତ ବ୍ୟବସ୍ଥା କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି ।

## ଅଗ୍ରଣୀ ବେସରକାରୀ ଶିକ୍ଷାନୁଷ୍ଠାନ ଡିଭାଇନ ଟ୍ୟୁଟୋରିଆଲ ପକ୍ଷରୁ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଉତ୍ସବ ପାଳିତ

ନୀଳଗିରି,୦୭।୦୨ (ନି.ପ୍ର): ଡିଭାଇନ ଏଜୁକେସନାଲ ଚେରିଟେବଲ ଟ୍ରଷ୍ଟ ପକ୍ଷରୁ ଡିଭାଇନ ଟ୍ୟୁଟୋରିଆଲ ପରିସରରେ ଏକ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ନୀଳଗିରି ଏସ.ଡି.ପି.ଓ. ରିତେଶ କୁମାର ମହାପାତ୍ର ଉପସ୍ଥିତ ରହି ଶିକ୍ଷାର ମହାନତା ଜୀବନ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ଉପସ୍ଥିତ ରହି ଜୀବନର ଜଣେ ସଫଳ ମଣିଷ ହେବା ପାଇଁ ଯେଉଁ ସବୁ ପାବଛ ଆବଶ୍ୟକ ହୋଇଥାଏ ତାହା ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଡିଭାଇନ ଟ୍ୟୁଟୋରିଆଲ ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର ଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟସ୍ତରରେ କୃତିଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଅଭିନନ୍ଦନ ଓ ସମ୍ବର୍ଦ୍ଧନା କରାଯାଇଥିଲା । ଫକୀର ମୋହନ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ଟପ୍ପର ହୋଇଥିବା ଗାୟତ୍ରୀ ସିଂହ , ନୀଳଗିରି ଉପଖଣ୍ଡସ୍ତରରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଲାଭ କରିଥିବା ଲିପାକ୍ଷୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ୍‌ବ୍ୟତୀତ ବିଦ୍ୟୁଲତା ସାହୁ, ପ୍ରମୋଦ ସାହୁ, ସମରେନ୍ଦ୍ର ସ୍ୱାଇଁ ସସ୍ମିତା ମଲ୍ଲିକ, ସୁଚିସ୍ମିତା ସାହୁ, ରୋଜାଲିନ ଆଇଚ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି, ରଶ୍ମିରେଖା ମହାନ୍ତି, ପୁଷ୍ପାଞ୍ଜଳି ଦାସ, ଜ୍ୟୋର୍ତିମୟୀ ସିଂହ, ଇତିଶ୍ରୀ ପଣ୍ଡା ସହିତ ଅନ୍ୟ ସମସ୍ତ କୃତି ଛାତ୍ରଛାତ୍ରୀମାନଙ୍କ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନମିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲା ବେଳେ ଇତିଶ୍ରୀ ପ୍ରଧାନ ଓ ନମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସର୍ବଶେଷରେ ଡିଭାଇନ୍ ଶିକ୍ଷାନୁଷ୍ଠାନର ପରିଚାଳକ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସାନିଟାଇଜ୍ ହେଲା ଶ୍ରୀମନ୍ଦିର : ଦର୍ଶନ ବନ୍ଦ

ପୁରୀ,୦୭।୦୨ (ନି.ପ୍ର): ଶ୍ରୀମନ୍ଦିର ଭିତର ଓ ବାହାର ଆଜି ସାନିଟାଇଜ୍ କରାଯାଇଛି । ଏଥିଯୋଗୁଁ ସାଧାରଣ ଦର୍ଶନ ଆଜି ଦିନକ ପାଇଁ ବନ୍ଦ ରହିଛି । ତେବେ ଶ୍ରୀମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ଯଥାବିଧି ଜାରୀ ରହିଛି । ସେବାୟତ ମାନେ ଧାର୍ଯ୍ୟ ସମୟ ଅନୁଯାୟୀ ନୀତିକାନ୍ତି ସମାପନ କରୁଛନ୍ତି । ଗତ ୨୧ ତାରିଖ ଠାରୁ ବିନା କୋଭିଡ୍ ରିପୋର୍ଟରେ ଶ୍ରଦ୍ଧାଳୁ ମାନେ ଶ୍ରୀଜୀଉଙ୍କ ଦର୍ଶନ କରୁଛନ୍ତି । କରୋନା ମହାମାରୀକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର କାର୍ଯ୍ୟାଳୟର ସ୍ପେଶିଆଲ ଅପରେଟିଙ୍ଗ ପ୍ରୋସିଜ୍ୟୁର (ଏସଓପି) ଅନୁଯାୟୀ ଫେବୃୟାରୀ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତି ରବିବାର ଶ୍ରୀମନ୍ଦିର ଭିତର ଓ ବାହାର ସାନିଟାଇଜ୍ କରିବା ପାଇଁ ନିଷ୍ପତି ହୋଇଥିଲା । ସାନିଟାଇଜ୍ ପରେ ଆସନ୍ତା କାଲି ଠାରୁ ପୁଣି ଥରେ ଯଥାବିଧି ଭକ୍ତ ମାନେ ବିନା କରୋନା ରିପୋର୍ଟରେ ତିନି ଠାକୁରଙ୍କୁ ଦର୍ଶନ କରିପାରିବେ ।

## ଅଲିସା ଡାଇଗ୍ନୋଷ୍ଟିକ୍ସ ସେଣ୍ଟରରେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା



ବାଲେଶ୍ୱର,୦୭।୦୨ (ନି.ପ୍ର): ଦେଶର ଅଗ୍ରଣୀ ଔଷଧ ନିର୍ମାତା 'ମ୍ୟାନକାଇଣ୍ଡ ଫାର୍ମା'ର ଅନ୍ୟତମ ଶାଖା 'ପାଥୋ କାଇଣ୍ଡ' ପକ୍ଷରୁ ବାଲେଶ୍ୱର ସହରର ଆଲିସା ଡାଇଗ୍ନୋଷ୍ଟିକ୍ସ ସେଣ୍ଟରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ସାଧନା ମେଡିକାଲ ଷ୍ଟୋର ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଡାକ୍ତର ଦୀପକ ରଂଜନ ପାଲ, ଡାକ୍ତର ଆର କେ ଗୋଏଙ୍କା, ଡାକ୍ତର ବିବେକାନନ୍ଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ରୋଗର ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଡାଇଗ୍ନୋଷ୍ଟିକ୍ସ ସେଣ୍ଟର ପକ୍ଷରୁ ବ୍ଲଡ ସୁଗାର, କୋଲେଷ୍ଟ୍ରୋଲ, ଟିଏସଏଚ ପ୍ରଭୃତି ନିଃଶୁଳ୍କ ପରୀକ୍ଷା କରାଯାଇଥିଲା । ଆଲିସା ଡାଇଗ୍ନୋଷ୍ଟିକ୍ସର ମୁଖ୍ୟ ସନ୍ଦୀପ ସାହୁ ଏଥିରେ ଉପସ୍ଥିତ ରହି ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଆୟସକାନ୍ତି ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଆୟୋଜିତ ଶିବିରକୁ ନାରାୟଣ ସାହୁ, ମଳୟ ପାଢ଼ୀ, ଦେବାଶିଷ ବେହେରା, ସସ୍ମିତା ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

## ଗାନ୍ଧିଜୀଙ୍କର ଭଦ୍ରକକୁ ପ୍ରଥମ ଆଗମନର ଶତବାର୍ଷିକୀ ସ୍ମୃତି ବର୍ଷ ସାରା ପାଳନ ନିଷ୍ପତ୍ତି




ଭଦ୍ରକ,୦୭।୦୨ (ନି.ପ୍ର): ଜାତିର ଜନକ ମହାତ୍ମା ଗାନ୍ଧୀ ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ ଅବସରରେ ଭଦ୍ରକକୁ ୧୯୨୧ ମସିହା ମାର୍ଚ୍ଚ ୨୫ ତାରିଖରେ ପତ୍ନୀ କସ୍ତୁରବା ଓ ପୁତ୍ର ଦେବଦାସଙ୍କ ସହ ଭଦ୍ରକରେ ପହଞ୍ଚି ଓକିଲ ଓ ବ୍ୟବସାୟୀମାନଙ୍କ ସହ ଭିନ୍ନଭିନ୍ନ ସଭାରେ ଅସହଯୋଗ ଆନ୍ଦୋଳନ ସଂକ୍ରାନ୍ତରେ ଆଲୋଚନା କଲା ପରେ ସନ୍ଧ୍ୟାରେ ପ୍ରସିଦ୍ଧ ଗାନ୍ଧି ପଡ଼ିଆଠାରେ ଏକ ସାଧାରଣ ସଭାରେ ବିଶାଳ ଜନସମାବେଶକୁ ଉଦ୍‌ବୋଧନ ଦେଇଥିଲେ । ଗାନ୍ଧିଜୀଙ୍କ ଭଦ୍ରକ ଆଗମନ ପରେ ଦେଶ ତଥା ଭଦ୍ରକ ଜିଲ୍ଲାରେ ଜାତୀୟ ମୁକ୍ତି ସଂଗ୍ରାମ ଶାଣିତ ହୋଇଥିଲା । ଉକ୍ତ ପ୍ରଥମ ଆଗମନର ଶତବାର୍ଷିକ ସ୍ମୃତି ପାଳନ ଉଦ୍ଦେଶ୍ୟରେ ଭଦ୍ରକ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଏହି ବୈଠକରେ ଜିଲ୍ଲାରେ ଗାନ୍ଧିଜୀଙ୍କ ଆଦର୍ଶକୁ ଭଲ ପାଉଥିବା ବ୍ୟକ୍ତି ଓ ସଂଗ୍ରାମୀମାନଙ୍କର ଦାୟାଦମାନଙ୍କୁ ନେଇ ଏକ ସ୍ମୃତି କମିଟି ଗଠନ କରିବା ସଂଗେ ସଂଗେ ୨୦୨୧ ମାର୍ଚ୍ଚ ୨୫ ଠାରୁ ୨୦୨୦ ମସିହା ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ବର୍ଷ ବ୍ୟାପୀ କାର୍ଯ୍ୟକ୍ରମର ଏକ ଯୋଜନା ପ୍ରସ୍ତୁତ କରାଯାଇଛି । ଉକ୍ତ ବୈଠକରେ ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ସଭାପତି ଇଂ ଅଖିଳ କୁମାର ପାଢ଼ୀ, ସମ୍ପାଦକ ତୁଷାରକାନ୍ତି ମହାନ୍ତି, ଏସ୍.ଏମ୍. ଫାରୁକ, ସୀତାକାନ୍ତ ଦାସ, ଆଡଭୋକେଟ ପବନ ଶର୍ମା, ପ୍ରଫେସର ସଂଗ୍ରାମ କେଶରୀ ମହାନ୍ତି, ହରି ପ୍ରସାଦ ନନ୍ଦୀ, ଜାହିର ଖାଁ, ମହମ୍ମଦ ସାହେବୁର ରହେମାନ, ଖ୍ୱାଜା ସକ୍‌ଲେନ୍ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ମତାମତ ଉପସ୍ଥାପନ କରିଥିଲେ ।

## ବିଶ୍ୱ କଲ୍ୟାଣର ବାର୍ତ୍ତା ବାଣ୍ଟୁଥିବା ସାଇକେଲ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୦୭।୦୨ (ନି.ପ୍ର): ବିଶ୍ୱ କଲ୍ୟାଣ ଓ ବସୁଧୈବ କୁଟୁମ୍ବକମ୍'ର ବାର୍ତ୍ତା ନେଇ ଭୁବନେଶ୍ୱରରୁ ସାଇକେଲ ଯାତ୍ରାରେ ବାହାରିଥିବା ଉଦୀୟମାନ ଯୁବକ ମାନବ ଭାଗରିଆଙ୍କୁ ବାଲେଶ୍ୱରରେ ରବିବାର ଦିନ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଗତ ୩ ତାରିଖରୁ ସାଇକେଲରେ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିଥିବା ଶ୍ରୀ ଭାଗରିଆ କୋଲକାତା ଯିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ଯାତ୍ରାରେ ଏକାଧିକ ସହରର ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ସଚେତନା ସୃଷ୍ଟି ଦିଗରେ ସେ ଗୁରୁତ୍ୱ ଦେଇ ଚାଲିଛନ୍ତି ବୋଲି ପ୍ରକାଶ କରିଛନ୍ତି । ବିଶେଷ କରି ବିକାଶଶୀଳ ଭାରତରେ ଯୁବ ଶକ୍ତିର ଉତ୍ତମ ନିୟୋଜନ ଉପରେ ସେ ଫୋକସ କରିଛନ୍ତି । ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଭାବେ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇ ଚାଲିଛନ୍ତି । ଆସନ୍ତା ୧୪ ତାରିଖରେ ସେ କୋଲକାତାରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି । ତାଙ୍କର ଏହି ଯାତ୍ରା ସଫଳତା ପରେ ସେ ଦେଶର ଅନ୍ୟାନ୍ୟ ସହରକୁ ମଧ୍ୟ ସାଇକେଲରେ ଯିବା ପାଇଁ ମନସ୍ଥ କରିଥିବା ଶ୍ରୀ ଭଗରିଆ ସୂଚନା ଦେଇଛନ୍ତି । ଏହି ଅବସରରେ ବାଲେଶ୍ୱରର ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହ ତାଙ୍କର ସଫଳ ଯାତ୍ରା କାମନା କରାଯାଇଛି ।

## ଗଣଶିକ୍ଷା ମନ୍ତ୍ରୀଙ୍କ ୟୁନିଭରସିଟି ହାଇସ୍କୁଲକୁ ଅଚାନକ ଗସ୍ତ

ଭୁବନେଶ୍ୱର,୦୭।୦୨ (ନି.ପ୍ର): ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ରବିବାର ଦିନ ବାଣୀବିହାର ସ୍ଥିତ ୟୁନିଭରସିଟି ହାଇସ୍କୁଲକୁ ଅଚାନକ ଗସ୍ତ କରିଥିଲେ । ରବିବାର କିପରି ପାଠପଢା ଚାଲିଛି ମନ୍ତ୍ରୀ ତାର ଅନୁଧ୍ୟାନ କରିଥିଲେ । ରବିବାର ସତ୍ତ୍ୱେ ଉପସ୍ଥାନ ୫୦ ପ୍ରତିଶତରୁ ଅଧିକ ରହୁଥିବାରୁ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ବିଶେଷ କରି ଆସନ୍ତାକାଲି ନବମ ଓ ଏକାଦଶ ଶ୍ରେଣୀ ପାଠ ପଢା ଆରମ୍ଭ ହେବାକୁ ଯାଉଥିବାରୁ ତାର ସମୀକ୍ଷା କରିଛନ୍ତି ଗଣଶିକ୍ଷା ମନ୍ତ୍ରୀ । ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଏସଓପି ଆଧାରରେ ସ୍କୁଲ ଖୋଲିବ । ରବିବାର ଦିନ ଶିକ୍ଷାଦାନ ହେଉଥିବାରୁ ଶିକ୍ଷକମାନେ ଚାପରେ ରହୁଛନ୍ତି ।

## ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ : ପଡ଼ୋଶୀଙ୍କ ଆକ୍ରମଣରେ ଯୁବକ ମୃତ

ଧର୍ମଗଡ଼,୦୭।୦୨ (ନି.ପ୍ର): ସାମାନ୍ୟ ବଚସାକୁ କେନ୍ଦ୍ର କରି ଘଟିଯାଇଛି ହତ୍ୟାକାଣ୍ଡ । ପଡ଼ୋଶୀ ଘର ଲୋକଙ୍କ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟିଛି । ଆଜି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଖଇରପଦର ପଚାଂୟତ ଅନ୍ତର୍ଗତ ଖଇରପଦର ଗାଁରେ ଘଟିଯାଇଛି ଏଭଳି ଏକ ନୃସଂଶ ହତ୍ୟାକାଣ୍ଡ । ଖବର ପାଇ ଧର୍ମଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ମୟୂରଭଞ୍ଜ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ କୋଭିଡ-୧୯ ଟିକାକରଣ କାର୍ଯ୍ୟକ୍ରମ



ବାରିପଦା,୦୭।୦୨ (ନି.ପ୍ର): ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ଅନୁସାରେ ମୟୂରଭଞ୍ଜ ଜିଲ୍ଲାରେ ୨ୟ ପର୍ଯ୍ୟାୟ କୋଭିଡ-୧୯ ଟୀକାକରଣ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାସିଲିଟେସନ୍ କେନ୍ଦ୍ର, ସଂରକ୍ଷିତ ଆରକ୍ଷୀ ନରୀକ୍ଷକ ଓ ପଂଚମ ବାଟାଲିୟନ ଲକ୍ଷ୍ମୀପୋଷୀ ଏବଂ ୨୬ ଟି ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ମୋଟ ୨୯ ଟି ଟୀକାକରଣ କେନ୍ଦ୍ରରେ ଆନୁଷ୍ଠାନିକ ଭାବେ ତା ୦୬/୦୨/୨୦୨୧ରିଖ ପୂର୍ବାହ୍ନରେ ଶୁଭାରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ଜରୁରୀ ବିଭାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାସିଲିଟେସନ୍ କେନ୍ଦ୍ର ଠାରେ ଆୟୋଜିତ ୨ୟ ପର୍ଯ୍ୟାୟ କୋଭିଡ-୧୯ ଟୀକାକରଣ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ଭା.ପ୍ର.ସେ ଓ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ ସ୍ମିଥ୍.ପି ପାରମାର୍ ଭା.ପୁ.ସେ. ପ୍ରମୁଖ ଯୋଗ ଦେଇ ଟୀକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର୍ ଟୀକା ନେବାପରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ, ବାରିପଦା ପି. ଅନ୍ନେଷା ରେଡ୍ଡୀ, ଭା.ପ୍ର.ସେ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି ଓ ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ବେହେରା, ପିଡିଡିଆରଡିଏ ଭବେଶ କୁମାର ନାୟକ, ଜିଲ୍ଲାଜରୁରୀ ଅଧିକାରୀ ସୁଜୟ କୁମାର ପତି ପ୍ରମୁଖଙ୍କ ସମେତ ସଂପୃକ୍ତ ବିଭଗ ପଦାଧିକାରୀ / କର୍ମଚାରୀ ମାନେ ଟୀକା ନଇେଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ରୂପଭାନୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ କୋଭିଡ ଟୀକାକରଣ କାର୍ଯ୍ୟକ୍ରମରେ ଜିଲ୍ଲା କୋଭିଡ ନୋଡାଲ ଅଧିକାରୀ ଡ଼ା ଜ୍ଞାନ ରଞ୍ଜନ ମହାନ୍ତି, ଡିପିଏମ୍ ଏନ୍ଆର୍ଏଚ୍ଏମ୍ ପି ପି ପତି, ହସ୍ପିଟାଲ୍ ମ୍ୟାନେଜର ସମୀର ମହାପାତ୍ର, ସମ୍ପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ କୋଭିଡ-୧୯ ଟୀକାକରଣ ପାଇଁ ନିୟମାନିର୍ଦ୍ଦେଶାବଳୀନୁସାରେ ମୟୂରଭଞ୍ଜ ଜିଲ୍ଲାରୁ ୭,୨୦୦ ପଞ୍ଜିକୃତ ଆଗ ଧାଡ଼ିରେ ରହି କୋଭିଡ ପରିଚାଳନା କରୁଥିବା ସଂପୃକ୍ତ ବିଭିନ୍ନ ବିଭାଗର ଯଥା ବିପର୍ଯ୍ୟୟ ପରିଚାଳନା ଓ ରାଜସ୍ୱ / ପୋଲିସ / ଅଗ୍ନିଶମ / ପୌରକର୍ମଚାରୀ / ବ୍ଲକ କର୍ମଚାରୀ / ପଂଚାୟତ ଅନୁଷ୍ଠାନର ସଦସ୍ୟ ସଦସ୍ୟା ମାନଙ୍କୁ ଟୀକା ଦେବାର ବ୍ୟବସ୍ଥା କରାଯାଇଛି ।

## ଆକାଂକ୍ଷା ଆନୁଆଲ ସ୍ପୋର୍ଟ୍ସ, ଔପଦା-ଗଣ୍ଡିବେଡ ବିଜୟୀ



ଖଇରା,୭।୨(ନିପ୍ର) ଖଇରା ଉପଖଣ୍ଡରେ ବିଦ୍ୟୁତ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଆକାଂକ୍ଷା ପାୱାରର ଆନୁଆଲ ସ୍ପୋର୍ଟ୍ସ ମିଟ ରବିବାର ଦିନ ପଳସା ମିନି ଷ୍ଟାଡିୟମରେ ଅନୁଷ୍ଠଯଠିତ ହୋଇ ଯାଇଛି । ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ରାଜ୍ୟ ସୂଚନା ପ୍ରଯୁକ୍ତି,କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଫାଇନାଲ ମ୍ୟାଚରେ ଔପଦା-ଗଣ୍ଡିବେଡ ଟିମ ଡୁଙ୍ଗୁରା-କୁପାରୀ ଟିମକୁ ୬ଉଇକେଟରେ ପରାସ୍ତ କରିଥିଲା । ରବିନ୍ଦ୍ର ବିଶ୍ୱାଳ ଓ ବିମନ ବାରିକ ମ୍ୟାଚ ପରିଚାଳନା କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଟ୍ରିମ୍ୟାନ ଭାବେ ପରିଚିତ ବିଜୟ କୁମାର ବିଜୟ କୁମାର ଜେନା,ଆକାଂକ୍ଷାର ପରିଚାଳନା ନିର୍ଦ୍ଦେଶକ ବିପିନ ଦାସମହାପାତ୍ର,ସରପଞ୍ଚ ପଙ୍କଜିନୀ ଦାସମହାପାତ୍ର,ପ୍ରକଳ୍ପ ମୁଖ୍ୟ ସୁଶିଲ ସାମଲ,କାର୍ତ୍ତୀକ ଚନ୍ଦ୍ର ଚାନ୍ଦ,ଅଶୋକ ଦାସମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଜୟୀ ଟିମକୁ ଟ୍ରଫି ପ୍ରଦାନ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo